

www.hiranchal.in
www.hiranchallive.in
HiranchalLive
@hiranchallive

ଯା ଦେବୀ ସର୍ବଭୂତେଷୁ
ଶକ୍ତିରୂପେଣ ସଂସ୍ଥିତା
ନମଃତସ୍ୟୈ ନମଃତସ୍ୟୈ
ନମଃତସ୍ୟୈ ନମୋନମଃ ।

# ହୀରାଞ୍ଚଳ

HIRANCHAL
PUBLISHED FROM BHUBANESWAR & SAMBALPUR

RNI Regd. No.- ODIODI/2010/40045
● Vol. XVI ●Issue -260
● ଭାଗ-୧୬ ●ସଂଖ୍ୟା-୨୬୦
● Friday 09 October, 2026
● ଶୁକ୍ରବାର ୦୯ ଅକ୍ଟୋବର, ୨୦୨୬
● Rs. 4.00 ●Pages - 08 ● Sambalpur
● ମୂଲ୍ୟ ୪.୦୦ ଟଙ୍କା ● ପୃଷ୍ଠା-୦୮ ● ସମ୍ବଲପୁର

E-mail:- thehiranchal@gmail.com




## ସିଇସି ଜ୍ଞାନେଶ କୁମାରଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା

**ନୂଆଦିଲ୍ଲୀ,୮/୧୦(ସ୍ୱ.ପ୍ର):** ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)ରେ କଥିତ ଗଡ଼ବଡ଼ିକୁ ନେଇ ସାରା ଦେଶରେ ହେଉଥିବା ବିରୋଧ ପ୍ରଦର୍ଶନ ମଧ୍ୟରେ କେନ୍ଦ୍ର ସରକାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଜେଡ୍ ପ୍ଲସ୍ ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିଛନ୍ତି । ତାଙ୍କ ବାସଭବନ, ନିର୍ବାଚନ ଆୟୋଗ କାର୍ଯ୍ୟାଳୟ ଓ ବ୍ୟକ୍ତିଗତ ସୁରକ୍ଷାରେ ମୁତୟନ ଜବାନଙ୍କ ସଂଖ୍ୟା ବଢାଇ ଦିଆଯାଇଛି । ମିଳୁଥିବା ସୂଚନା ଅନୁସାରେ ଦିଲ୍ଲୀ ଓ ଆଗ୍ରା ସ୍ଥିତ ସିଇସିଙ୍କ ବାସଭବନ ବାହାରେ ହୋଇଥିବା ପ୍ରଦର୍ଶନ ପରେ ସୁରକ୍ଷା ଏଜେନ୍ସି ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ଭାରତୀୟ ଯୁବ କଂଗ୍ରେସ ସେପ୍ଟେମ୍ବର ୨୭ ତାରିଖ ଦିନ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ତାଙ୍କ ବାସଭବନ ସମ୍ମୁଖରେ ପ୍ରଦର୍ଶନ କରିଥିଲା, ଯାହାକୁ ପୋଲିସ ଓ ସୁରକ୍ଷା କର୍ମୀ ତୁରନ୍ତ ଅଟକାଇ ଦେଇଥିଲେ । ଏହା ପରଠାରୁ ସୁରକ୍ଷା ଏଜେନ୍ସି ଏହି ପଦକ୍ଷେପ ଗ୍ରହଣ କରିଛନ୍ତି ।

## 'ପ୍ରାଇଡ୍ ମିସ୍ ଇଣ୍ଡିଆ-୨୦୨୬' ହେଲେ ଶ୍ରୀୟା



**କଟକ ୮/୧୦(ହୀ.ପ୍ର):** ଏସ୍‌ସିବି ମେଡିକାଲ କଲେଜର ଏବିଏସ୍ ଦ୍ୱିତୀୟ ବର୍ଷର ଛାତ୍ରୀ ଶ୍ରୀୟା ଶିବଦର୍ଶିନୀ ପଣ୍ଡା ଓଡ଼ିଶା ପାଇଁ ସୁନାମ ଆଣିଛନ୍ତି । ପ୍ରାଇଡ୍ ମିସ୍ ଇଣ୍ଡିଆ ୨୦୨୬ ପ୍ରତିଯୋଗିତାରେ ସେ ବିଜୟୀ ହୋଇଛନ୍ତି । ନୂଆଦିଲ୍ଲୀର ଦ୍ୱାରକା ସ୍ଥିତ ତାଜ୍ ଭିଭାନ୍ତ ଠାରେ ଏହି ଏହି ମର୍ଯ୍ୟାଦାଜନକ ମୁକୁଟ ତାଙ୍କୁ ମିଳିଛି । ତାଙ୍କ ନିଜ ଘର ଭଦ୍ରକ ଜିଲ୍ଲା ବନ୍ତ ସାହାଡ଼ାଗଡ଼ିଆ ଅଞ୍ଚଳରେ ହୋଇଥିଲେ ହେଁ ସେ ବାପା ଡାକ୍ତର ତ୍ରିନାଥ ପଣ୍ଡା ଓ ମାଆ ମିନତି ପଣ୍ଡାଙ୍କ ସହ ଭୁବନେଶ୍ୱରରେ ରହୁଛନ୍ତି । ଜାତୀୟ ସ୍ତରରେ ହେଉଥିବା ଏହି ପ୍ରାଇଡ୍ ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ କଷ୍ଟୁମ ରାଉଣ୍ଡ,ଟ୍ୟାଲେଣ୍ଟ ରାଉଣ୍ଡରେ ଦେଶରେ ସେ ବହୁ ପ୍ରତିଭାଙ୍କୁ ଶ୍ରୀୟା ପଛରେ ପକାଇଥିଲେ । ଏଥିରେ ସେ ଓଡ଼ିଆଙ୍କ ସଂସ୍କୃତି ଓ ଓଡ଼ିଶୀ ପୋଷାକ ପରିଧାନ କରି ଚମତ୍କାର କଳା ପ୍ରଦର୍ଶନ କରିଥିଲେ । ଏହି ପ୍ରତିଯୋଗିତା କେବଳ ସୁନ୍ଦର ରୂପ ଚର୍ଯ୍ୟାକୁ ନେଇ ନ ଥିଲା ବୋଲି ଶ୍ରୀୟା କହିଛନ୍ତି । ବିଶେଷକରି ଏଥିରେ ଟ୍ୟାଲେଣ୍ଟ ରାଉଣ୍ଡରେ ବହୁ ଗୁରୁତ୍ୱ ଦିଆଯାଇଥିଲା ।

# ରାଜ୍ୟରେ ଓଡ଼ିଶା ବନ୍ଦ ଶାନ୍ତିପୂର୍ଣ୍ଣ

**ଭୁବନେଶ୍ୱର,୮ ।୧୦(ହୀ.ପ୍ର):** ଗୁରୁବାର ସକାଳୁ ସକାଳୁ ସାରା ଓଡ଼ିଶାରେ 'ଓଡ଼ିଶା ବନ୍ଦ' ଡାକରାର ପ୍ରଭାବ ଦେଖିବାକୁ ମିଳିଛି । ୪ଦଫା ଦାବିରେ କଂଗ୍ରେସ ସହ ୯ଟି ବିରୋଧି ଦଳ ଏହି ଡାକରାରେ ସାମିଲ ହୋଇଛନ୍ତି । ଫଳରେ ବସ,ଅଟୋ ଓ ଟ୍ରେନ ସେବା ପ୍ରଭାବିତ ହୋଇଛି । ରାଜପଥ ଉପରେ ଶହ ଶହ ଗାଡ଼ି ଅଟକି ରହିଥିବା ବେଳେ ଯାତ୍ରୀମାନେ



ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ମାଷ୍ଟର କ୍ୟାଣ୍ଟିନ ଛକରେ କଂଗ୍ରେସ ପକ୍ଷରୁ ପିକେଟିଂ କରାଯାଇଛି । ଏହି ବନ୍ଦ ଡାକରା ଯୋଗୁ ଘରୋଇ ଅନୁଷ୍ଠାନ,ବ୍ୟବସାୟ ପ୍ରତିଷ୍ଠାନ ଆଦି ବନ୍ଦ ରହିଛି । ବିଭିନ୍ନ ସ୍ଥାନରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି । ଏମଏମଡିଆର ବିଲ୍ ପ୍ରତ୍ୟାହାର,ଇସିଆଇଙ୍କ ଇସ୍ତଫା ଆଦି ବିଭିନ୍ନ ଦାବି ନେଇ 'ଇଣ୍ଡି' ମେଣ୍ଟ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି ।

ବନ୍ଦ ପାଳନରେ ସିପିଆଇ,ସିପିଆଇ(ଏମ୍),ସିପିଆଇ(ଏମ୍‌ଏଲ), ଏନସିପି, ଫରୱାର୍ଡ ବ୍ଲକ, ସମାଜବାଦୀ ପାର୍ଟି, ଆରଜେଡି,ଜେଏମଏମ୍ ସାମିଲ ହେବ । ବନ୍ଦ ବେଳେ ଦୋକାନ, ବଜାର ଓ ବାଣିଜ୍ୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା । ସରକାରୀ ଓ ବେସରକାରୀ(ପୃଷ୍ଠା-୮ଦେଖନ୍ତୁ)

# ନିରବିଗଲେ ବଲିଉଡର 'କ୍ରାନ୍ତିବୀର'

## ହୃଦଘାତରେ ନାନା ପାଟେକରଙ୍କ ଦେହାନ୍ତ



**ନୂଆଦିଲ୍ଲୀ,୮/୧୦(ସ୍ୱ.ପ୍ର):** ଆଉ ନାହାନ୍ତି ବଲିଉଡର ଭିନ୍ନ ଅନ୍ଦାଜ ଓ ଅଗ୍ନିବର୍ଷୀ ଅଭିନେତା ନାନା ପାଟେକର । ୭୫ ବର୍ଷ ବୟସରେ ଆଜି ସମସ୍ତଙ୍କୁ ଅଲବିଦା କରିଛନ୍ତି । ଡୋନା ପାଉଲାର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଦେହାନ୍ତ ହୋଇଛି । ସେ ଗୋଆର ଡୋନା ପାଉଲାରେ ଥିବା ତାଙ୍କ ଘରେ ଅଚେତ

### ଅଗ୍ନିବର୍ଷୀ ସଂଳାପ ଓ ଦମଦାର ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା

### ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ଅବସ୍ଥାରେ ମିଳିଥିଲେ ଏବଂ ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କୁହାଯାଉଛି ଯେ ନାନା ପାଟେକରଙ୍କ ହୃଦଘାତ ହୋଇଥିଲା, ଯାହା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହସ୍ପିଟାଲକୁ ନିଆଯିବା ପରେ, ଡାକ୍ତରମାନେ ପ୍ରାୟ ୪୫ ମିନିଟ୍ ପର୍ଯ୍ୟନ୍ତ ତାଙ୍କୁ ପୁନର୍ଜୀବିତ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ କୌଣସି ପ୍ରତିକ୍ରିୟା ମିଳିନଥିଲା । ହିନ୍ଦୀ ସିନେମାର ଶ୍ରେଷ୍ଠ ଅଭିନେତାମାନଙ୍କ ମଧ୍ୟରେ ନାନା ପାଟେକରଙ୍କୁ ଗଣାଯାଏ । ସେ ୧୯୭୮ରେ ଅଭିନୟ ଆରମ୍ଭ କରିଥିଲେ ଏବଂ ତାଙ୍କର ପ୍ରଥମ ଚଳଚ୍ଚିତ୍ର ଥିଲା ଗମନ୍ । କିନ୍ତୁ, ୧୯୮୬ ରେ ମୁକ୍ତିଲାଭ କରିଥିବା ଅଙ୍କୁଷ ତାଙ୍କୁ ମାନ୍ୟତା ଦେଇଥିଲା । ସେ ତାଙ୍କ କ୍ୟାରିୟରରେ ହିନ୍ଦୀ ଫିଲ୍ମ ବ୍ୟତୀତ ମରାଠୀ ସିନେମାରେ ମଧ୍ୟ କାମ କରିଥିଲେ । ପରିନ୍ଦା, ତ୍ରିରଙ୍ଗା, କ୍ରାନ୍ତିବୀର ଏବଂ ଖାମୋଶି ଭଳି ଫିଲ୍ମ ମାଧ୍ୟମରେ ସେ ଦର୍ଶକଙ୍କ ହୃଦୟରେ ସ୍ଥାନ ପାଇଥିଲେ ଏବଂ ତାଙ୍କର ଅଭିନୟ ଶକ୍ତି ପ୍ରମାଣ କରିଥିଲେ । ତାଙ୍କ କ୍ୟାରିୟରରେ ସେ କେବଳ ଗମ୍ଭୀର ନୁହଁନ୍ତି ହାସ୍ୟ ଏବଂ ନକାରାତ୍ମକ ଚରିତ୍ରରେ ମଧ୍ୟ ଅଭିନୟ କରିଥିଲେ । ପରିନ୍ଦାରେ ଜଣେ ଗ୍ୟାଙ୍ଗଷ୍ଟରର ଚରିତ୍ର ତାଙ୍କୁ ଇଣ୍ଡଷ୍ଟ୍ରିରେ ପ୍ରତିଷ୍ଠିତ କରିଥିଲା ଏବଂ ତା'ପରେ ସେ ପ୍ରହର , ତ୍ରିରଙ୍ଗା ଏବଂ କ୍ରାନ୍ତିଭର ଭଳି ଫିଲ୍ମରେ ଆକ୍ସନ୍ ଅବତାର ପ୍ରଦର୍ଶନ କରିଥିଲେ । ସେ ୨୦୨୫ ମସିହାରେ 'ହାଉସଫୁଲ ୫'ରେ ଅକ୍ଷୟ କୁମାର, ରିତେଶ ଦେଶମୁଖ, ଅଭିଷେକ ବଚ୍ଚନ, ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ, ଚିତ୍ରାଙ୍ଗଦା ସିଂହ ଏବଂ ନର୍ଗିସ ଫଖରୀଙ୍କ ପରି କଳାକରଙ୍କ ସହ ନଜର ଆସିଥିଲେ । ଏହା ପରେ, ନାନା ପାଟେକର ଶାହିଦ କପୁରଙ୍କ ଅଭିନୀତ 'ଓ ରୋମିଓ' ଏବଂ ଅନିଲ କପୁରଙ୍କ (ପୃଷ୍ଠା-୮ଦେଖନ୍ତୁ)

# ମାତୃ ମୃତ୍ୟୁହାର ସର୍ବନିମ୍ନ ସ୍ତରକୁ ଆଣିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଉଚ୍ଚସ୍ତରୀୟ 'ପ୍ରୟାସ ବୈଠକ

**ଭୁବନେଶ୍ୱର,୮ ।୧୦(ହୀ.ପ୍ର):** ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟର ସାମାଜିକ କ୍ଷେତ୍ରର ସମସ୍ୟା ସମାଧାନ ଏବଂ ଉନ୍ନତି ନିମନ୍ତେ ଏକ ଉଚ୍ଚସ୍ତରୀୟ 'ପ୍ରୟାସ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସାମାଜିକ କ୍ଷେତ୍ରର ବିଭିନ୍ନ ଜଟିଳ ସମସ୍ୟାଗୁଡ଼ିକୁ ତୃଣମୂଳ ସ୍ତରରେ ଅନୁଧ୍ୟାନ କରି ସେଗୁଡ଼ିକର ସ୍ଥାୟୀ ତଥା ତ୍ୱରିତ ସମାଧାନ ପାଇଁ ଏକ ସୁଦୃଢ଼ ଓ ଗଠନମୂଳକ ପ୍ଲାଟଫର୍ମର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

ଏହି ବୈଠକରେ ମୁଖ୍ୟତଃ ତିନୋଟି ପ୍ରମୁଖ ବିଭାଗ ଯଥା- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକାରିତାକୁ ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା । ବୈଠକରେ,ସ୍ୱାସ୍ଥ୍ୟ,ପୁଷ୍ଟିସାଧନ ଏବଂ ଗୁଣାତ୍ମକ ଶିକ୍ଷା- ଏହି ତିନୋଟି କ୍ଷେତ୍ର ମାଧ୍ୟମରେ ହିଁ ଏକ ମଜବୁତ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ସଂପୃକ୍ତ ବିଭାଗଗୁଡ଼ିକୁ ଅଧିକ ତତ୍ପର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ସହ ଜଡ଼ିତ ଏହି କ୍ଷେତ୍ରଗୁଡ଼ିକର କାର୍ଯ୍ୟଦକ୍ଷତାକୁ ଆହୁରି ଉନ୍ନତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ବୈଠକରେ ମାତୃ ମୃତ୍ୟୁ ହାରକୁ ସର୍ବନିମ୍ନ ସ୍ତରକୁ ଆଣିବା ପାଇଁ ସ୍ୱାସ୍ଥ୍ୟ(ପୃଷ୍ଠା-୮ଦେଖନ୍ତୁ)

## ଜିଏସଟି କାଉନସିଲର ଐତିହାସିକ ନିଷ୍ପତ୍ତି

# ସଙ୍କୁଚିତ ହେଲା ଅଧିକାରୀଙ୍କ ଗିରଫ କ୍ଷମତା

**ନୂଆଦିଲ୍ଲୀ,୮ ।୧୦(ସ୍ୱ.ପ୍ର):** ବ୍ୟବସାୟୀ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ବଡ଼ ଆଶ୍ୱସ୍ତି ଆଣିଛି ୫୭ତମ ଜିଏସଟି କାଉନସିଲ ବୈଠକ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବୈଠକରେ ଜିଏସଟି ନିୟମକୁ ସରଳ କରିବା ସହ ବ୍ୟବସାୟୀଙ୍କୁ ଅନାବଶ୍ୟକ ଆଇନଗତ ଜଟିଳତାରୁ ମୁକ୍ତି ଦେବା ଦିଗରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ବୈଠକର ଏକ ବଡ଼ ନିଷ୍ପତ୍ତି ହେଉଛି ଯେ ଜିଏସଟି ଅଧିକାରୀଙ୍କ ଗିରଫ କ୍ଷମତାକୁ ସୀମିତ କରାଯିବ । ନିର୍ଦ୍ଦିଷ୍ଟ ମାମଲାରେ ଅଧିକାରୀମାନଙ୍କୁ ସିଧାସଳଖ ଗିରଫ କରିବାର ଅଧିକାର ଉପରେ ଅଙ୍କୁଶ ଲଗାଯାଇଛି । ଫଳରେ, ସାଧାରଣ କିମ୍ବା ଅଜାଣତରେ ହୋଇଥିବା ଭୁଲ ପାଇଁ ବ୍ୟବସାୟୀଙ୍କ ବିରୋଧରେ କଠୋର ଅପରାଧିକ କାର୍ଯ୍ୟାନୁଷ୍ଠାନର ଆଶଙ୍କା କମିବ । ଜିଏସଟି କାଉନସିଲରେ ଅପରାଧିକ ମାମଲା ଆରମ୍ଭ କରିବାର ସୀମାକୁ ୧ କୋଟି ଟଙ୍କାରୁ ବଢ଼ାଇ ୫ କୋଟି ଟଙ୍କା କରିବାକୁ ଅନୁମୋଦନ ଦିଆଯାଇଛି । ଅର୍ଥାତ୍ ୫ କୋଟି ଟଙ୍କାରୁ ଅଧିକ ଟିକସ ଚୋରି କିମ୍ବା ଠକେଇ ଅଭିଯୋଗ ନଥିଲେ, ଅପରାଧିକ ମାମଲା ଆରମ୍ଭ କରିବାର ପ୍ରକ୍ରିୟା ହେବ ନାହିଁ । ଗୁରୁତର ଠକେଇ ଏବଂ ସାଧାରଣ ଭୁଲ ମଧ୍ୟରେ ପାର୍ଥକ୍ୟ କରିବା ଏହି




### ଛୋଟ ଭୁଲରେ ଗିରଫ ହେବେନି ବ୍ୟବସାୟୀ

ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ । ବୈଠକରେ ଇ-କମର୍ସ ଏବଂ ଛୋଟ ବିକ୍ରେତାଙ୍କ ପାଇଁ ଜିଏସଟି ନିୟମକୁ ସରଳ କରିବା ଉପରେ ମଧ୍ୟ ଜୋର ଦିଆଯାଇଛି । ଏହା ଅଧୀନରେ ଶୋ-କଜ୍ ନୋଟିସ୍ ଜାରି କରିବା ପାଇଁ ସର୍ବନିମ୍ନ ୧୦ ହଜାର ଟଙ୍କାର ସୀମା ଧାର୍ଯ୍ୟ କରିବା ଭଳି ପଦକ୍ଷେପ ଉପରେ ସହମତି ହୋଇଛି । ଏହା ଦ୍ୱାରା ଛୋଟ ବ୍ୟବସାୟୀଙ୍କୁ ଛୋଟ ଛୋଟ ମାମଲାରେ ଅନାବଶ୍ୟକ ନୋଟିସ୍‌ର ସାମ୍ନା କରିବାକୁ ପଡ଼ିବ ନାହିଁ । ନୂଆ ସଂସ୍କାର ଦ୍ୱାରା ବଜାରରେ ନଗଦ ପ୍ରବାହ ବଢ଼ିବା ସହ ପ୍ରକୃତ ଟିକସଦାତାମାନେ ଭୟମୁକ୍ତ ଭାବେ ବ୍ୟବସାୟ ଆଗକୁ ବଢ଼ାଇପାରିବେ ବୋଲି ଆଶା କରାଯାଉଛି । ୫୭ତମ ଜିଏସଟି କାଉନସିଲ ବୈଠକର ଏହି ନିଷ୍ପତ୍ତିଗୁଡ଼ିକ ବ୍ୟବସାୟୀ ଓ ଏମଏସଏମଇ କ୍ଷେତ୍ର ପାଇଁ ନିୟମ ପାଳନକୁ ସରଳ କରିବା ସହ ଅନାବଶ୍ୟକ ଆଇନଗତ ଚାପ କମାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି ।

### ଅବଢା ଯୋଜନାରେ ନୂଆ ପ୍ରକଳ୍ପ

## ଅତିରିକ୍ତ ୧୦୧ କୋଟିର ବ୍ୟୟବରାଦ

**ଭୁବନେଶ୍ୱର,୮ ।୧୦(ହୀ.ପ୍ର):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅବଢା ଯୋଜନା ଅଧୀନରେ ପୁରୀରେ କାର୍ଯ୍ୟକାରୀ ହେଉଥିବା ଜଗନ୍ନାଥବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର,ମାର୍କେଟ କଂପ୍ଲକ୍ସ,ଶ୍ରୀସେତୁ ତଥା ମୁସା ନଦୀର ସଂପ୍ରସାରଣ ପ୍ରକଳ୍ପ ପାଇଁ ୬୫୮.୦୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏହା ଦ୍ୱାରା ପ୍ରକଳ୍ପ ପାଇଁ ପୂର୍ବ ଅପେକ୍ଷା ଅଧିକ ୧୦୦.୮୩ କୋଟି ଟଙ୍କା ବିନିଯୋଗ ହେବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରଭୁଙ୍କ ଧାମର ବିକାଶ ପାଇଁ ଯେତେ ଅର୍ଥ ଆବଶ୍ୟକ ନିଶ୍ଚୟ ଦିଆଯିବ । ଏଥିପାଇଁ ଅର୍ଥର ଅଭାବ ହେବ ନାହିଁ । ସୂଚନାଯୋଗ୍ୟ ଯେ,ପୁରୀରେ ଅବଢା ଯୋଜନାରେ ଜଗନ୍ନାଥ ବଲ୍ଲଭ ପିଲ୍‌ଗ୍ରିମ୍ ସେଣ୍ଟର, ମାର୍କେଟ କଂପ୍ଲେକ୍ସ,ଶ୍ରୀସେତୁ ଏବଂ ଏହା ସହିତ ମୁସା ନଦୀର ସଂପ୍ରସାରଣ ଆଦି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ପ୍ରାରମ୍ଭିକ ବଜେଟ ଅନୁଯାୟୀ, ଏଥିପାଇଁ ୫୫୭.୧୯ ଟଙ୍କା ମଞ୍ଜୁର ହୋଇଥିଲା । ତେବେ ଏହି ପ୍ରକଳ୍ପରେ ଆଉ ଅଧିକ ନିର୍ମାଣ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି । ଜେବିପିର ପଞ୍ଚମ ମହଲାରେ ୨ ହଜାର ଆସନ ବିଶିଷ୍ଟ ଏକ ମଲ୍‌ଟି ପର୍ପୋଜ୍ ହଲ୍ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହାସହିତ ପ୍ରକଳ୍ପଜନିତ ଅନ୍ୟାନ୍ୟ ଆବଶ୍ୟକତା ଯୋଗୁ ଏଥିପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିଲା । ମହାପ୍ରଭୁଙ୍କ ଅବଢା ପ୍ରସ୍ତୁତିରେ ବ୍ୟବହୃତ ହେବ ଜୈବିକ ପଦ୍ଧତିରୁ ଉତ୍ପାଦିତ ଚାଉଳ: କୃଷିର ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଛନ୍ତି ମହିଳା ।






## ଇଣ୍ଡିଆ ମୋବାଇଲ୍ କଂଗ୍ରେସ

# ଶତାଧିକ ସେବା ଏବେ ମୋବାଇଲ୍ ଫୋନ୍‌ରେ ଉପଲବ୍ଧ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୮ ।୧୦(ସ୍ୱ.ପ୍ର):** ବ୍ୟାଙ୍କ, ହସ୍ପିଟାଲ, ସରକାରୀ କାର୍ଯ୍ୟାଳୟ ଭଳି ଶତାଧିକ ସେବା ଏବେ ମୋବାଇଲ୍ ଫୋନ୍‌ରେ ଉପଲବ୍ଧ ହୋଇପାରିଛି । ଇଣ୍ଡିଆ ମୋବାଇଲ୍ କଂଗ୍ରେସ(ଆଇଏମ୍‌ସି)୨୦୨୬କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି । ସେ କହିଛନ୍ତି ଯେ, ମୋବାଇଲ୍ ଆଉ କେବଳ ଗପ ହେବା ଓ ଚାଟ୍ କରିବା ଭିତରେ ସୀମିତ ନାହିଁ । ସାଧାରଣ ଲୋକଙ୍କ ପାଖରେ ସରକାରୀ ସୁବିଧା ପହଞ୍ଚାଇବା ପାଇଁ ଏହା ସବୁଠୁ ବଡ ମାଧ୍ୟମରେ ପରିଣତ ହୋଇଛି । ଭାଷା ଓ ଦୂରତାର ପ୍ରତିବନ୍ଧକ ଶେଷ ହୋଇଛି । ଲୋକମାନଙ୍କୁ ଆଉ ଏ କାର୍ଯ୍ୟାଳୟରୁ ସେ କାର୍ଯ୍ୟାଳୟ ଦୌଡିବାକୁ ପଡୁନାହିଁ କିମ୍ବା ଧାଡିରେ ଠିଆ ହେବାକୁ ପଡୁନି । ଫଳରେ ସେମାନଙ୍କ ଉଭୟ ସମୟ ଓ ଟଙ୍କା ଉଭୟ ସଞ୍ଚୟ ହୋଇପାରୁଛି । ମୋବାଇଲ୍ ଫୋନ୍‌ର ଲାଭ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଲେ, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର

### ଡିବିଟି ଯୋଗୁ ୫ ଲକ୍ଷ କୋଟିର ବାଟମାରଣା ବନ୍ଦ ହୋଇଛି

(ଡିବିଟି) ଜରିଆରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଟଙ୍କା ଜମା କରାଯାଉଛି । ଏହାଦ୍ୱାରା ୫ ଲକ୍ଷ କୋଟି ଟଙ୍କା ବାଟମାରଣା ହେବାରୁ ବନ୍ଦ ହୋଇଯାଇଛି । ଯେଉଁମାନଙ୍କ ହାତକୁ ସେହି ଟଙ୍କା ଯିବାର ଥିଲା ସେମାନେ ମୋଦୀକୁ ପସନ୍ଦ କରୁନାହାନ୍ତି । ସେମାନେ ଯେତେ ଚିତ୍କାର କଲେ ମଧ୍ୟ ଲୋକଙ୍କ ହିତରେ କାମ କରିବାକୁ ଆମେ ସଂକଳ୍ପବଦ୍ଧ ବୋଲି



ସେ କହିଥିଲେ । ଏହି ଅବସରରେ ସେ ଆଜି ଦେହାନ୍ତ ହୋଇଥିବା ବଲିଉଡ୍ ଅଭିନେତା ନାନା ପାଟେକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ମୋଦୀ ତାଙ୍କ ବିଷୟରେ କହିଥିଲେ, ସେ ଜଣେ ଚମତ୍କାର କଳାକାର ଥିଲେ, ଯିଏ ବିଭିନ୍ନ ଚରିତ୍ର ମାଧ୍ୟମରେ ଦର୍ଶକଙ୍କ ହୃଦୟ ଜିତିଥିଲେ । ତାଙ୍କ ଜାତୀୟ ଭାବନାକୁ ପ୍ରଶଂସା କରି ସେ କହିଥିଲେ, ସେ ଜଣେ ସ୍ୱାଧୀନ ଆତ୍ମା ଥିଲେ । ତାଙ୍କ ଜୀବନ ସମ୍ପୂର୍ଣ୍ଣ ରୂପେ ତ୍ରିରଙ୍ଗାର ସମ୍ମାନ ଓ ଗୌରବ ପାଇଁ ସମର୍ପିତ ଥିଲା । ସେ ଜଣେ ସିନେମା ବିପ୍ଳବୀ ଥିଲେ । ତାଙ୍କ ତୀକ୍ଷ୍ଣ ସଂଳାପ ଓ ଶକ୍ତିଶାଳୀ ନିରବତା ସାମାଜିକ କୁସଂସ୍କାର ଓ ରାଷ୍ଟ୍ରବିରୋଧୀ ଉପାଦାନଗୁଡିକ ବିରୋଧରେ ନିରନ୍ତର ପ୍ରହାର କରୁଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଇଣ୍ଡିଆନ ମୋବାଇଲ୍ କଂଗ୍ରେସର ଏହି ଦଶମ ସଂସ୍କରଣରେ ୫ଜି,୬ଜି,ଏଆଇ,କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଓ ସେମିକଣ୍ଡକ୍ଟର ଉପରେ ଗୁରୁତ୍ୱାରୋପ କରାଯାଇଛି । ଏଥିରେ ୧୦୦ରୁ ଅଧିକ ଦେଶ,୬୦୦ରୁ ଅଧିକ ଷ୍ଟାର୍ଟଅପ୍,୫୦୦ରୁ ଅଧିକ ପ୍ରଦର୍ଶନକାରୀ ଭାଗ ନେଇଛନ୍ତି ।

**ଗୀତାବାଣୀ**

ଯେଉଁ ବ୍ୟକ୍ତି ସୁଖ,ଦୁଃଖରେ ଅବିଚଳିତ ଥାଇ ସମଭାବରେ ଆତ୍ମା ସ୍ୱରୂପରେ ଅବସ୍ଥାନ କରନ୍ତି ଓ ମାଟି, ଗୋଡ଼ି,ପଥର ସୁବର୍ଣ୍ଣାଦିରେ ଯାହାଙ୍କର ସମତୁଲ୍ୟ ଜ୍ଞାନ ତଥା ନିନ୍ଦା, ସ୍ତୁତି, ପ୍ରିୟ ଓ ଅପ୍ରିୟାଦିକୁ ସମଜ୍ଞାନ କରନ୍ତି, ସେମାନେ ଗୁଣାତୀତ ବୋଲି ଜାଣିବ ।

# ନାନା ପାଟେକର: ଏକ ଅସାଧାରଣ ଅଭିନୟ ଯାତ୍ରାର ଅବସାନ



ସୌଭାଗ୍ୟ ରଂଜନ ମହାନ୍ତି

ଭାରତୀୟ ଚଳଚ୍ଚିତ୍ର ଜଗତରେ କେତେକ ମଣିଷ ଆସନ୍ତି, ଯେଉଁମାନେ କେବଳ ଅଭିନୟ କରି ଚାଲିଯାଆନ୍ତି ନାହିଁ; ସେମାନେ ନିଜ ଅଭିନୟରେ ଏକ ଯୁଗର ଚରିତ୍ରକୁ ଧରି ରଖିଯାଆନ୍ତି, ନିଜ ସଂଳାପରେ ଏକ ସମାଜର ବେଦନାକୁ କଣ୍ଠ ଦିଅନ୍ତି ଏବଂ ନିଜ ଜୀବନରେ କଳାର ଅର୍ଥକୁ ଆହୁରି ବିସ୍ତୃତ କରିଦିଅନ୍ତି। ନାନା ପାଟେକର ସେହି ବିରଳ ମଣିଷମାନଙ୍କ ମଧ୍ୟରୁ ଜଣେ। ତାଙ୍କ ପରଲୋକ କେବଳ ଜଣେ ଅଭିନେତାଙ୍କ ବିଦାୟ ନୁହେଁ, ଏହା ଭାରତୀୟ ଅଭିନୟର ଏକ ଅଲଗା ଧାରାର ଏକ ମହାନ ପ୍ରତିନିଧିଙ୍କୁ ହରାଇବାର ଦୁଃଖ। ଆଜି, ୮ ଅକ୍ଟୋବର ୨୦୨୬, ଯେତେବେଳେ ତାଙ୍କ ବିଦାୟର ଖବର ଦେଶବାସୀଙ୍କ ହୃଦୟକୁ ଭାରାକ୍ରାନ୍ତ କରିଛି, ସେତେବେଳେ ତାଙ୍କ ଚଳଚ୍ଚିତ୍ର ଜୀବନକୁ ମନେ ପକାଇବା ଅର୍ଥ କେବଳ କିଛି ଚଳଚ୍ଚିତ୍ରର ନାମ ଉଚ୍ଚାରଣ କରିବା ନୁହେଁ; ଏହା ହେଉଛି ଭାରତୀୟ ସମାଜ, ମଣିଷର ସଂଘର୍ଷ, ଅନ୍ୟାୟ, ଅସହାୟତା, କ୍ରୋଧ, ସାହସ, ହାସ୍ୟ, ବିବେକ ଓ ମାନବିକତାକୁ ଜଣେ ଶିଳ୍ପୀ କିପରି ନିଜ ଅଭିନୟରେ ଜୀବନ୍ତ କରିପାରନ୍ତି, ତାହାକୁ ପୁଣିଥରେ ଅନୁଭବ କରିବା। ମହାରାଷ୍ଟ୍ରର ମୁରୁଦରେ ୧ ଜାନୁଆରୀ ୧୯୫୧ରେ ଜନ୍ମ ନେଇଥିବା ବିଶ୍ୱନାଥ ପାଟେକର ପରେ ସାରା ଦେଶରେ 'ନାନା ପାଟେକର' ନାମରେ ପରିଚିତ ହେଲେ। ତାଙ୍କ ଶୈଶବ ସୁବିଧାର ଆଲୋକରେ ଗଢ଼ିଉଠିନଥିଲା। ଜୀବନର କଠିନ ଅନୁଭବ ତାଙ୍କୁ ମଣିଷକୁ ନିକଟରୁ ଦେଖିବାର ଦୃଷ୍ଟି ଦେଇଥିଲା। ସେହି କାରଣରୁ ତାଙ୍କ ଅଭିନୟରେ ଅନେକ ସମୟରେ ନକଲି ଚକଚକାହଟ ଦେଖାଯାଇନଥିଲା ; ବରଂ ଦେଖାଯାଇଥିଲା ଜୀବନର କଠୋର ସତ୍ୟ। ତାଙ୍କ ଅଭିନୟର ମୂଳ ଶକ୍ତି ଥିଲା ଅନୁଭବ, ଅବଲୋକନ ଓ ମଣିଷର ମନକୁ ବୁଝିବାର କ୍ଷମତା।

ସେ ପାରମ୍ପରିକ ଅର୍ଥରେ ସବୁବେଳେ ନାୟକ ନଥିଲେ, କିନ୍ତୁ ଯେତେବେଳେ ପରଦାରେ ଆସୁଥିଲେ, ଦର୍ଶକଙ୍କ ଦୃଷ୍ଟି ତାଙ୍କ ଉପରେ ଅଟକିଯାଉଥିଲା। ଏହା ଥିଲା ତାଙ୍କ ବ୍ୟକ୍ତିତ୍ୱର ଶକ୍ତି। ଚଳଚ୍ଚିତ୍ର ଜଗତରେ ତାଙ୍କ ପ୍ରବେଶ ହୋଇଥିଲା ୧୯୭୮ର 'ଗମନ' ଚଳଚ୍ଚିତ୍ର ମାଧ୍ୟମରେ। ଆରମ୍ଭରୁ ହିଁ ସେ ପ୍ରମାଣ କରିଥିଲେ ଯେ ଅଭିନୟ ତାଙ୍କ ପାଇଁ କେବଳ ପେଶା ନୁହେଁ; ଏହା ଏକ ଅନ୍ତର୍ନିହିତ ଅଭିବ୍ୟକ୍ତି। ସେ ସଂଳାପକୁ କେବଳ କହୁନଥିଲେ, ସଂଳାପର ପଛରେ ଥିବା ମନୋଭାବକୁ ଜୀବନ୍ତ କରୁଥିଲେ। ତାଙ୍କ ଚକ୍ଷୁର ଭାଷା, ମୁହଁର ଭାବ, ଶରୀରର ଭଙ୍ଗୀ ଓ କଣ୍ଠସ୍ୱରର ଉତ୍ଥାନପତନ ମିଶି ଏକ ଚରିତ୍ରକୁ ଏମିତି ଆକାର ଦେଉଥିଲା, ଯେଉଁଥିରେ ଦର୍ଶକ କେବଳ ଅଭିନେତାଙ୍କୁ ନୁହେଁ, ଚରିତ୍ରକୁ ଦେଖୁଥିଲେ। ଏହି ଗୁଣ ତାଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରିଥିଲା। 'ପରିନ୍ଦା' ତାଙ୍କ ଅଭିନୟ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ମୋଡ଼ ଥିଲା। ଏହି ଚଳଚ୍ଚିତ୍ରରେ ତାଙ୍କ ଅଭିନୟ ଦର୍ଶକ ଓ ସମାଲୋଚକଙ୍କୁ ଏକାସାଙ୍ଗରେ ଆକର୍ଷିତ କରିଥିଲା। ତାଙ୍କ ଅଭିନୟର ତୀବ୍ରତା ଚରିତ୍ରକୁ ଭୟଙ୍କର ଓ ଜଟିଳ କରିଥିଲା, କିନ୍ତୁ ସେହି ଚରିତ୍ରର ଭିତରେ ଥିବା ମଣିଷକୁ ମଧ୍ୟ ଦର୍ଶକ ଅନୁଭବ କରିପାରିଥିଲେ। ଏହି ଚଳଚ୍ଚିତ୍ର ପାଇଁ ସେ ଜାତୀୟ ସ୍ତରର ସମ୍ମାନ ଅର୍ଜନ କରିଥିଲେ। ପରବର୍ତ୍ତୀ ସମୟରେ 'ପ୍ରହାର' ତାଙ୍କ କଳାଜୀବନର ଅନ୍ୟ ଏକ ଉଲ୍ଲେଖନୀୟ ଅଧ୍ୟାୟ ହେଲା। ଏଠାରେ ସେ ନିର୍ଦ୍ଦେଶକ ଭାବରେ ମଧ୍ୟ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ଜଣେ ସୈନିକର ମନୋଭାବ, ଶୃଙ୍ଖଳା, କର୍ତ୍ତବ୍ୟବୋଧ ଓ ଜୀବନର ଅନ୍ତର୍ଦ୍ୱନ୍ଦ୍ୱକୁ ନେଇ ତାଙ୍କ ଦୃଷ୍ଟିକୋଣ ଦେଖାଇଥିଲା ଯେ ନାନା କେବଳ ଅଭିନେତା ନୁହେଁ, ସେ ଜଣେ ଚିନ୍ତନଶୀଳ ସୃଷ୍ଟିକର୍ତ୍ତା। 'କ୍ରାନ୍ତିବୀର'ରେ ତାଙ୍କ ଅଭିନୟ ତାଙ୍କୁ ସାଧାରଣ ଲୋକଙ୍କ ମନରେ ଆହୁରି ଗଭୀର ଭାବେ ପହଞ୍ଚାଇଥିଲା। ସମାଜର ଅନ୍ୟାୟ, ଦୁର୍ନୀତି, ଅସମାନତା ଓ ନିରାଶା ବିରୋଧରେ ଜଣେ ସାଧାରଣ ମଣିଷର ରୋଷକୁ ସେ ଯେପରି ଭାବେ ପରଦାରେ ରୂପ ଦେଇଥିଲେ, ତାହା ଆଜି ମଧ୍ୟ ଦର୍ଶକଙ୍କ ମନରେ ରହିଛି। ତାଙ୍କ ସଂଳାପ କେବଳ ସିନେମା ହଲରେ ଶୁଣାଯାଇନଥିଲା ; ଅନେକ ସଂଳାପ ଲୋକମାନଙ୍କ ଦୈନନ୍ଦିନ ଚର୍ଚ୍ଚାର ଅଂଶ ହୋଇଯାଇଥିଲା। 'ଅଗ୍ନିସାକ୍ଷୀ', 'ଯଶବନ୍ତ', 'ଅପହରଣ', 'ଅବ୍ ତକ୍ ଛପ୍ପନ' ଭଳି ଚଳଚ୍ଚିତ୍ରରେ ସେ ଭିନ୍ନ ଭିନ୍ନ ମନୋଭାବର ଚରିତ୍ରକୁ ଏମିତି ଭାବରେ ଅଭିନୟ କରିଥିଲେ ଯେ ପ୍ରତ୍ୟେକ ଚରିତ୍ରର ନିଜସ୍ୱ ପରିଚୟ ତିଆରି ହୋଇଥିଲା। ଜଣେ ପୁଲିସ ଅଧିକାରୀ, ଜଣେ ଅପରାଧୀ, ଜଣେ ରାଜନୈତିକ ଚରିତ୍ର, ଜଣେ କଠୋର ମଣିଷ କିମ୍ବା ଜଣେ ଭଙ୍ଗା ହୃଦୟର ସାଧାରଣ ମଣିଷସେ ଯେଉଁ ଭୂମିକା ଗ୍ରହଣ କରୁଥିଲେ, ସେଥିରେ ନିଜକୁ ହଜାଇ ଦେଉଥିଲେ। ଏହି ହେଉଛି ଜଣେ ମହାନ ଅଭିନେତାଙ୍କ ପରିଚୟ। ତାଙ୍କ ଅଭିନୟର ଆଉ ଏକ ବିଶେଷତା ଥିଲାସେ ଅତିରଞ୍ଜିତ ଅଭିନୟର ଆଶ୍ରୟ ନେଉନଥିଲେ। ଅନେକ ସମୟରେ ତାଙ୍କ ନିରବତା ତାଙ୍କ ସଂଳାପଠାରୁ ଅଧିକ ଶକ୍ତିଶାଳୀ ହୋଇଥିଲା। ମୁହଁର ଏକ ଛୋଟ ଭାବପରିବର୍ତ୍ତନରେ ସେ ରୋଷ, ଦୁଃଖ, ଅପମାନ, ଭୟ କିମ୍ବା ମାନବିକତାକୁ ପ୍ରକାଶ କରିପାରୁଥିଲେ।

ତେଣୁ ତାଙ୍କୁ କେବଳ ସଂଳାପର ଅଭିନେତା କହିଲେ ତାଙ୍କ ପ୍ରତିଭାକୁ ଛୋଟ କରିଦେବା ହେବ। ସେ ଥିଲେ ଭାବନାର ଅଭିନେତା। ତାଙ୍କ ଅଭିନୟରେ ଥିଲା ରଙ୍ଗମଞ୍ଚର ଶୃଙ୍ଖଳା, ଚଳଚ୍ଚିତ୍ରର କ୍ୟାମେରା ସଚେତନତା ଓ ଜୀବନର କଠୋର ଅନୁଭବ। ଏହି ତିନୋଟିର ସମନ୍ୱୟ ତାଙ୍କୁ ଏକ ସ୍ୱତନ୍ତ୍ର ଅଭିନୟ ଶୈଳୀ ଦେଇଥିଲା। ତାଙ୍କ ପାଇଁ ଅଭିନୟ କେବଳ ଲୋକପ୍ରିୟତା ଅର୍ଜନର ମାଧ୍ୟମ ନଥିଲା। ସେ ସମାଜର କଥା କହିବାକୁ ଚାହୁଁଥିଲେ। ଅନ୍ୟାୟ ଦେଖିଲେ ତାଙ୍କ ମନରେ ପ୍ରଶ୍ନ ଉଠୁଥିଲା। ମଣିଷର ଦୁଃଖ ଦେଖିଲେ ସେ ସମ୍ବେଦନଶୀଳ ହେଉଥିଲେ। ଏହି ସାମାଜିକ ସଚେତନତା ତାଙ୍କ ଅଭିନୟକୁ ଅନ୍ୟ ଏକ ମାତ୍ରା ଦେଇଥିଲା। ସେ କେବଳ ପରଦାରେ ଦୁର୍ବଳଙ୍କ ପକ୍ଷରେ କହୁନଥିଲେ, ବାସ୍ତବ ଜୀବନରେ ମଧ୍ୟ ଦୁର୍ବଳ ଓ ସଙ୍କଟଗ୍ରସ୍ତ ଲୋକଙ୍କ ପାଖରେ ଠିଆ ହେବାର ଚେଷ୍ଟା କରିଥିଲେ। ବିଶେଷକରି ମହାରାଷ୍ଟ୍ରର କୃଷକମାନଙ୍କ ଦୁର୍ଦ୍ଦଶା ତାଙ୍କୁ ଗଭୀର ଭାବେ ବିଚଳିତ କରିଥିଲା। ଖରା, ଋଣ, ଫସଲ ନଷ୍ଟ ଓ କୃଷକ ପରିବାରର ଆର୍ଥିକ ସଙ୍କଟ ବିରୋଧରେ ସେ ନିଜ ସାମର୍ଥ୍ୟ ଅନୁଯାୟୀ ସହାୟତାର ହାତ ବଢ଼ାଇଥିଲେ। ମକରନ୍ଦ ଅନାସପୁରେଙ୍କ ସହିତ ମିଶି ସେ କୃଷକ ସହାୟତା କାର୍ଯ୍ୟକୁ ସଂଗଠିତ ରୂପ ଦେଇଥିଲେ। ଏଠାରେ ତାଙ୍କ ମାନବିକ ଚରିତ୍ରର ଏକ ଅଲଗା ପାଟ ଦେଖାଯାଏ। ପରଦାରେ ଯେଉଁ ମଣିଷ ଅନ୍ୟାୟ ବିରୋଧରେ ଗର୍ଜନ କରୁଥିଲେ, ବାସ୍ତବ ଜୀବନରେ ସେହି ମଣିଷ ନିରବରେ ଅସହାୟ ପରିବାରଙ୍କୁ ସହାୟତା କରିବାକୁ ଆଗେଇ ଆସିଥିଲେ। ଏହି ଦିଗରୁ ନାନା ପାଟେକରଙ୍କ ଜୀବନ ଆମକୁ ଏକ ଗଭୀର ଶିକ୍ଷା ଦେଇଯାଏଲୋକପ୍ରିୟତାର ସତ୍ୟ ମୂଲ୍ୟ ସେତେବେଳେ ରହେ, ଯେତେବେଳେ ସେହି ଲୋକପ୍ରିୟତାକୁ ସମାଜ ପାଇଁ ବ୍ୟବହାର କରାଯାଏ। ତାଙ୍କୁ ଭାରତ ସରକାର ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲା। ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସହିତ ଅନେକ ସମ୍ମାନ ତାଙ୍କ କଳାଜୀବନକୁ ଗୌରବାନ୍ୱିତ କରିଥିଲା। କିନ୍ତୁ ତାଙ୍କ ଜୀବନର ସବୁଠାରୁ ବଡ଼ ପୁରସ୍କାର କୌଣସି ପଦକ କିମ୍ବା ସମ୍ମାନପତ୍ର ନୁହେଁ ; ତାଙ୍କର ସବୁଠାରୁ ବଡ଼ ପୁରସ୍କାର ହେଉଛି ଦର୍ଶକଙ୍କ ହୃଦୟରେ ଥିବା ସ୍ଥାନ। କଳାକାରଙ୍କ ଜୀବନରେ ପୁରସ୍କାର ଆସେ, ଯାଏ ; କିନ୍ତୁ ଦର୍ଶକଙ୍କ ସ୍ମୃତିରେ ରହିଯିବା ହେଉଛି ଅମରତ୍ୱର ପ୍ରକୃତ ପ୍ରମାଣ। ନାନା ପାଟେକର ଏହି ଅମରତ୍ୱ ଅର୍ଜନ କରିସାରିଛନ୍ତି। ତାଙ୍କ ଅଭିନୟ ଯାତ୍ରାରେ ଗମ୍ଭୀର ଚରିତ୍ର ଯେତିକି ଥିଲା, ହାସ୍ୟରସ ମଧ୍ୟ ସେତିକି ଜୀବନ୍ତ ଥିଲା। 'ୱେଲକମ୍' ଭଳି ଚଳଚ୍ଚିତ୍ରରେ ତାଙ୍କ ହାସ୍ୟ ଅଭିନୟ ଦେଖାଇଥିଲା ଯେ ସେ ନିଜକୁ କୌଣସି ଏକ ଧାରାରେ ବନ୍ଦ କରି ରଖୁନଥିଲେ। ଗମ୍ଭୀରତାରୁ ହାସ୍ୟ, କ୍ରୋଧରୁ କରୁଣା, ହିଂସ୍ରତାରୁ ମାନବିକତାସେ ଚରିତ୍ରର ପ୍ରତ୍ୟେକ ରଙ୍ଗକୁ ଧରିପାରୁଥିଲେ। ଏହି ବହୁମୁଖୀ ପ୍ରତିଭା ତାଙ୍କୁ



ଅନ୍ୟତମ କରିଥିଲା। 'ନଟସମ୍ରାଟ'ରେ ତାଙ୍କ ଅଭିନୟ ତାଙ୍କ କଳାଜୀବନର ଏକ ଶିଖର ଭାବେ ଦେଖାଯାଏ। ବୃଦ୍ଧାବସ୍ଥା, ଏକାକୀପଣ, ସ୍ମୃତି, ସମ୍ପର୍କ ଓ ଜଣେ କଳାକାରଙ୍କ ଅନ୍ତର୍ଦାହକୁ ସେ ଯେପରି ଭାବେ ଅଭିନୟ କରିଥିଲେ, ସେଠାରେ ଅଭିନେତା ଓ ଚରିତ୍ରର ସୀମା ପ୍ରାୟ ମିଶିଯାଇଥିଲା। ଏହି ଭୂମିକା ଦର୍ଶକଙ୍କୁ କେବଳ କାହାଣୀ ଦେଖାଇନଥିଲା ; ଏହା ମଣିଷର ଅସ୍ତିତ୍ୱ, ଗର୍ବ, ଅପମାନ, ସ୍ନେହ ଓ ଏକାକୀପଣ ବିଷୟରେ ଚିନ୍ତା କରାଇଥିଲା। ନାନା ପାଟେକରଙ୍କ ଅଭିନୟର ସବୁଠାରୁ ବଡ଼ ଶକ୍ତି ଥିଲା ସତ୍ୟତା। ସେ ଚରିତ୍ରକୁ ସୁନ୍ଦର କରିବା ଅପେକ୍ଷା ଚରିତ୍ରକୁ ସତ୍ୟ କରିବାରେ ବିଶ୍ୱାସ କରୁଥିଲେ।

ତେଣୁ ତାଙ୍କ ଚରିତ୍ରରେ ଦୋଷ ଥିଲା, ଦୁର୍ବଳତା ଥିଲା, ରାଗ ଥିଲା, ଅହଂକାର ଥିଲା, ଅନୁତାପ ଥିଲା, କିନ୍ତୁ ସେହି ସବୁ ଦୁର୍ବଳତା ମଧ୍ୟରେ ମଣିଷ ଥିଲା। ଏହି ମାନବିକତା ହିଁ ତାଙ୍କୁ ଦର୍ଶକଙ୍କ ସହିତ ଯୋଡ଼ିଥିଲା। ଆଜିର ଚଳଚ୍ଚିତ୍ର ଜଗତରେ ଯେତେବେଳେ ଅନେକ ସମୟରେ ତାରକା ପରିଚୟ ଅଭିନୟଠାରୁ ବଡ଼ ହୋଇଯାଏ, ସେତେବେଳେ ନାନା ପାଟେକରଙ୍କ ଜୀବନ ଆମକୁ ସ୍ମରଣ କରାଏ ଯେ ଜଣେ ଅଭିନେତାର ପ୍ରକୃତ ଶକ୍ତି ତାଙ୍କ ମୁହଁର ଲୋକପ୍ରିୟତାରେ ନୁହେଁ, ଚରିତ୍ରକୁ ସତ୍ୟ କରିବାର କ୍ଷମତାରେ। ସେ ଦେଖାଇଥିଲେ ଯେ ଜଣେ ଅଭିନେତା ନାୟକ ନହୋଇ ମଧ୍ୟ ଚଳଚ୍ଚିତ୍ରର ଆତ୍ମା ହୋଇପାରନ୍ତି। କାରଣ ଜଣେ ମହାନ ଅଭିନେତାର ମହତ୍ତ୍ୱ କେବଳ ସେ କେତେଟି ଚଳଚ୍ଚିତ୍ରରେ ଅଭିନୟ କଲେ କିମ୍ବା କେତେଟି ପୁରସ୍କାର ପାଇଲେ, ତାହାରେ ମାପାଯାଇପାରେ ନାହିଁ। ସେ କେତେ ମଣିଷଙ୍କୁ ସ୍ପର୍ଶ କଲେ, କେତେ ଯୁବକଙ୍କୁ ପ୍ରେରଣା ଦେଲେ, କେତେ ସମାଜିକ ପ୍ରଶ୍ନକୁ ଆଲୋଚନାରେ ଆଣିଲେ ଏବଂ ତାଙ୍କ ବିଦାୟ ପରେ କେତେ ଲୋକ ତାଙ୍କୁ ମନେ ପକାଇ ନିଜ ଜୀବନକୁ ନୂଆ ଭାବେ ଦେଖିବାକୁ ବାଧ୍ୟ ହେଲେଏହା ହେଉଛି ତାଙ୍କ ମହତ୍ତ୍ୱର ପ୍ରକୃତ ମାପ। ନାନା ପାଟେକରଙ୍କ ଜୀବନ ଏହି ପରୀକ୍ଷାରେ ଅତ୍ୟନ୍ତ ସଫଳ। ତାଙ୍କ ଚଳଚ୍ଚିତ୍ରର ଚରିତ୍ରଗୁଡ଼ିକ ଆଜି ମଧ୍ୟ ଆଲୋଚିତ ହୁଅନ୍ତି, ତାଙ୍କ ସଂଳାପ ଆଜି ମଧ୍ୟ ଉଦ୍ଧୃତ ହୁଏ, ତାଙ୍କ ଅଭିନୟ ଆଜି ମଧ୍ୟ ନୂଆ ପିଢ଼ିର ଅଭିନେତାମାନଙ୍କ ପାଇଁ ପାଠ ହୋଇରହିଛି। ଏହି କାରଣରୁ ତାଙ୍କ ମୃତ୍ୟୁ ପରେ ତାଙ୍କର ଅନୁପସ୍ଥିତି ଯେତେ ଯନ୍ତ୍ରଣାଦାୟକ, ତାଙ୍କ ଉତ୍ତରାଧିକାର ସେତେ ଦୀର୍ଘଜୀବୀ। ଜଣେ କଳାକାରଙ୍କ ଶରୀର ଚାଲିଯାଏ, କିନ୍ତୁ ତାଙ୍କ କଳା ଚାଲିଯାଏ ନାହିଁ। ଚଳଚ୍ଚିତ୍ରର ପରଦାରେ ରହିଥିବା ତାଙ୍କ ଚରିତ୍ରଗୁଡ଼ିକ ପୁଣିପୁଣି ଦେଖାଯିବ। ନୂଆ ପିଢ଼ି ତାଙ୍କ ଅଭିନୟ ଦେଖିବ। ଅଭିନୟ ଶିକ୍ଷାର୍ଥୀମାନେ ତାଙ୍କ ଦୃଶ୍ୟକୁ ଅଧ୍ୟୟନ କରିବେ। ସିନେମାପ୍ରେମୀମାନେ ତାଙ୍କ ସଂଳାପକୁ ମନେ ପକାଇବେ। ତାଙ୍କ କାର୍ଯ୍ୟ ନୂଆ ପିଢ଼ିକୁ କହିବ ଯେ ଲୋକପ୍ରିୟ ହେବାଠାରୁ ସତ୍ୟ ହେବା ଅଧିକ ବଡ଼, ନାୟକ ହେବାଠାରୁ ଚରିତ୍ରବାନ ହେବା ଅଧିକ ମୂଲ୍ୟବାନ ଏବଂ ଧନ ଅର୍ଜନଠାରୁ ମଣିଷ ପାଇଁ କିଛି କରିଯିବା ଅଧିକ ମହତ୍ତ୍ୱପୂର୍ଣ୍ଣ। ନାନା ପାଟେକରଙ୍କ ବିଦାୟ ଆମ ସମ୍ମୁଖରେ ଆଉ ଏକ ପ୍ରଶ୍ନ ରଖିଛିଆମେ କଳାକୁ କେବଳ ବିନୋଦନ ଭାବେ ଦେଖିବୁ ନା ସମାଜକୁ ଚିନ୍ତା କରାଇବାର ଶକ୍ତି ଭାବେ ଗ୍ରହଣ କରିବୁ? ତାଙ୍କ ଜୀବନର ଉତ୍ତର ସ୍ପଷ୍ଟ। ଭଲ କଳା ମଣିଷକୁ ହସାଇପାରେ, କନ୍ଦାଇପାରେ, କ୍ରୋଧିତ କରିପାରେ, ପ୍ରଶ୍ନ କରାଇପାରେ ଏବଂ ଶେଷରେ ମଣିଷକୁ ଆହୁରି ମାନବିକ କରିପାରେ। ନାନାଙ୍କ ଅଭିନୟରେ ଏହି ସମସ୍ତ ଶକ୍ତି ଥିଲା। ସେ କେବେ କଠୋର ଥିଲେ, କେବେ ହାସ୍ୟରସିକ, କେବେ ଭୟଙ୍କର, କେବେ କରୁଣ, କେବେ ବିଦ୍ରୋହୀ, କେବେ ଅସହାୟ। କିନ୍ତୁ ପ୍ରତ୍ୟେକ ଚରିତ୍ରର ଭିତରେ ଜଣେ ମଣିଷ ଥିଲା। ସେହି ମଣିଷକୁ ସେ ଦର୍ଶକଙ୍କ ସାମ୍ନାରେ ଆଣିଥିଲେ।

ଏହି ଦୃଷ୍ଟିରୁ ନାନା ପାଟେକରଙ୍କ ଅବଦାନ କେବଳ ହିନ୍ଦୀ କିମ୍ବା ମରାଠୀ ଚଳଚ୍ଚିତ୍ରରେ ସୀମିତ ନୁହେଁ। ସେ ସମଗ୍ର ଭାରତୀୟ ଅଭିନୟ ପରମ୍ପରାର ଜଣେ ଶକ୍ତିଶାଳୀ ସ୍ତମ୍ଭ। ଭାଷା ଅଲଗା ହୋଇପାରେ, ଅଞ୍ଚଳ ଅଲଗା ହୋଇପାରେ, ଦର୍ଶକଙ୍କ ରୁଚି ଅଲଗା ହୋଇପାରେ, କିନ୍ତୁ ଭଲ ଅଭିନୟର ଭାଷା ସାର୍ବଜନୀନ। ନାନା ସେହି ସାର୍ବଜନୀନ ଭାଷାରେ ଅଭିନୟ କରିଥିଲେ। ଓଡ଼ିଶାର ଦର୍ଶକମାନଙ୍କ ମଧ୍ୟରେ ମଧ୍ୟ ତାଙ୍କର ନିଜସ୍ୱ ସ୍ଥାନ ରହିଛି। ତାଙ୍କ ଚଳଚ୍ଚିତ୍ର ଓ ଚରିତ୍ରଗୁଡ଼ିକ ଓଡ଼ିଆ ଦର୍ଶକଙ୍କୁ ମଧ୍ୟ ଅନେକ ସମୟରେ ହସାଇଛି, କନ୍ଦାଇଛି ଓ ଚିନ୍ତା କରାଇଛି। ତେଣୁ ତାଙ୍କ ବିଦାୟର ଦୁଃଖ ମହାରାଷ୍ଟ୍ର କିମ୍ବା ମୁମ୍ବାଇର ଦୁଃଖ ନୁହେଁ; ଏହା ଭାରତୀୟ ସିନେମାପ୍ରେମୀଙ୍କ ସାମୂହିକ ଦୁଃଖ। ଜଣେ ସମ୍ପାଦକ ଭାବେ ତାଙ୍କ ଜୀବନକୁ ଦେଖିଲେ ଆମ ପାଇଁ ତାଙ୍କର ସବୁଠାରୁ ବଡ଼ ଶିକ୍ଷା ହେଉଛିନିଜ କାମକୁ ସତ୍ୟନିଷ୍ଠାର ସହିତ କରିବା। ନାନା ଲୋକପ୍ରିୟତାର ପଛରେ ଦୌଡ଼ି ନିଜ ଅଭିନୟର ଗୁଣକୁ ହରାଇନଥିଲେ। ସେ ନିଜ ଶୈଳୀ ତିଆରି କରିଥିଲେ। ସେ ନିଜ ଦୁର୍ବଳତାକୁ ଲୁଚାଇ ନଥିଲେ। ନିଜ ଭାବନାକୁ ମଧ୍ୟ ଅଭିନୟର ଅଂଶ କରିଥିଲେ। ଏହି ସତ୍ୟନିଷ୍ଠା ତାଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରସଙ୍ଗିକ ରଖିଥିଲା। ଆଜି ଯେତେବେଳେ ତାଙ୍କ ବିଦାୟ ଉପରେ ସମଗ୍ର ଦେଶ ଶୋକ ପ୍ରକାଶ କରୁଛି, ସେତେବେଳେ ତାଙ୍କୁ କେବଳ ଶୋକବାର୍ତ୍ତାରେ ସୀମିତ କରିଦେବା ଉଚିତ ନୁହେଁ। ତାଙ୍କ ଜୀବନରୁ ଆମେ କ'ଣ ଶିଖିଲୁ, ତାହା ଭାବିବା ଆବଶ୍ୟକ। ଜଣେ ଶିଳ୍ପୀ ଭାବେ ସେ ଦେଖାଇଲେ ଯେ ପ୍ରତିଭାକୁ ଶ୍ରମରେ ପରିଣତ କରିବାକୁ ପଡ଼େ। ଜଣେ ନାଗରିକ ଭାବେ ସେ ଦେଖାଇଲେ ଯେ ସମାଜର ଦୁଃଖ ପ୍ରତି ସମ୍ବେଦନଶୀଳ ରହିବା ଆବଶ୍ୟକ। ଜଣେ ଲୋକପ୍ରିୟ ବ୍ୟକ୍ତି ଭାବେ ସେ ଦେଖାଇଲେ ଯେ ଲୋକପ୍ରିୟତାକୁ ମାନବସେବାରେ ବ୍ୟବହାର କରାଯାଇପାରେ। ଜଣେ କଳାକାର ଭାବେ ସେ ଦେଖାଇଲେ ଯେ ଚରିତ୍ରର ଗଭୀରତା ତାରକାର ଚମକଠାରୁ ଅଧିକ ଦୀର୍ଘଜୀବୀ। ତାଙ୍କ ମୃତ୍ୟୁ ଆମକୁ ଜୀବନର ଅନିଶ୍ଚିତତାକୁ ମଧ୍ୟ ମନେ ପକାଏ। ଯେଉଁ ମଣିଷ ଦଶକ ଦଶକ ଧରି ଅନ୍ୟମାନଙ୍କୁ ନିଜ ଅଭିନୟରେ ଜୀବନର ଅନେକ ରୂପ ଦେଖାଇଲେ, ଆଜି ସେ ନିଜେ ଅମର ସ୍ମୃତିର ଚରିତ୍ର ହୋଇଗଲେ। ଏହା ଜୀବନର ଅନିବାର୍ଯ୍ୟ ସତ୍ୟ। କିନ୍ତୁ ମୃତ୍ୟୁ ଶରୀରକୁ ନେଇପାରେ, ସୃଜନକୁ ନେଇପାରେ ନାହିଁ। ସମୟ ମଣିଷକୁ ନେଇଯାଏ, କିନ୍ତୁ ମହାନ କଳାକୁ ନେଇପାରେ ନାହିଁ। ନାନା ପାଟେକରଙ୍କ ଚଳଚ୍ଚିତ୍ର ରହିବ, ତାଙ୍କ ଚରିତ୍ର ରହିବ, ତାଙ୍କ କଣ୍ଠସ୍ୱର ରହିବ, ତାଙ୍କ ସଂଳାପ ରହିବ, ତାଙ୍କ ଅଭିନୟର ଶକ୍ତି ରହିବ ଏବଂ ସବୁଠାରୁ ବଡ଼ କଥା, ତାଙ୍କୁ ନେଇ ଲୋକଙ୍କ ସ୍ମୃତି ରହିବ। ଆଗାମୀ ପିଢ଼ି ଯେତେବେଳେ ଭାରତୀୟ ସିନେମାର ଶ୍ରେଷ୍ଠ ଅଭିନେତାମାନଙ୍କ କଥା ପଢ଼ିବ, ନାନା ପାଟେକରଙ୍କ ନାମ ନିଶ୍ଚିତ ଭାବେ ଉଚ୍ଚାରିତ ହେବ। କାରଣ ସେ ଅଭିନୟକୁ କେବଳ ପେଶା ଭାବେ ନୁହେଁ, ଜୀବନକୁ ବୁଝିବାର ଏକ ମାଧ୍ୟମ ଭାବେ ଗ୍ରହଣ କରିଥିଲେ। ତାଙ୍କ ଯାତ୍ରାରେ ଗରିବ ମଣିଷର ବେଦନା ଥିଲା, ମଧ୍ୟବିତ୍ତର ଚିନ୍ତା ଥିଲା, ସୈନିକର କର୍ତ୍ତବ୍ୟ ଥିଲା, ପୁଲିସର କଠୋରତା ଥିଲା, ଅପରାଧୀର ଅନ୍ଧକାର ଥିଲା, ପ୍ରେମର ଯନ୍ତ୍ରଣା ଥିଲା, ହାସ୍ୟର ଆନନ୍ଦ ଥିଲା ଏବଂ ଶେଷରେ ମଣିଷ ହୋଇ ରହିବାର ଆହ୍ୱାନ ଥିଲା। ଏହି ବହୁରଙ୍ଗୀ ଜୀବନକୁ ଗୋଟିଏ ଶବ୍ଦରେ ବ୍ୟାଖ୍ୟା କରିବା ସମ୍ଭବ ନୁହେଁ। ତାଙ୍କୁ କେବଳ ଅଭିନେତା କହିଲେ ମଧ୍ୟ ତାଙ୍କ ପରିଚୟ ଅସମ୍ପୂର୍ଣ୍ଣ ରହିଯିବ। ସେ ଥିଲେ ଅଭିନେତା, ନିର୍ଦ୍ଦେଶକ, ରଙ୍ଗମଞ୍ଚ କଳାକାର, ସାମାଜିକ ସଚେତନ ନାଗରିକ ଏବଂ ସବୁଠାରୁ ବଡ଼ କଥା, ଜଣେ ଅସାଧାରଣ ମଣିଷ। ତାଙ୍କ ଜୀବନର ସମସ୍ତ ଅଧ୍ୟାୟ ଏକାଠି କଲେ ଦେଖାଯାଏ, ନାନା ପାଟେକର ନିଜ ପାଇଁ ନୁହେଁ, ନିଜ କଳା ପାଇଁ ବଞ୍ଚିଥିଲେ ଏବଂ ନିଜ କଳାକୁ ମଣିଷ ପାଇଁ ଅର୍ଥବାନ କରିଥିଲେ। ତାଙ୍କ ବିଦାୟରେ ଆଜି ଭାରତୀୟ ସିନେମା ଏକ ଶୂନ୍ୟତା ଅନୁଭବ କରୁଛି। କିନ୍ତୁ ଏହି ଶୂନ୍ୟତାକୁ ତାଙ୍କ ସୃଜନ ଭରି ରଖିବ। ତାଙ୍କ ପରଦାର ମୁହଁ ଆମ ସ୍ମୃତିରେ ରହିବ, ତାଙ୍କ କଣ୍ଠସ୍ୱର ଆମ କାନରେ ରହିବ, ତାଙ୍କ ଚରିତ୍ର ଆମ ଚିନ୍ତାରେ ରହିବ ଏବଂ ତାଙ୍କ ମାନବିକତା ଆମ ବିବେକକୁ ପ୍ରଶ୍ନ କରିବ। ଜଣେ ସତ୍ୟ ଶିଳ୍ପୀଙ୍କ ପାଇଁ ଏହାଠାରୁ ବଡ଼ ଅମରତ୍ୱ ଆଉ କ'ଣ ହୋଇପାରେ? ନାନା ପାଟେକର ଚାଲିଗଲେ, କିନ୍ତୁ ନାନାଙ୍କ ଅଭିନୟ ଚାଲିବ ; ତାଙ୍କ ଚରିତ୍ରମାନେ କଥା କହିବେ ; ତାଙ୍କ କଳା ନୂଆ ପିଢ଼ିକୁ ପ୍ରେରଣା ଦେବ ; ତାଙ୍କ ସାମାଜିକ ସଚେତନତା ମଣିଷକୁ ମଣିଷ ପାଇଁ ଠିଆ ହେବାର ପ୍ରେରଣା ଦେବ। ସେହି କାରଣରୁ ତାଙ୍କ ମୃତ୍ୟୁ ଶେଷ ନୁହେଁ; ଏହା ଏକ ଦୀର୍ଘ ସ୍ମୃତିର ଆରମ୍ଭ। ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବାର ସବୁଠାରୁ ସୁନ୍ଦର ଉପାୟ ହେଉଛି ତାଙ୍କ ଚଳଚ୍ଚିତ୍ରକୁ ପୁଣି ଦେଖିବା, ତାଙ୍କ ଅଭିନୟରୁ ଶିଖିବା ଏବଂ ତାଙ୍କ ଜୀବନର ମାନବିକ ପାଠକୁ ନିଜ ଜୀବନରେ ଅନୁସରଣ କରିବା। ଯେଉଁ ମଣିଷ ଲକ୍ଷ ଲକ୍ଷ ଦର୍ଶକଙ୍କୁ ଦଶକ ଧରି ଭାବିବାକୁ ବାଧ୍ୟ କରିଥିଲେ, ଆଜି ତାଙ୍କ ବିଦାୟ ଆମକୁ ମଧ୍ୟ ଭାବିବାକୁ ବାଧ୍ୟ କରୁଛିଜୀବନ କେତେ ଦୀର୍ଘ ହେଲା ତାହା ନୁହେଁ, ଜୀବନ କେତେ ଅର୍ଥବାନ ହେଲା ତାହା ହିଁ ଶେଷ ହିସାବ। ନାନା ପାଟେକରଙ୍କ ଜୀବନ ଏହି ହିସାବରେ ନିଶ୍ଚିତ ଭାବେ ସମୃଦ୍ଧ। ତାଙ୍କ ନାମ ଆସନ୍ତା ପିଢ଼ିର ସ୍ମୃତିରେ ରହିବ, କାରଣ ସେ ତାରକା ହେବାଠାରୁ ଅଧିକ କିଛି ଥିଲେସେ ଥିଲେ ଜଣେ ମଣିଷଙ୍କ ଭିତରେ ଅନେକ ମଣିଷକୁ ଅଭିନୟ କରିଥିବା ଏବଂ ନିଜ ଜୀବନରେ ଜଣେ ମଣିଷ ହୋଇ ରହିଥିବା ଏକ ଅସାଧାରଣ କଳାକାର। ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି।

ମୋବାଇଲ୍: ୯୪୩୭୯୯୪୩୭୯

ହୀରାଞ୍ଚଳ
HIRANCHAL

## ସଙ୍କୁଚିତ ହେଉଛି ବନ୍ୟଜନ୍ତୁଙ୍କ ଆବାସସ୍ଥଳ

ନିକଟ ଅତୀତରେ ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟରୁ ଗୋଟିଏ ବାଘ ଅନେକ ଗାଁ ଗଣ୍ଡା ପାରହୋଇ ନନ୍ଦନକାନନରେ ପହଞ୍ଚିତ୍ ଯାଇଥିଲା । ଶିମିଳିପାଳରେ ମହାରାଷ୍ଟ୍ରର ତଡୋବା-ଅନ୍ଧାରି ବ୍ୟାଘ୍ର ଅଭୟାରଣ୍ୟରୁ ଆଣି ଛଡ଼ାଯାଇଥିବା ବାଘୁଣୀ ଜୀନତ ଝାଡ଼ଖଣ୍ଡ ପାରହୋଇ ପଶ୍ଚିମବଙ୍ଗରେ ପହଞ୍ଚି ଯାଇଥିଲା । ଦେଶରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ୩୨ଟି ବ୍ୟାଘ୍ର ଚଲାପଥ ଚିହ୍ନଟ କରାଯାଇଛି । ତନ୍ମଧ୍ୟରେ ଓଡ଼ିଶାରେ ଏକମାତ୍ର ବ୍ୟାଘ୍ର ଚଲାପଥ ଶିମିଳିପାଳ ଓ ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟକୁ ସଂଯୁକ୍ତ କରିଛି । ଗୋଟିଏ ଆବାସସ୍ଥଳୀର ଜଙ୍ଗଲ ପତଳା ହୋଇଗଲେ ବା ହାତୀକୁ ତା'ର ଆହାର ଉପଯୁକ୍ତ ଖାଦ୍ୟ ନ ମିଳିଲେ ଏବଂ ଖରାଦିନେ ଜଙ୍ଗଲରେ ନଈନାଳ ଶୁଖିଗଲେ ସେମାନେ ଖାଦ୍ୟ ଓ ଜଳ ପାଇଁ ଅନ୍ୟ ଜଙ୍ଗଲର ସନ୍ଧାନ କରନ୍ତି । ଜନବସତି ଭିତରେ ନ ପଶି ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଯିବାକୁ ହେଲେ ହାତୀ ଚଲାପଥର ଆବଶ୍ୟକତା ରହିଛି । ବିଭିନ୍ନ ମନୁଷ୍ୟକୃତ କାରଣରୁ ହାତୀ ତଥା ଅନ୍ୟ ବନ୍ୟପ୍ରାଣୀଙ୍କର ପ୍ରାକୃତିକ ଆବାସସ୍ଥଳୀ ଜଙ୍ଗଲ ସଙ୍କୁଚିତ ହୋଇ ଚାଲିଛି । ଏହା ବ୍ୟତୀତ ଆଖପାଖ ଜଙ୍ଗଲକୁ ସଂଯୁକ୍ତ କରୁଥିବା ପ୍ରାକୃତିକ ଚଲାପଥ ମଧ୍ୟ ଖଣ୍ଡବିଖଣ୍ଡିତ ହେବାରେ ଲାଗିଛି । ଫଳରେ ଗୋଟିଏ ଜଙ୍ଗଲର ହାତୀପଲ ଅନ୍ୟ ଜଙ୍ଗଲର ହାତୀଙ୍କ ସହ ମିଶି ପାରୁନାହାନ୍ତି, ପୃଥକ୍ ? ହୋଇ ରହି ଯାଉଛନ୍ତି । ଏହାଦ୍ୱାରା ଦଳ ଭିତରେ ଅନ୍ତଃ ଅଭିଜନନ ବଢ଼ିଚାଲିଛି ଓ ଜିନୀୟ ବିବିଧତା ହ୍ରାସ ପାଉଛି । ହାତୀବଂଶର ସ୍ଥାୟିତ୍ୱ ଓ ଅଭିବୃଦ୍ଧି ପ୍ରତି ଏହା ଶୁଭଙ୍କର ନୁହେଁ । ୨୦୦୧ରେ ସାରାଦେଶରେ ହାତୀ ଚଲାପଥ ଚିହ୍ନଟ କରିବା ନିମନ୍ତେ ଭାରତ ସରକାର 'ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ' ପ୍ରକଳ୍ପ ଆରମ୍ଭ କରିଥିଲେ । ପ୍ରାଥମିକ ଭାବେ ୧୬୬ଟି ଚଲାପଥ ଚିହ୍ନଟ କରାଗଲା । ତନ୍ମଧ୍ୟରୁ ୮୮ଟି ଚଲାପଥକୁ ହାତୀମାନେ ବାରମ୍ବାର ବ୍ୟବହାର କରିଥାଆନ୍ତି । ଓଡ଼ିଶା ମଧ୍ୟ ଭାରତ ଲ୍ୟାଣ୍ଡସ୍କେପ୍‌ରେ ରହିଛି । ଆମ ରାଜ୍ୟ ସହିତ ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ରହିଛି ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ଓଡ଼ିଶାକୁ ଲାଗିଥିବା ଦକ୍ଷିଣାଂଶ । ଏହି ଅଞ୍ଚଳରେ ହସ୍ତୀ ଆବାସସ୍ଥଳୀର ଆୟତନ ପ୍ରାୟ ୧୭ ହଜାର ବର୍ଗ କିଲୋମିଟର । ମଧ୍ୟ-ଭାରତ ଲ୍ୟାଣ୍ଡସ୍କେପ୍‌ରେ ପ୍ରାୟ ୨୫୦୦ରୁ ୨୮୦୦ ହାତୀ ଅଛନ୍ତି । ତାହାର ୭୦%ରୁ ଅଧିକ କେବଳ ଆମ ରାଜ୍ୟରେ ରହିଛନ୍ତି। ୨୦୨୪ ହସ୍ତୀଗଣନା ଅନୁଯାୟୀ ଆମ ରାଜ୍ୟର ହାତୀସଂଖ୍ୟା ୨୧୦୩ । ୨୦୦୧ରେ ରାଜ୍ୟ ସରକାର ୭୦୪୩ ବର୍ଗ କିଲୋମିଟର ପରିମିତ ବନ ଅଞ୍ଚଳକୁ ମୟୂରଭଞ୍ଜ ହସ୍ତୀ ରିଜର୍ଭ ଭାବେ ଘୋଷଣା କରିଥିଲେ । ୨୦୦୨ରେ ସମ୍ବଲପୁର ହସ୍ତୀ ରିଜର୍ଭ ୪୨୭ ବର୍ଗ କିଲୋମିଟର ଓ ମହାନଦୀ ହସ୍ତୀ ରିଜର୍ଭ ୧୦୩୮ ବର୍ଗ କିଲୋମିଟର ବିକଶିତ କରିଥିଲେ । ଆଜିକୁ ୧୫ ବର୍ଷ ତଳେ ରାଜ୍ୟ ବନ ବିଭାଗ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ,ବେଙ୍ଗାଲୁରୁର ପ୍ରଫେସର ସୁକୁମାରନ୍‌ଙ୍କ ସହଯୋଗରେ ୧୪ଟି ହାତୀ ଚଲାପଥ ଚିହ୍ନଟ କରିଥିଲେ । ଅନ୍ୟ ରାଜ୍ୟଗୁଡ଼ିକରେ ଥିବା ମୋଟ ଚଲାପଥ ମଧ୍ୟରେ ଏହା ଚତୁର୍ଥ ସର୍ବବୃହତ୍ତମ । ତନ୍ମଧ୍ୟରୁ ତିନୋଟି ମୁଖ୍ୟତଃ ଆନ୍ତଃ ରାଜ୍ୟ ଝାଡ଼ଖଣ୍ଡକୁ ସଂଯୁକ୍ତ କରୁଥିବା ଚଲାପଥ । 'କାରୋ -କରମପଦା' ସଂଯୋଗ ପଥଟି କେନ୍ଦୁଝର ବନଖଣ୍ଡର 'କାରୋ' ସଂରକ୍ଷିତ ଜଙ୍ଗଲକୁ ଝାଡ଼ଖଣ୍ଡ ରାଜ୍ୟର ସାରଣ୍ଡା ବନଖଣ୍ଡ ଅନ୍ତର୍ଗତ 'କରମପଦା' ଜଙ୍ଗଲକୁ ସଂଯୁକ୍ତ କରିଛି । ଏହି ସଂଯୋଗ ପଥଟି ଯୋଡ଼ା, ବଡ଼ବିଲ ଖଣି ଖାଦାନ ହେତୁ ବିଖଣ୍ଡିତ । ଦ୍ୱିତୀୟଟି ମୟୂରଭଞ୍ଜ ଜିଲାର ଶିମିଳିପାଳ ସନ୍ନିକଟ ବାଦାମପାହାଡ଼ ସଂରକ୍ଷିତ ଜଙ୍ଗଲ ଓ ଝାଡ଼ଖଣ୍ଡ ରାଜ୍ୟର ଚାଇଁବସା ବନଖଣ୍ଡ ଅନ୍ତର୍ଗତ 'ଧୋବା-ଧୋବିନ' ଜଙ୍ଗଲକୁ ସଂଯୁକ୍ତ କରୁଥିବା 'ବାଦାମପାହାଡ଼-ଧୋବା ଧୋବିନ' ସଂଯୋଗ ପଥ ଗୋରୁମହିଷାଣୀ ଓ ସୁଲେଇପାଟ ଖଣି ଯୋଗୁ ବିଖଣ୍ଡିତ । ତୃତୀୟଟି 'ବାଦାମପାହାଡ଼- କରିଡ଼ା ପୂର୍ବ' ସଂଯୋଗ ପଥ ଶିମିଳିପାଳ ଜାତୀୟ ଉଦ୍ୟାନ ଏବଂ ଝାଡ଼ଖଣ୍ଡ ଜିଲ୍ଲାର 'ଡାଲ-ଭୂମି' ବନଖଣ୍ଡର କରିଡ଼ା ପୂର୍ବ ସଂରକ୍ଷିତ ଜଙ୍ଗଲକୁ ସଂଯୁକ୍ତ କରିଛି । ଜନବସତି ଗଢ଼ିଉଠିବା ଏବଂ କୃଷି ସମ୍ପ୍ରସାରଣ ଫଳରେ ଏହି ସଂଯୋଗ ପଥଟିରେ ଥିବା ଜଙ୍ଗଲ ବର୍ତ୍ତମାନ ଅବକ୍ଷୟିତ, ଅନ୍ୟ ଏକ ସଂଯୋଗ ପଥ ଦେଉଳି ଓ ଶୂଳିଆପଦା ଜଙ୍ଗଲରୁ ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲା ମଧ୍ୟ ଦେଇ ପଶ୍ଚିମବଙ୍ଗର ମେଦିନାପୁର ପର୍ଯ୍ୟନ୍ତ ଯାଇଛି ; ଯେଉଁ ପଥ ଦେଇ ଏବେ ବି ପ୍ରତିବର୍ଷ ହାତୀମାନେ ଯାତାୟାତ କରୁଛନ୍ତି । ବଉଳା କ୍ରୋମାଇଟ୍ ଖଣି ଯୋଗୁ ଶିମିଳିପାଳ-ହଦଗଡ଼-କୁଲଡିହା ସଂଯୋଗପଥ,ରାଜ୍ୟ ରାଜପଥ ଓ ରେଳପଥ ପାଇଁ ସାତକୋଶିଆ,ଛେଣ୍ଡିପଦା ଓ ପାଲଲହଡ଼ା ମଧ୍ୟରେ ଢେଙ୍କାନାଳ ଜିଲାର ମଉଳାଭଞ୍ଜି, ଜିରିଡ଼ିମାଳଠାରୁ ଅନନ୍ତପୁର-କପିଳାସ ପର୍ଯ୍ୟନ୍ତ ସଂଯୋଗ ପଥ ବିଚ୍ଛିନ୍ନ ତଥା ଖଣ୍ଡ ବିଖଣ୍ଡିତ । ମୋଟ ୪୨୧ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ୧୪ଟି ହାତୀ ଚଲାପଥ ମଧ୍ୟରୁ ଅଧିକାଂଶ ଏବେ ଅବ୍ୟବହୃତ ଏବଂ ଅକାମୀ ହୋଇଗଲାଣି । ବିଡ଼ମ୍ବନାର ବିଷୟ, ୨୦୧୧ରୁ ଚିହ୍ନଟ ହୋଇଥିଲେ ମଧ୍ୟ ଅଦ୍ୟାବଧି ଏଗୁଡ଼ିକ ବିଜ୍ଞପିତ ହୋଇନାହିଁ । ତେଣୁ ଏଗୁଡ଼ିକର କୌଣସି ଆଇନଗତ ମାନ୍ୟତା ମଧ୍ୟ ନାହିଁ। ଏବେ ରାଜ୍ୟ ବନ ବିଭାଗ ଅନ୍ୟ କେତେକ ସ୍ୱେଚ୍ଛାସେବୀ ସଂଗଠନ ସହାୟତାରେ ନୂଆ ହାତୀ ଚଲାପଥ ସର୍ବେକ୍ଷଣ କରୁଛନ୍ତି ଏବଂ ହାତୀ ବସବାସ କରୁଥିବା ରାଜ୍ୟ ସରକାରଙ୍କ ସହ ପରାମର୍ଶ କରି ନୂତନ ପ୍ରସ୍ତାବ ଦେବାର ଯୋଜନା କରିଛନ୍ତି । 'କରିଡର' ବା ହାତୀଚଲା ପଥ, ହାତୀବଂଶର ଦୀର୍ଘ ମିଆଦୀ ସଂରକ୍ଷଣ ତଥା ଅଭିବୃଦ୍ଧି ପାଇଁ ଏକାନ୍ତ ଜରୁରୀ । ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଯାତାୟାତ ନିମନ୍ତେ ଏହା ହାତୀପଲଙ୍କୁ ଏକ ନିରାପଦ ରାସ୍ତା ଯୋଗାଇ ଦେଇଥାଏ । ସହାୟକ ହୋଇ ପାରିବ ନାହିଁ ।


## ଆମ କାର୍ଯ୍ୟାଳୟ ଠିକଣା

ଦୈନିକ ହୀରାଞ୍ଚଳ
HIRANCHAL

**ଭୁବନେଶ୍ୱର ସଂସ୍କରଣ**

ଏନ/୬, ପ୍ଲଟ୍ ନଂ-୧୭୩ (ତଳ ମହଲା)
ଆଇଆରସି ଭିଲେଜ୍, ନୟାପଲ୍ଲୀ,
ଭୁବନେଶ୍ୱର-୧୫
ଫୋନ୍-୦୬୭୪-୨୩୬୨୦୬୭

**ସମ୍ବଲପୁର ସଂସ୍କରଣ**

ପ୍ଲଟ୍ ନଂ-୮୦୨, ନ୍ୟୁ ବ୍ୟାଙ୍କ କଲୋନୀ, ସାକ୍ଷୀପଡ଼ା,
ଜିଲ୍ଲା-ସମ୍ବଲପୁର, ଓଡ଼ିଶା-୭୬୮୦୦୧, ଫୋନ୍-୭୮୯୪୦୬୦୧୧୬

**ମୁଖ୍ୟ କାର୍ଯ୍ୟାଳୟ ବୌଦ୍ଧ**

ନୂଆସାହି, ବୌଦ୍ଧ, ଜିଲ୍ଲା-ବୌଦ୍ଧ
ଫୋନ-୦୬୮୪୧-୨୨୨୩୦୦
E-mail: thehiranchal@gmail.com


# ସେବାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ଗୋପବନ୍ଧୁ



ଡ଼ଃ.ଅରୁନ୍ଧତୀ ଦେବୀ

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଆଦର୍ଶ ତ୍ୟାଗ ଓ ସମାଜ ସେବା ସମଗ୍ର ଓଡ଼ିଆ ଜାତି ପାଇଁ ଚିରସ୍ମରଣୀୟ ହୋଇ ରହିଛି ଓ ରହିଥିବ। ତାଙ୍କ ଜୀବନୀ ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ପ୍ରଭାବିତ କରିଥାଏ। ଜନ୍ମ ହେଲେ ସମସ୍ତେ ମୃତ୍ୟୁବରଣ କରନ୍ତି। କାଳର କରାଳ ଗର୍ଭରେ ସବୁକିଛି ବିଲୀନ ହୋଇଯାଏ। ସମୟର ସ୍ରୋତ ସମସ୍ତଙ୍କୁ ଭସାଇ ନିଏ। ଯେତେ ଯାହା ହେଲେ ମଧ୍ୟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ତାଙ୍କର ନିଷ୍ଠାପର ଆନ୍ତରିକ ସେବା କାର୍ଯ୍ୟ ପାଇଁ ପ୍ରତ୍ୟେକ ଓଡ଼ିଆଙ୍କ ନିକଟରେ ଅଭୁଲା ହୋଇ ରହିଥିବେ। ଗୋପବନ୍ଧୁ ଜନ୍ମ ଲାଭ କରିଥିଲେ ପୁରୀ ଜିଲ୍ଲାର ସୁଆଣ୍ଡୋ ନାମକ ଏକ ଗ୍ରାମରେ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖରେ। ତାଙ୍କ ପିତାଙ୍କ ନାମ ଥିଲା ଦୈତାରୀ ଦାସ ଓ ମାତାଙ୍କ ନାମ ଥିଲା ସ୍ୱର୍ଣ୍ଣମୟୀ ଦେବୀ।ଜନ୍ମର ଅଳ୍ପ ଦିନ ପରେ ସେ ମାଛେଉଣ୍ଡ ହୋଇ ପିଉସୀ କମଳା ଦେବୀଙ୍କ ତତ୍ତ୍ୱାବଧାନରେ ପ୍ରତିପାଳିତ ହୋଇଥିଲେ । ଗ୍ରାମରେ ଥିବା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଲାଭ କଲାପରେ ରୂପଦେଇପୁରରେ ଥିବା ମଧ୍ୟଇଂରାଜୀ ବିଦ୍ୟାଳୟରେ ପଢ଼ିଲେ । ପୁରୀ ଜିଲ୍ଲା ସ୍କୁଲରୁ ୧୮୯୯ ମସିହାରେ ସେ ମେଟ୍ରିକ୍ୟୁଲେସନ ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ତାଙ୍କର କଲେଜ ଶିକ୍ଷା ଆରମ୍ଭ ହେଲା କଟକ ରେଭେନ୍ସା ମହାବିଦ୍ୟାଳୟରେ। ୧୯୦୨ ମସିହାରେ ସେ ଏଫ୍.ଏ. ପରୀକ୍ଷାରେ ଓ ୧୯୦୪ ମସିହାରେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ରେଭେନ୍ସା କଲେଜରେ ପଢ଼ୁଥିବା ସମୟରେ ସେ ଆଚାର୍ଯ୍ୟହରିହର ଆଦି ଦେଶ ସେବକ ମାନଙ୍କ ସଂସ୍ପର୍ଶରେ ଆସି ଦେଶ ସେବାରେ ଆଗ୍ରହୀ ହେଲେ। ୧୯୦୨ ମସିହାରେ ବ୍ରହ୍ମପୁରରେ ହୋଇଥିବା ଉତ୍କଳ ସମ୍ମିଳନୀରେ ଯୋଗ ଦେଇ ସ୍ୱରଚିତ ପ୍ରାରମ୍ଭିକ ସଙ୍ଗୀତ ଗାନ କରି ଉତ୍କଳ ଗୌରବ ମଧୁସୂଦନ ଦାସ ଆଦି ବିଶିଷ୍ଟ ବ୍ୟକ୍ତିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରେଭେନ୍ସା ମହାବିଦ୍ୟାଳୟରୁ ବି.ଏ. ପାଶ କଲାପରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଆଇନ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ଦେଶର ଶିକ୍ଷାର ପ୍ରସାର ପାଇଁ ସେ ନିଳଗିରି ଠାରେ ସ୍ଥାପିତ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଲେ` ଜଣେ ଆଦର୍ଶ ଶିକ୍ଷକଙ୍କର ଭୂମିକା ସମ୍ବନ୍ଧରେ ଅନ୍ୟ ଶିକ୍ଷକମାନଙ୍କୁ ପ୍ରଶିକ୍ଷିଣ ଦେଲାପରେ ସେ ଆଇନଜ୍ଞ ଭାବେ କଟକରେ କାର୍ଯ୍ୟକଲେ ଓ ପରେ ପୁରୀ ଯାଇ ଓକିଲାତି କରିଥିଲେ । ମିଥ୍ୟାକୁ ତିଳେ ମାତ୍ର ପ୍ରଶୟ ନ ଦେଇ ସତ୍ୟକୁ ସମ୍ବଳ କରି ଓକିଲାତି କରିବା ପାଇଁ ସେ ଅନ୍ୟ ଓକିଲ ମାନଙ୍କୁ କହୁଥିଲେ। ସେତେବେଳେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ନଥିଲା। ବିହାର ଓ ଓଡ଼ିଶା ଏକ ଶାସନାଧୀନ ଥିଲା । ଗୋପବନ୍ଧୁ ୧୯୧୭ରୁ ୧୯୨୦ ମସିହା ପର୍ଯ୍ୟନ୍ତ ବିହାର ଓଡ଼ିଶା ବିଧାନ ସଭାର ସଭ୍ୟ ରହି ବହୁତ ଉନ୍ନତି ମୂଳକ କାର୍ଯ୍ୟ କରିଯାଇଛନ୍ତି । ବିଶେଷତଃ ପରାଧୀନ ଦେଶରେ ଦେଶବାସୀଙ୍କର ପ୍ରକୃତ ଉନ୍ନତି କିପରି ହେବ ସେଥିପାଇଁ ସେ ଚିନ୍ତିତ ଥିଲେ। ଓଡ଼ିଶାରେ ଜାତୀୟ କଂଗ୍ରେସର ସେ ସଭାପତି ହେଲେ। ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପ୍ରଚାରିତ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ସେ ୧୯୨୨ରୁ ଦୁଇବର୍ଷ ପାଇଁ ହଜାରିବାଗ ଜେଲରେ ବନ୍ଦୀ ଜୀବନ ବିତାଇ ଥିଲେ। ଓଡ଼ିଆ ଭାଷାରେ ଲିଖିତ ତାଙ୍କର ଦେଶପ୍ରେମର ବାର୍ତ୍ତା ଦେଶବାସୀଙ୍କ ମଧ୍ୟରେ ଦେଶପ୍ରେମ ଓ ସ୍ୱାଧୀନତାର ବହ୍ନି ଜାଳି ଦେଇଥିଲା। ୧୯୨୪ ମସିହାରେ କଟକ ଠାରେ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀରେ ତାଙ୍କୁ ଉତ୍କଳମଣି ଉପାଧି ପ୍ରଦାନ କରାଯାଇଥିଲା । ସେ ଲୋକ ସେବକ ମଣ୍ଡଳର ସଦସ୍ୟ ଓ ଉପସଭାପତି ଥିଲେ। ତାଙ୍କ ନିଜ ପୁଅ ରୋଗଗ୍ରସ୍ତ ଥିବା ସମୟରେ ସେ ଖବର ପାଇଲେ ବନ୍ୟା ଯୋଗୁଁ ଅନେକ ଅଞ୍ଚଳ ଜଳମଗ୍ନ ହୋଇ ଯାଇଥିବାରୁ ଲୋକମାନେ ଘରଦ୍ୱାରା ହରାଇ ଭୋକ ଉପାସରେ ପଡ଼ିରହି କଷ୍ଟ ଭୋଗୁଛନ୍ତି । ନିଜର ଗୁରୁତର ଅବସ୍ଥାରେ ପଡ଼ିଥିବା ରୋଗଗ୍ରସ୍ତ ପୁଅକୁ ଛାଡ଼ି ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ଥଇଥାନ ଓ ଅନ୍ନ ସଂସ୍ଥାନ କରିବା ପାଇଁ ଚାଲିଗଲେ। ଗୋଟିଏ ପୁଅ ତୁଳନାରେ ହଜାର ହଜାର ଲୋକଙ୍କ କଷ୍ଟ ଦୂର କରିବା ତାଙ୍କ ପାଇଁ ଅଧିକ ଉପଯୋଗୀ ମନେହେଲା । ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ସେବା କରି ଘରକୁ ଫେରି ଆସିଲା ବେଳକୁ ପୁଅ ଶେଷ ବିଦାୟ ନେଇ ସାରିଥିଲା। ବାସ୍ତବିକ ଏ ପ୍ରକାର ସେବା କେତେ ଜଣ କରିପାରିବେ ? ନିଜ ପର ମଧ୍ୟରେ ପ୍ରଭେଦ ସେ ଦେଖୁନଥିଲେ। ମାନବ ସେବାକୁ ମାଧବଙ୍କ ସେବା ବୋଲି ସେ ଗ୍ରହଣ କରିଥିଲେ। ଲୋକମାନଙ୍କ ନିକଟରେ ବିଭିନ୍ନ ସମ୍ବାଦ ପହଞ୍ଚାଇବାକୁ ସେ ସେବା ରୂପେ ଗ୍ରହଣ କରିଥିଲେ। ସେଥିପାଇଁ ୧୯୧୫ ମସିହାରେ ନିଜ ଗ୍ରାମରୁ କିଛି ଦୂରରେ ଥିବା ସାକ୍ଷୀଗୋପାଳରୁ "ସତ୍ୟବାଦୀ ନାମରେ ଗୋଟିଏ ପତ୍ରିକା ପ୍ରକାଶ କରି ଲୋକମାନଙ୍କ ମଧ୍ୟରେ ବିତରଣ କଲେ । ୧୯୧୯ ମସିହାରେ "ସମାଜ ପତ୍ରିକା ପ୍ରକାଶ କଲେ । ପ୍ରଥମରେ ଏହା ସପ୍ତାହରେ ଥରେ ପ୍ରକାଶିତ ହେଉଥିଲା। ଓଡ଼ିଶାରେ ଅନେକ ସମ୍ବାଦପତ୍ର ପ୍ରକାଶିତ ହେଉଥିଲେ ହେଁ ସମାଜର ଲୋକପ୍ରିୟତା ଗୋପବନ୍ଧୁଙ୍କର ଆଶୀର୍ବାଦରୁ ଅତୁଟ ରହିଛି। ପରାଧୀନ ଦେଶରେ ଲୋକ ମାନଙ୍କୁ ସ୍ୱାଧୀନତା ସମ୍ବନ୍ଧରେ ଉଦ୍‌ବୁଦ୍ଧ କରିବାକୁ ଏକ ବଡ଼ ସେବା ବୋଲି ସେ ଗ୍ରହଣ କରିଥିଲେ । ଦେଶ ଓ ଦଶର ସେବା ବ୍ରତ ପାଇଁ ସେ ଚିରଦିନ ଓଡ଼ିଆ ମାନଙ୍କ ମନରେ ବଞ୍ଚି ରହିଥିବେ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ କଟକ, ଦୂରଭାଷ : ୯୯୩୭୧୭୨୮୧୦

# ପର୍ଶୁରାମ



ଅଜୟ କୁମାର ବେହେରା

ପର୍ଶୁରାମ ଅବତାର ଆସନ୍ତି ଭକ୍ତଙ୍କୁ ଭଗବାନ ରକ୍ଷା କରନ୍ତି ଏଇ ମାନ୍ୟତାରେ କିନ୍ତୁ ଭଗବାନ ତ ସମସ୍ତଙ୍କର ତେବେ ତାରଣ ମାରଣ କେମିତି ଭଗବାନ କରୁଛନ୍ତି। ତାଙ୍କର ପତ୍ନୀ ଲକ୍ଷ୍ମୀ କେମିତି ପରିମାଣ ନକଳି ଜଣକୁ ବହୁତ ଧନ ଦେଇ ବେପରୁଆ କରୁଛନ୍ତି ଯେ ଅନ୍ୟକୁ ଶୋଷଣ ନିଷ୍ପେଷ ମାରଣ ବୃତ୍ତି ଛେଦନ ଆଦି କନ୍ଦାଇ ଧନ ଜମାଉଛନ୍ତି । ଏହା କଣ ମାଲକ୍ଷ୍ମୀଙ୍କ ଅଜ୍ଞତା ନା ଅନ୍ୟାୟ ଆୟକୁ ପ୍ରଶୟ ? ମା ସରସ୍ୱତୀ କେମିତି ତାଙ୍କ ପୁଅ ମାନଙ୍କ ବିଦ୍ୟାମାର୍ଜନ ନକରି ପରସ୍ପର ଭେଦ ଦିଗକୁ ବଢ଼ାଇ ନେଉଛନ୍ତି ? କଣ ଗେହ୍ଲା ପୁଅ ଶୋଗ ମାଆଙ୍କର ଅଛି କି ? ଆଉ ପ୍ରଭୁଙ୍କର ବାହିନୀ ମାନେ ଠିକ ଚୌକିଦାରୀ କରୁନାହାଁନ୍ତି କି ? ତେବେ ଅବତାର ରୁଠା ହୋଇ ନିଜେ ଆସିବାକୁ କାହିଁକି ବାଧ ହେଉଛନ୍ତି ଏହା ବୁଝିବା ବହୁଜଟିଳ । ଧନ ଆସିଗଲେ ସରା ବୋଧ ହେଉଛି ସୁର, ଶବ୍ଦର ଅନ୍ତରାରେ ଆକାର ଲାଗି ସୁରା ତାହା ସେହି ମନୋଜ୍ଞ ନିଶାଖୋରଙ୍କୁ ଭଗବାନ (ଭଗ= ଧନ ବୋଲାଇବାରୁ ଭଗବାନ ଆସିବାକୁ ବାଧ କରେ। ନିଶାର ବହୁ ପାଦହାତ କିନ୍ତୁ ମୁଣ୍ଡର କାମ ନାହିଁ ହେଲେ ମୁଣ୍ଡ ଯିବା ଦିନ ସେ ନିଶା ଖସେ, କାଣ୍ଡ କପିଳାସ ଚାଲିଯାଇଥାଏ । ଥରେ ନୁହେଁ ୨୧ ଥର ମନୋଜ୍ଞ ମେରିରାୟରେ ଜନ ସମୂହ ମାନଙ୍କୁ କେବଳ ଦଣ୍ଡ ନୀତିରେ ତାପିତ କରିବା ବିଶେଷ ବିଷୟ ନିଶାଖୋରଙ୍କୁ ସାବାଡ଼ କରିଥିଲା । ତାଙ୍କର ହତିଆର ଥିଲା ଲୌହ ନିର୍ମିତ ଫାର୍ଶା, ଫାର୍ଶା, ଫାର୍ଶା ରୋଧ କରିଦେଇଥିଲା । ରକ୍ତ ରଂଜିତ ନ ହେଲେ ଦୁଃଖ ରଂଜିତ କୃଷ୍ଣ ରଙ୍ଗ ପତକା ଏହି ଫାର୍ଶା ଭାଙ୍ଗିବା ସ୍ତରରେ କାମ କଲାଣି । ସବୁ ଅବତାର ଫେରୁଛନ୍ତି କିନ୍ତ ପର୍ଶୁରାମ ଫେରାଇ ନାହାନ୍ତି । ସେ ଏବେ ଚିରକାଳ ରାମ, ପତାକା ରାମ, ଖଣ୍ଡା ରାମ । ସାଧୁ ସାବଧାନ ।

ସମ୍ପାଦକ "ନିୟତି ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# ବୌଦ୍ଧରେ କଂଗ୍ରେସର ୧୨ ଘଣ୍ଟିଆ ବନ୍ଦରେ ଜନଜୀବନ ଅସ୍ତବ୍ୟସ୍ତ

## ରାସ୍ତାକଡରେ ଅଟକି ରହିଲା ଶତାଧିକ ଯାନବାହନ




**ବୌଦ୍ଧ, ୮/୧୦(ହୀ.ପ୍ର): –** ଆଜି ସକାଳ ୬ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କଂଗ୍ରେସର ଓଡିଶା ବନ୍ଦ ଡାକରାରେ ବୌଦ୍ଧ ଜିଲ୍ଲା କଂଗ୍ରେସ ପକ୍ଷରୁ ମଧ ଜିଲ୍ଲାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି । ବିଭିନ୍ନ ଦାବିକୁ ନେଇ ରାଜ୍ୟ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ଏଠାରେ ଦେଖିବାକୁ ମିଳିଛି। ଗୁରୁବାର ସକାଳ ୬ଟାରୁ କଂଗ୍ରେସ କର୍ମୀମାନେ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦ ପାଳନ କରୁଥିବାରୁ ଯାନବାହନ ଚଳାଚଳ, ଦୋକାନ ବଜାର ସମେତ ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ସ୍ୱତଃସ୍ଫୂର୍ତ୍ତ ଭାବେ ବନ୍ଦ ରହିଛି । ସ୍କୁଲ, କଲେଜ, ବ୍ୟାଙ୍କ, ଡାକଘର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ମଧ ବନ୍ଦ ରହିଥିବାବେଳେ କୋର୍ଟ ଖୋଲାଥିବା ଦେଖିବାକୁ ମିଳିଥିଲା । ବୌଦ୍ଧ ମହାନଦୀ ବ୍ରିଜ୍ ଛକ ଓ ରଇଠାଣୀ ବାଇପାସ୍ ଛକ ନିକଟରେ କଂଗ୍ରେସ କର୍ମୀମାନେ ରାସ୍ତା ଉପରେ ରହି ପିକେଟିଂ କରିବା ସହ ଯାନବାହାନ ଗୁଡିକୁ ଅଟକାଉଥିବାବେଳେ ଦୋକାନବଜାର ମଧ ବନ୍ଦ୍ କରାଉଥିଲେ । ଫଳରେ ଉଭୟ ଛକରେ ଶତାଧିକ ଯାନବାହାନ ଅଟକି ରହିଛି । ଆଜିର ଏହି ବନ୍ଦ୍ ଯୋଗୁଁ ଦୂରଦୂରାନ୍ତକୁ ଯାଉଥିବା ଯାତ୍ରୀ ଓ ଅନ୍ୟାନ୍ୟ ଯାନବାହାନ ଚାଳକମାନେ ଅସୁବିଧାରେ ପଡ଼ିଛନ୍ତି । କେନ୍ଦ୍ର ସରକାରଙ୍କ ଏମଏମ୍‌ଡିଆର ବିଲ୍ ପ୍ରତ୍ୟାହାର, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ବହିଷ୍କାର, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ୍ ସହାୟତା ପ୍ରଦାନ ଦାବିରେ ରାଜ୍ୟ କଂଗ୍ରେସ ପକ୍ଷରୁ ଆଜି ଏହି ବନ୍ଦ ଡାକରା ଦିଆଯାଇଛି । ବିଭିନ୍ନ ଛକ ମାନଙ୍କରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହେବାପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିବାବେଳେ କେତେକ ସ୍ଥାନରେ କଂଗ୍ରେସ କର୍ମୀମାନେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିବା ଦେଖିବାକୁ ମିଳିଥିଲା । ଏହି ବନ୍ଦ୍ ପାଳନ ଜିଲ୍ଲା କଂଗ୍ରେସ ସଭାପତି ଅବଦୁଲ କଲିମ ଖାଁଙ୍କ ନେତୃତ୍ୱରେ ହୋଇଥିବାବେଳେ କଂଗ୍ରେସର ସାଧାରଣ ସଂପାଦକ ଦେବରାଜ ପଟ୍ଟନାୟକ, ନଗର କଂଗ୍ରେସ ସଭାପତି ତପନ କୁମାର ରାଉତରାୟଙ୍କ ସମେତ ବହୁସଂଖ୍ୟାରେ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ ।

# ସେବା ସଂକଳ୍ପ ଅଭିଯାନରେ ଯୁବ ଭୋଟରଙ୍କୁ ଅନ୍ତର୍ଭୁକ୍ତି ପାଇଁ ସଚେତନତା



**ବୌଦ୍ଧ, ୮/୧୦(ହୀ.ପ୍ର): –** ବୌଦ୍ଧ ଷ୍ଟାଡିୟମ୍ ପରିସରରେ ଆୟୋଜିତ ବିକଶିତ ଭାରତ ସଂକଳ୍ପ ସଭା ଏବଂ ସେବା ସଂକଳ୍ପ ଅଭିଯାନରେ ଯୋଗଦେଇଥିବା କଲେଜ ଛାତ୍ରଛାତ୍ରୀ ଓ ଯୁବକ-ଯୁବତୀମାନଙ୍କୁ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ସଚେତନ କରାଯାଇଥିଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପଜିଲ୍ଲାପାଳ ବିନୟ କୁମାର ଭୋଇ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ମଂସିତ୍ ସ୍ୱରୂପ ଉପସ୍ଥିତ ରହି ଯୁବ ଭୋଟରମାନଙ୍କୁ ନିର୍ବାଚନୀ ପ୍ରକ୍ରିୟାରେ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ କରିଥିଲେ । ଏଥିସହ ଫର୍ମ-୬ ବଣ୍ଟନ କରାଯାଇ ଏହାକୁ କିପରି ପୂରଣ କରିବାକୁ ହେବ, ସେ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇ ଦିଆଯାଇଥିଲା । ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ଭୋଟର ତାଲିକାରୁ ବାଦ ପଡ଼ିଥିବା ଯୋଗ୍ୟ ବ୍ୟକ୍ତି ଏବଂ ନୂତନ ଯୁବ ଭୋଟରମାନଙ୍କୁ ତାଲିକାରେ ସାମିଲ କରିବା ପାଇଁ ଚଳିତ ମାସ ୭, ୮ ଓ ୯ ତାରିଖରେ ସ୍ୱତନ୍ତ୍ର ଅଭିଯାନ ଅନୁଷ୍ଠିତ ହେଉଛି । ଭୋଟର ତାଲିକାକୁ ତ୍ରୁଟିଶୂନ୍ୟ, ସ୍ୱଚ୍ଛ ଓ ସଠିକ୍ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ୨୦୨୬ ଅକ୍ଟୋବର ୧ ତାରିଖ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ଯୋଗ୍ୟ ଯୁବକ ଯୁବତୀମାନେ ଏହି ସୁଯୋଗରେ ନିଜ ନାମ ଭୋଟର ତାଲିକାରେ ପଞ୍ଜୀକୃତ କରାଇପାରିବେ । ସେହିପରି, କୌଣସି କାରଣରୁ ଯେଉଁ ଯୋଗ୍ୟ ବ୍ୟକ୍ତିଙ୍କ ନାମ ଚୂଡ଼ାନ୍ତ ଭୋଟର ତାଲିକାରେ ସ୍ଥାନ ପାଇନାହିଁ, ସେମାନେ ମଧ ଫର୍ମ-୬ ମାଧ୍ୟମରେ ନାମ ଅନ୍ତର୍ଭୁକ୍ତି ପାଇଁ ଆବେଦନ କରିପାରିବେ । ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଯୋଗ୍ୟ ଯୁବ ଭୋଟର ନିଜ ନିଜ ବୁଥ୍‌ର ବୁଥ୍ ଲେଭେଲ ଅଫିସର (ବିଏଲଓ)ଙ୍କ ନିକଟରେ ଫର୍ମ-୬ ଦାଖଲ କରି ଏହି ସୁଯୋଗର ସଦୁପଯୋଗ କରିବାକୁ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ତରଫରୁ ଅନୁରୋଧ କରାଯାଇଛି ।

# ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଘରକୁ ଘର ସର୍ଭେ ସମ୍ପର୍କିତ ପ୍ରଶିକ୍ଷଣ




**ବୌଦ୍ଧ, ୮/୧୦(ହୀ.ପ୍ର): –** ବୌଦ୍ଧ ଜିଲ୍ଲାରେ ଆଗାମୀ ୨୦୨୭ ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରସଂସ୍ଥା ମାନଙ୍କର ନିର୍ବାଚନ ପାଇଁ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଘରକୁ ଘର ସର୍ଭେ ସୁଚାରୁ ଓ ସଫଳ ଭାବେ କାର୍ଯ୍ୟକାରୀ କରିବା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ବୈଠକ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପଜିଲ୍ଲାପାଳ ତଥା ଇ ଆଁ ଓ ବିନୟ କୁମାର ଭୋଇ, ଜିଲ୍ଲାର ସମସ୍ତ ବିଡିଓ ଓ ତହସିଲଦାର ଯୋଗଦେଇଥିଲେ । ବୈଠକରେ ଏହି ସର୍ଭେର ଉଦ୍ଦେଶ୍ୟ, ଘରକୁ ଘର ଯାଇ ତଥ୍ୟ ସଂଗ୍ରହ ପ୍ରକ୍ରିୟା, ନିର୍ଦ୍ଧାରିତ ଫର୍ମର ସଠିକ୍ ବ୍ୟବହାର, ତଥ୍ୟର ସଠିକତା ଏବଂ ରେକର୍ଡ ସଂରକ୍ଷଣ ସମ୍ପର୍କରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ସୁଦାମ ଚରଣ ସାମଲ ବିସ୍ତୃତ ଆଲୋଚନା କରିଥିଲେ । ସର୍ଭେ ସମୟରେ ଭୋଟର ତାଲିକା ସମ୍ପର୍କିତ ତଥ୍ୟର ସଠିକତା ଓ ପାରଦର୍ଶିତାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଅବସରରେ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ମାଷ୍ଟର ଟ୍ରେନରମାନେ ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ପୃକ୍ତ କର୍ମଚାରୀ ଓ କ୍ଷେତ୍ରସ୍ତରୀୟ ଟିମ୍‌ଗୁଡ଼ିକୁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରିବେ । ବୈଠକରେ ସର୍ଭେ କାର୍ଯ୍ୟକୁ ସମୟବଦ୍ଧ, ନିର୍ଭୁଲ ଓ ସୁସଂଗଠିତ ଭାବେ ସମ୍ପାଦନ କରିବା ସହିତ ଜନସାଧାରଣଙ୍କ ସହଯୋଗ ନେଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶାନୁଯାୟୀ ସର୍ଭେ କାର୍ଯ୍ୟକୁ ସଫଳ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସମନ୍ୱୟରେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସର୍ଭେ କାର୍ଯ୍ୟ ୨୬ ଅକ୍ଟୋବରରୁ ୦୭ ନଭେମ୍ବର ମଧ୍ୟରେ ଅନୁଷ୍ଠିତ ହେବ।

### ରାଜ୍ୟସ୍ତରୀୟ ଦୌଡ଼ ପ୍ରତିଯୋଗିତା

# ଇତିହାସ ରଚିଲେ ରାୟଗଡା ଜିଲ୍ଲାର ଦୈତାରୀ ମାଝୀ

**କଲ୍ୟାଣସିଂହପୁର, ୮/୧୦(ହୀ.ପ୍ର):** ରାଜ୍ୟସ୍ତରୀୟ ଦୌଡ଼ ପ୍ରତିଯୋଗିତାରେ ରାୟଗଡା ଜିଲ୍ଲାର ନିପଟ ଦୁର୍ଗମ ଅଞ୍ଚଳର ନାରାୟଣପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ର ଦୈତାରୀ ମାଝୀ ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟସ୍ତରକୁ ଉନ୍ନତ ହୋଇ ଇତିହାସ ରଚିଥିବା ଶୁଭେଚ୍ଛାର ସୁଅ ଛୁଟିଛି । କେନ୍ଦୁଝର ଜିଲ୍ଲାର ଧରଣୀ ଧର ଷ୍ଟାଡିଅମ ଠାରେ ରାଜ୍ୟସ୍ତରୀୟ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ନାରାୟଣ ପୁର ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ଦୈତାରୀ ମାଝୀ ଚାରଟି ବିଭଗରେ ଶଫଳତା ପାଇଥିବା ଜଣା ପଡିଛି । ସେ ୬ ଶହ ମିଟର ଦୌଡ଼ରେ ପ୍ରଥମ(ସ୍ୱର୍ଣ୍ଣ ), ୮୦ ମିଟର ଦୌଡ଼ରେ ପ୍ରଥମ (ସ୍ୱର୍ଣ୍ଣ ) ୨ଶହ ମିଟର ଓ ୪ ଶହ ମିଟର ଦୌଡ଼ରେ ଦ୍ୱିତୀୟ ସ୍ଥାନ ପାଇ ସିଲିଭର (ରୌପ୍ୟ)ପଦବ ହାସଲ କରି ବିଜେତା ହୋଇଥିଲେ । ରାଜ୍ୟପାଇଁ ଗୌରବ ଅର୍ଜନ କରିଥିବାରୁ ଉପଜିଲ୍ଲାପାଳ କୈଳାଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝୀ, ଅତିରିକ୍ତ ଶିକ୍ଷା ଅଫକାରିଣୀ ଶାନ୍ତିଲତା ମୁନି, ଜିଲ୍ଲା କ୍ରୀଡା ଅଧିକାରୀ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଶୁଭେଚ୍ଛା ପ୍ରଦାନ କରି ଜିଲ୍ଲା ପାଇଁ ଗୌରବନୀତ କରିଥିବାରୀ ସ୍ୱାଗତ କରିଥିଲେ । ସରହିପରି କ୍ରୀଡା ଶିକ୍ଷାକ ସ୍ୱାଧୀନତା କୁମାର ଦାସଙ୍କ ଶହ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଧନ୍ୟବାଦ ପ୍ରଦାନ କରିଥିଲେ ।



# ବିଜୁଳି କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ଗଣଧାରଣା



**ବୌଦ୍ଧ, ୮/୧୦(ହୀ.ପ୍ର): –** ବିଜୁଳି କର୍ମଚାରୀଙ୍କ ବିଭିନ୍ନ ଦାବି ଓ ସମସ୍ୟାର ସମାଧାନ ଦାବିରେ ଏଆଇଟିୟୁସି ସହବନ୍ଧିତ ବିଜୁଳି କର୍ମଚାରୀ ସଂଘ ପକ୍ଷରୁ ଗତକାଲିଠାରୁ ବୌଦ୍ଧ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଆରମ୍ଭ ହୋଇଛି । ଦାବି ପୂରଣ ନହେବା ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । କଷ୍ଟ କଟିଂ ନାମରେ ଶ୍ରମିକ ଛଟେଇ ବନ୍ଦ କରିବା, ଶ୍ରମିକଙ୍କ ପାଇଁ ୮ ଘଣ୍ଟିଆ କାର୍ଯ୍ୟ ସମୟ ଲାଗୁ କରିବା, ୮ ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟ କଲେ ଓଭରଟାଇମ୍ ଅନୁଯାୟୀ ଅତିରିକ୍ତ ପାରିଶ୍ରମିକ ପ୍ରଦାନ, ପ୍ରତି ମାସର ପ୍ରଥମ ସପ୍ତାହ ମଧ୍ୟରେ ବେତନ ପ୍ରଦାନ ଆଦି ଦାବି ନେଇ କର୍ମଚାରୀମାନେ ଧାରଣାରେ ବସିଛନ୍ତି । ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କୁ କାର୍ଯ୍ୟ ଅନୁଯାୟୀ ସମ୍ମାନଜନକ ଦରମା ପ୍ରଦାନ ଏବଂ କାର୍ଯ୍ୟରତ ସମୟରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା କର୍ମଚାରୀଙ୍କ ପରିବାରକୁ ଟିପିଏସଓଡିଏଲ ପକ୍ଷରୁ ତୁରନ୍ତ ଅନୁକମ୍ପା ରାଶି ପ୍ରଦାନ ଭଳି ଦାବି ମଧ ରହିଛି । ପ୍ରଥମ ଦିନର ଧାରଣା ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିବାବେଳେ ଆସନ୍ତାକାଲି ସକାଳ ୧୦ଟାରୁ ପୁଣି ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଧାରଣାରେ ଡିଭିଜନ ସମ୍ପାଦକ ପ୍ରତାପ କୁମାର ପ୍ରଧାନ, ଉପଦେଷ୍ଟା ଅବକାଶ ସାହୁ, ସହସମ୍ପାଦକ ସୁନିଲ କୁମାର ପ୍ରଧାନ, ସଂଗଠନ ସମ୍ପାଦକ ଗୁପ୍ତେଶ୍ୱର ପ୍ରଧାନ, କୋଷାଧ୍ୟକ୍ଷ କୁଶଳେଶ୍ୱର ଡାଙ୍ଗଙ୍କ ସମେତ ପୁରୁଷୋତ୍ତମ ଭଞ୍ଜ, ବ୍ରହ୍ମାନନ୍ଦ ମହାନ୍ତି, ସିତାଂଶୁ ବେହେରା, ଦେବାଶିଷ ପ୍ରଧାନ, ଅଜିତ ଦାସ, ଲକ୍ଷ୍ମଣ ପ୍ରଧାନ ଓ ମକରନ୍ଦ କର୍ଣ୍ଣ ପ୍ରମୁଖ ଯୋଗ ଦେଇଥିଲେ ।

# ବିଭିନ୍ନ ସ୍ଥାନରେ 'ଓଡ଼ିଶା ବନ୍ଦ'ର ପ୍ରଭାବ



**ଫୁଲବାଣୀ, ୮/୧୦(ହୀ.ପ୍ର):** କଂଗ୍ରେସ ନେତୃତ୍ୱାଧୀନ 'ଇଣ୍ଡି' ମେଣ୍ଟ ଆଜି କନ୍ଧମାଳ ଜିଲ୍ଲାରେ ଓଡ଼ିଶା ବନ୍ଦ ଡାକରା ଦେଇଥିବା ବେଳେ ଆଜି ସକାଳୁ ମାଦିକୁନ୍ଦା ଛକ ଫୁଲବାଣୀ ଠାରେ ଟାୟାର ଜଳାଇ ରାସ୍ତା ରୋକ କରି ଚାରିଚକିଆ ଯାନ ଓ ଅଟୋ ଚଳାଚଳ ବନ୍ଦ କରିଥିଲେ । ଫୁଲବାଣୀ ସମେତ ସାରା ଜିଲ୍ଲାରେ ଏହାର ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଥିଲା। ଯାହା ସୂଚନା ରହିଛି ଏମ୍ଏମ୍ ଡିଆର ସଂଶୋଧନ ଆଇନ୍ ୨୦୨୬, ଭୋଟର ତାଲିକାର ସ୍ପେସିଅଲ୍ ଇଣ୍ଟେନ୍ସିଭ୍ ରିଭିଜନ ଏବଂ ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣ ବିରୋଧରେ 'ଓଡ଼ିଶା ବନ୍ଦ'କୁ ସଫଳ କରିବା ପାଇଁ ଆଜି ସମଗ୍ର ଓଡିଶା ରେ କଂଗ୍ରେସ ସହ ବିଭିନ୍ନ ଦଳର ସହଯୋଗରେ ବନ୍ଦ କରାଯାଇଥିବା ଦେଖିବାକୁ ମିଳିଛି ।ସେହିପରି ବନ୍ଦର ପ୍ରଭାବ ଫୁଲବାଣୀ ବ୍ଲକ ରେ ଦେଖିବାକୁ ମିଳିଥିଲା । କନ୍ଧମାଳ ଜିଲ୍ଲା ସଭାପତି ଚନ୍ଦ୍ରଶେଖର ପରିଡାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ପିକେଟିଂ କରି ଦୋକାନ ବଜାର, ଅଫିସ, ବ୍ୟାଙ୍କ, ବନ୍ଦ କରିବା ସହ ବସ ଗାଡିକୁ ଅଟକାଇ ବନ୍ଦ କରିଥିଲେ । ବିଭିନ୍ନ ସ୍ଥାନକୁ ଯିବା ଆସିବା କରୁଥିବା ବସ ଗାଡି ସବୁ ବନ୍ଦ ଥିଲା ଫଳରେ ଫୁଲବାଣୀ ବସ ଷ୍ଟାଣ୍ଡ ଜନଶୂନ୍ୟ ଥିଲା ।ଓଡିଶା ବନ୍ଦରେ ଫୁଲବାଣୀ ସହରରେ କୌଣସି ଅପ୍ରତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ବେଳେ ଲୋକେ ନିଜେ ନିଜେ ଦୋକାନ ବଜାର ବନ୍ଦ ରଖିଥିବା ଦେଖିବାକୁ ମିଳିଥିଲା । ଏଥି ସହିତ ସାଇକେଲ ଦଳର ନେତା ତଥା ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର ମଧ ଏହି ବନ୍ଦକୁ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା । ଅନ୍ୟମାନଙ୍କ ମଧରେ କନ୍ଧମାଳ ଜିଲ୍ଲା କଂଗ୍ରେସର ପୂର୍ବତନ ସାଂସଦ ରାଧାକାନ୍ତ ଦିଗାଲ, ବିଧାୟକ ଅଭିମନ୍ୟୁ ବେହେରା, ସରୋଜ ପ୍ରଧାନ,ବିଜୟ ମହାନ୍ତି, ଘନ ଶବର, ହେମନ୍ତ କର,ରଜତ ମହାନ୍ତି, ଦୁର୍ଯ୍ୟୋଧନ ପଟ୍ଟନାୟକ, ସଂସାର ଭୋଇ, ଗୌର ବେହେରା, ବଳଦେବ ବେହେରା,ଶିବ ଶଙ୍କର ବେହେରା,ରଞ୍ଜିତ ଦିଗାଲ,ସଭାପତି ଅନାମ ନାୟକ,ସଞ୍ଜୟ କହଁର, ରାମ ଚନ୍ଦ୍ର ପରିଡା,ପ୍ରମୁଖଙ୍କ ସହଯୋଗରେ ବନ୍ଦ କରାଯାଇଥିଲା ।କନ୍ଧମାଳ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ରେ ବର୍ତ୍ତମାନ ପରୀକ୍ଷା ଚାଲିଥିବା ଯୋଗୁଁ ବିଦ୍ୟାଳୟ ମାନଙ୍କ ରେ ପରୀକ୍ଷା ନିୟମିତ ଚାଲିଥିଲା ।ଏହି ବନ୍ଦ ଡାକରାକୁ ବିଜେଡି ଓ ଆପ ଦଳ ସମର୍ଥନ କରିନଥିବା ଦେଖିବାକୁ ମିଳିଥିଲା ।

**ପୁରୀ, ୮/୧୦(ହୀ.ପ୍ର):** ନିର୍ବାଚନ କମିଶନର ଜ୍ଞାନେଶ କୁମାର ଓ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ସହ ଏମଏମଡିଆର (MMDR) ଆଇନକୁ ବିରୋଧ କରି ଆଜି ଦିଆଯାଇଥିବା 'ଓଡ଼ିଶା ବନ୍ଦ' ଡାକରାର ପ୍ରଭାବ ପୁରୀ ସହରରେ ଦେଖିବାକୁ ମିଳିଛି । ଇଣ୍ଡି ମେଣ୍ଟ, ବାମପନ୍ଥୀ ଦଳ, କଂଗ୍ରେସ ଏବଂ ସିପିଆଇ(ଏମ) ଆଦି ସଂଗଠନ ପକ୍ଷରୁ ମିଳିତ ଭାବେ ଏହି ବନ୍ଦ ଡାକରା ଦିଆଯାଇଛି । ଆଜି ସକାଳୁ ଯେପରିକି ବଡ଼ଦାଣ୍ଡ, ବସ ଷ୍ଟାଣ୍ଡ ଏବଂ ବିଭିନ୍ନ ଛକମାନଙ୍କରେ ସଂଗଠନର କର୍ମୀମାନେ ପିକେଟିଂ କରି ଗାଡ଼ିମୋଟର ଚଳାଚଳ ବନ୍ଦ କରିଥିଲେ । ଏହି ହରତାଳକୁ ସ୍ଥାନୀୟ ଅଟୋ ଚାଳକ ସଂଘ ଏବଂ ବ୍ୟବସାୟୀ ସଂଘ ପୂର୍ଣ୍ଣ ସମର୍ଥନ ଜଣାଇ ବନ୍ଦରେ ସାମିଲ ହୋଇଛନ୍ତି । ଦୋକାନ ବଜାର ବନ୍ଦ ରହିବା ସହ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି । ଅନ୍ୟପଟେ, ସହରର ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅଫିସଗୁଡ଼ିକୁ ପର୍ଯ୍ୟାୟକ୍ରମେ ବନ୍ଦ କରାଯିବ ବୋଲି ଆନ୍ଦୋଳନକାରୀ ଦଳଗୁଡ଼ିକ ଚେତାବନୀ ଦେଇଛନ୍ତି ।



ଆନ୍ଦୋଳନକାରୀମାନେ ପୁରୀ ରେଳ ଷ୍ଟେସନ ଅଞ୍ଚଳରେ ଏକାଠି ହୋଇ ଜୋରଦାର ବିରୋଧ ପ୍ରଦର୍ଶନ କରିବା ସହ ରେଳ ଚଳାଚଳ ବାଧାପ୍ରାପ୍ତ କରିବାକୁ ଚେଷ୍ଟା କରିଥିଲେ । ସହରର ପ୍ରମୁଖ ସ୍ଥାନ ପରିସ୍ଥିତିକୁ ଦୃଷ୍ଟିରେ ରଖି ସହରର ପ୍ରମୁଖ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ବ୍ୟାପକ ପୋଲିସ ଫୋର୍ସ ମୋତୟନ କରାଯାଇଛି ।



**ହରଭଙ୍ଗା, ୮/୧୦(ହୀ.ପ୍ର):** ବିଭିନ୍ନ ଦାବି ନେଇ ଜିଲ୍ଲା କଂଗ୍ରେସର ଡାକରାରେ ୧୨ଘଣ୍ଟିଆ ଓଡ଼ିଶା ବନ୍ଦର ପ୍ରଭାବ ବୌଦ୍ଧ ଜିଲ୍ଲାର ହରଭଙ୍ଗା ବ୍ଲକ ଅଞ୍ଚଳରେ କିଞ୍ଚିତ ଦେଖିବାକୁ ମିଳିଛି । ବନ୍ଦ ପାଳନ ଯୋଗୁଁ ବିଭିନ୍ନ ସରକାରୀ ଅନୁଷ୍ଠାନ ବନ୍ଦ ରହିଥିବା ବେଳେ ଅନ୍ୟାନ୍ୟ ଅନୁଷ୍ଠାନ, ଦୋକାନ ବଜାର ଏବଂ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସ୍ୱାଭାବିକ ରହିଥିବା ଦେଖାଯାଇଥିଲା । ଜିଲ୍ଲା କଂଗ୍ରେସର ସଭାପତି ଅବଦୁଲ କଲିମ ଖାଁ ଙ୍କ ଆହ୍ୱାନକ୍ରମେ ଜାତୀୟ କଂଗ୍ରେସ ପକ୍ଷରୁ ଏହି ବନ୍ଦ ପାଳନ କରାଯାଇଥିଲା । କେନ୍ଦ୍ର ସରକାରଙ୍କ ଏମ୍ଏମ୍‌ଡିଆର (MMDR) ବିଲ୍ ପ୍ରତ୍ୟାହାର, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ପଦରୁ ବହିଷ୍କାର, ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ପ୍ରଭାବିତ ଲୋକଙ୍କୁ ରିଲିଫ୍ ସହାୟତା ପ୍ରଦାନ ଆଦି ଦାବି ନେଇ କଂଗ୍ରେସ ଏହି ବନ୍ଦ ଡାକରା ଦେଇଥିଲା । ବୌଦ୍ଧ ଜିଲ୍ଲା ବ୍ରିଜ୍ ଛକରେ ଶତାଧିକ ଯାନ ବାହାନ ବନ୍ଦ ଥିବା ବେଳେ ବନ୍ଦ ପାଳନ ଅବସରରେ ହରଭଙ୍ଗା ବ୍ଲକର ବିଭିନ୍ନ ସ୍ଥାନରେ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା । ତେବେ ବଜାର ଅଞ୍ଚଳରେ ଏହାର ପ୍ରଭାବ ସୀମିତ ରହିଥିଲା । ଅଧିକାଂଶ ଦୋକାନ ବଜାର ଖୋଲା ରହିବା ସହ ଜାତୀୟ ରାଜପଥରେ ମାଲବାହୀ ଯାନବାହନ ଚଳାଚଳ ଜାରି ରହିଥିଲା । ଅନ୍ୟାନ୍ୟ ବ୍ୟବସାୟିକ ଓ ଘରୋଇ ପ୍ରତିଷ୍ଠାନଗୁଡ଼ିକ ମଧ ସାଧାରଣ ଭାବେ ଚାଲୁ ରହିଥିବା ଦେଖାଯାଇଥିଲା ବନ୍ଦ ଯୋଗୁଁ ସମଗ୍ର ଅଞ୍ଚଳର ଜନଜୀବନ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇନଥିବା ବେଳେ ସାଧାରଣ ଯାତାୟାତ ଓ ବ୍ୟବସାୟିକ କାର୍ଯ୍ୟକଳାପ ଉପରେ ବିଶେଷ ପ୍ରଭାବ ପଡ଼ିନଥିଲା । ଅନ୍ୟପକ୍ଷରେ, ବନ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ ରିଲିଫ୍ ସହାୟତା ପ୍ରଦାନ ସମେତ ଅନ୍ୟାନ୍ୟ ଦାବି ଉପରେ କଂଗ୍ରେସର ଏହି ଆନ୍ଦୋଳନ କେତେଦୂର ପ୍ରଭାବ ପକାଉଛି, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ।

**ଓଡଗ, ୮/୧୦(ହୀ.ପ୍ର):** କଂଗ୍ରେସ ଦଳ ତରଫରୁ ଚାରି ଦଫା ଦାବି ଉପରେ ପାଇଁ ଦିଆଯାଇଅଥିବା ବନ୍ଦଡାକରା ପ୍ରଭାବ ବିହୀନ ହୋଇପଡିଛି । ସମସ୍ତ ସ୍କୁଲ କଲେଜ ଏବଂ ସରକାରୀ କାର୍ଯ୍ୟାଳୟ ଖୋଲାଥିବା ବେଳେ କେବଳ ମୁଖ୍ୟ ରାସ୍ତା ବନ୍ଦ ରହିଥିଲା । ସ୍ୱଳ୍ପ କଂଗ୍ରେସ କର୍ମୀଙ୍କୁ ନେଇ ବନ୍ଦପାଳନ ହେଉଥିବା ବେଳେ ସମସ୍ତ ସରକାରୀ କାର୍ଯ୍ୟାଳୟ ଏବଂ ସ୍କୁଲ କଲେଜ ଖୋଲା ରହିଥିଲା ।



**କୋରାପୁଟ, ୮/୧୦(ହୀ.ପ୍ର):** INDIA ମେଣ୍ଟର ଆହ୍ୱାନରେ ଆଜି ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏଁ ଚାଲିଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦର ପ୍ରଭାବ କୋରାପୁଟ ଜିଲ୍ଲାରେ ସ୍ପଷ୍ଟ ଦେଖାଯାଇଛି । କଂଗ୍ରେସ କର୍ମୀମାନେ ହାତରେ ଦଳୀୟ ପତାକା ଧରି ବିଭିନ୍ନ ସହର ଓ ବଜାର ପରିକ୍ରମା କରିବା ସହ ଖୋଲା ଥିବା କେତେକ ଦୋକାନ ଓ ଅନୁଷ୍ଠାନକୁ ବନ୍ଦ କରାଇଥିଲେ । କୋରାପୁଟ, ଜୟପୁର, ସେମିଲିଗୁଡ଼ା, ବୋରିଗୁମ୍ମା, କୋଟପାଡ଼ ସମେତ ବିଭିନ୍ନ ସ୍ଥାନରେ ପିକେଟିଂ ଓ ରାସ୍ତାରୋକ ହୋଇଥିଲା । ଦୋକାନବଜାର ବନ୍ଦ ରହିବା ସହ ବସ୍, ଅଟୋ ଓ ଅନ୍ୟାନ୍ୟ ଯାତାୟାତ ପ୍ରଭାବିତ ହୋଇଥିଲା । ଫଳରେ ସାଧାରଣ ଯାତ୍ରୀ, ବ୍ୟବସାୟୀ ଓ ଦିନମଜୁରିଆଙ୍କ ଦୈନନ୍ଦିନ ଜୀବନରେ ବାଧା ସୃଷ୍ଟି ହୋଇଥିଲା । ଦାବିକୁ ନେଇ ରାଜନୈତିକ ଲଢ଼େଇ MMDR ସଂଶୋଧନ ଆଇନ ପ୍ରତ୍ୟାହାର, SIR ପ୍ରସଙ୍ଗରେ ମୁଖ୍ୟ ନିର୍ବାଚନ କମିଶନରଙ୍କ ବହିଷ୍କାର, ବନ୍ୟା ପ୍ରଭାବିତଙ୍କୁ ଯଥେଷ୍ଟ ସହାୟତା ଏବଂ ପାଠ୍ୟପୁସ୍ତକ ତ୍ରୁଟି ଓ ଶିକ୍ଷା ବିଭାଗର ଦୁର୍ନୀତି ପ୍ରସଙ୍ଗରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଏହି ବନ୍ଦ ଡାକରା ଦିଆଯାଇଥିଲା । କଂଗ୍ରେସ ସମେତ CPI(M), CPI, CPI(ML) ଲିବରେସନ, ଫରୱାର୍ଡ ବ୍ଲକ୍, ସମାଜବାଦୀ ପାର୍ଟି, RJD, JMM ଓ NCP-ଶରଦ ପାୱାର ଗୋଷ୍ଠୀ ଏହାକୁ ସମର୍ଥନ କରିଥିବା କୁହାଯାଇଛି । ବିଭିନ୍ନ ଶ୍ରମିକ, କୃଷକ, ବ୍ୟବସାୟୀ, ଓକିଲ, ଛାତ୍ର ଓ ଯୁବ ସଂଗଠନକୁ ମଧ ସମର୍ଥନ ପାଇଁ ଆହ୍ୱାନ ଦିଆଯାଇଥିଲା । ପୋଲିସ ସଜାଗ, ଜରୁରୀ ସେବା ଚାଲୁ ବନ୍ଦ ସମୟରେ ଅପ୍ରୀତିକର ଘଟଣା ଏଡ଼ାଇବାକୁ ଜିଲ୍ଲା ପୋଲିସ ପକ୍ଷରୁ ପ୍ରମୁଖ ଛକ, ବଜାର ଓ ସମ୍ବେଦନଶୀଳ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡ଼ା କରାଯାଇଥିଲା । ହସ୍ପିଟାଲ, ଆମ୍ବୁଲାନ୍ସ, ଔଷଧ ଦୋକାନ, ଦୁଗ୍ଧ ଯୋଗାଣ ଓ ଅଗ୍ନିଶମ ଭଳି ଜରୁରୀ ସେବାକୁ ବନ୍ଦରୁ ବାଦ ଦିଆଯାଇଥିଲା । ବନ୍ଦକୁ ସମର୍ଥନ କରିଥିବା ବିଭିନ୍ନ ଦଳ, ସଂଘ, ସଂଗଠନ ଓ ଜିଲ୍ଲାବାସୀଙ୍କୁ ଜିଲ୍ଲା କଂଗ୍ରେସ ସଭାପତି ଡାକ୍ତର ରୂପକ ତୁରୁକ ଧନ୍ୟବାଦ ଜଣାଇଛନ୍ତି । ରାଜନୈତିକ ଦାବି ନେଇ ଡାକରା ଦିଆଯାଇଥିବା ଏହି ବନ୍ଦରେ କୋରାପୁଟର ଜନଜୀବନ ଓ ବ୍ୟବସାୟ କେତେ ପ୍ରଭାବିତ ହେଲାଏହାର ବାସ୍ତବ ଚିତ୍ର ଏବେ ଆଲୋଚନାର ବିଷୟ ।







**ପାରଳାଖେମୁଣ୍ଡି , ୮/୧୦(ହୀ.ପ୍ର):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଆଜି ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ପଡ଼ିଛି ସକାଳୁ ସକାଳୁ କଂଗ୍ରେସ ପତାକା ଧରି ହିସ୍କୁଲ ଛକଠାରେ ରାସ୍ତା ବନ୍ଧକରି ଭୋଟ, ବଞ୍ଚାଅ ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ କହିବା ସହ ଗଜପତି କଂଗ୍ରେସ କମିଟି ପକ୍ଷରୁ ବିଭିନ୍ନ ଦାବି ଗୁଡିକ ପ୍ରକାଶ କରିଥିଲେ । ଦାବିଗୁଡ଼ିକ ମଧ୍ୟରେ ଏମ୍ଏମ୍‌ଡିଆର ଆଇନ ରଦ୍ଦ କର, ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅ, ଜ୍ଞାନ ସ କୁମାର ଇସ୍ତଫା ଦିଅ, ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ପ୍ରଦାନ କର ବୋଲି ପ୍ରକାଶ କରିଥିଲେ ବିଭିନ୍ନ ସ୍କୁଲ କଲେଜ, ସରକାରୀ ଅଫିସ , ପେଟ୍ରୋଲ ପମ୍ପ, ଦୋକାନ ବଜାର ବସ ସେବା ବନ୍ଦ କରାଯାଇଥିଲା ସହରରେ ବନ୍ଦର ପ୍ରଭାବ ପଡିଥିବାର ଦେଖିବାକୁ ମିଳିଛି ।

## ନିତାଇ ଚୈତନ୍ୟ ସଂକୀର୍ତ୍ତନ କଳାକାର ସଂଘର ନୂଆଁଖାଇ ଭେଟଘାଟ



**କୋକସରା,୮।୧୦(ହୀ.ପ୍ର):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ କେନ୍ଦୁଗୁଡ଼ା ଝାରବନ୍ଧ କାଳେଶ୍ୱର ଶୈବ ପୀଠ ପରିସରରେ ଓଁ ଶ୍ରୀ ଶ୍ରୀ ନିତାଇ ଚୈତନ୍ୟ ସଂକୀର୍ତନ କଳାକାର ସଂଘ କୋକସରା ପକ୍ଷରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଭେଟଘାଟ ପୂର୍ବରୁ ଝାରବନ୍ଧ ଶିବ ମନ୍ଦିରରେ ଭଗବାନ ଶିବଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଆୟୋଜିତ ସଭାରେ ନୂଆଁଖାଇର ମହତ୍ତ୍ୱ, ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ପରମ୍ପରାର ସୁରକ୍ଷା ଏବଂ ଆଗାମୀ ପିଢ଼ି ମଧ୍ୟରେ ଏହାକୁ ଜୀବିତ ରଖିବା ଉପରେ ମତବିନିମୟ ହୋଇଥିଲା। ଏହି ଅବସରରେ କଳାକାର, ଭକ୍ତ ଓ ସାମାଜିକ କର୍ମକର୍ତ୍ତା ପରସ୍ପରକୁ ନୂଆଁଖାଇ ଜୁହାର ଓ ଭେଟ ପ୍ରଦାନ କରିଥିଲେ। ସଂଘ ସଭାପତି ଧର୍ମାନନ୍ଦ ଶବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଘର କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ନାଗ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ରାଜ୍ୟ ସଂଯୋଜକ ଦୁଷ୍ମନ୍ତ ପୁରୋହିତ, ସୁଶୀଲ ପଣ୍ଡା, ଧର୍ମବ୍ରତ ପଣ୍ଡା, କୃତିବାସ ଶବର, ରାଜେନ୍ଦ୍ର ନାଏକ, ଥବିର ପ୍ରସାଦ ବିଶି ଓ କୀର୍ତ୍ତନ ଗୁରୁ ଜୟରାମ ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ଅଞ୍ଚଳର ପାରମ୍ପରିକ କଳା ଓ ସଂକୀର୍ତନ ପରମ୍ପରାକୁ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆଧୁନିକ ନାଚ ଓ ଗୀତର ପ୍ରଭାବ ମଧ୍ୟରେ ପାରମ୍ପରିକ କଳାକୁ ବଞ୍ଚାଇ ରଖିବା, କଳାକାର ଶୃଙ୍ଖଳିତ ଭାବେ ସଂଗଠିତ ହେବା ଏବଂ ବୟସ୍କ ଓ ବରିଷ୍ଠ କଳାକାରମାନଙ୍କୁ ସରକାରଙ୍କ କଳାକାର ଭତ୍ତା ଯୋଜନାରେ ସାମିଲ କରିବା ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ପୂର୍ବରୁ ଆୟୋଜିତ ୧୦୪ ପ୍ରହର ଅଖଣ୍ଡ ନାମଯଜ୍ଞକୁ ସୁଚାରୁ ରୂପେ ସମ୍ପନ୍ନ କରିବାରେ ସହଯୋଗ କରିଥିବା କର୍ମକର୍ତ୍ତା ଓ ସାମ୍ବାଦିକମାନଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସାମ୍ବାଦିକ ଜଗଦୀଶ ନାଏକ, ହିରଣ୍ୟ ବେହେରା, ତୁଳାରାମ ବେହେରା, ମଙ୍ଗରାଜ ବେହେରା ଓ ଚକ୍ରଧର ବେସ୍ରାଙ୍କୁ ମାନପତ୍ର ଓ ସମ୍ମାନିତ କରାଯାଇଥିଲା। ପଞ୍ଚକ ପୋଡ଼ ମଞ୍ଚ ପରିଚାଳନା କରିଥିଲେ। ସଂଘ ଉପସଭାପତି ସୁରେଶ ହଂସ, ସମ୍ପାଦକ ସୁଦର୍ଶନ ବେହେରା, ସହସମ୍ପାଦକ ବାଲ୍ମୀକି ଧଙ୍ଗଡ଼ାମାଝୀ, କାର୍ଯ୍ୟକାରୀ ସଭ୍ୟ ବିଜୟ କୁମାର ପଣ୍ଡା, ଖୁସିରାମ ନାଏକ, ବିଦ୍ୟାଧର ମାଝୀ, ଲିଙ୍ଗରାଜ ଭାଟି, ଦିଲୀପ ଶବର, ପୂର୍ଣ୍ଣଚନ୍ଦ୍ର ଦାସ ଓ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ନୂଆଁଖାଇ ଜୁହାର ଓ ଭେଟ ସହ ଝାରବନ୍ଧ ଶିବ ମନ୍ଦିର ପରିସରରେ ଭାଇଚାରା ଓ ସାମାଜିକ ଏକତାର ନିଆରା ପରିବେଶ ସୃଷ୍ଟି ହୋଇଥିଲା।

### ତେଲ ନଦୀ ବନ୍ୟାରେ ଧାନ ଫସଲ କ୍ଷତି; ସର୍ଭେ ଓ ସହାୟତା ଦାବି

## ଇନପୁଟ୍ ସବସିଡି ଓ ଫସଲ ବୀମା ସହାୟତା ପ୍ରଦାନ ପାଇଁ ବିଡିଓଙ୍କୁ ଦାବିପତ୍ର

**ଗୋଲାମୁଣ୍ଡା,୮।୧୦(ହୀ.ପ୍ର):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ରେଙ୍ଗସାପାଲି ପଞ୍ଚାୟତର ତେଲ ନଦୀ ତଳୁଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରି ବ୍ୟାପକ ଚାଷଜମି ଜଳମଗ୍ନ ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ଚଳିତ ଖରିଫ ଋତୁର ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଦାବି କରି ତୁରନ୍ତ କ୍ଷୟକ୍ଷତିର ସର୍ଭେ କରିବା ସହ ଯୋଗ୍ୟ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଗୋଲାମୁଣ୍ଡା ବିଡିଓଙ୍କ ନିକଟରେ ଦାବିପତ୍ର ଦିଆଯାଇଛି।



ଦାବିପତ୍ରରେ ଦର୍ଶାଯାଇଛି ଯେ, ତେଲ ନଦୀର ବନ୍ୟାଜଳ ଯୋଗୁଁ ନଦୀ ତଳୁଆ ଅଞ୍ଚଳର ବହୁ ଚାଷଜମି ଜଳମଗ୍ନ ହୋଇଛି। ଫଳରେ ଧାନ ଫସଲ କ୍ଷତିଗ୍ରସ୍ତ ହେବା ସହ ଚାଷୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥିବା ଦାବି କରାଯାଇଛି। କୃଷି ଉପରେ ନିର୍ଭରଶୀଳ ପରିବାରଗୁଡ଼ିକ ଏହାଦ୍ୱାରା ପ୍ରଭାବିତ ହୋଇଥିବାରୁ ଫସଲ କ୍ଷୟକ୍ଷତିର ତୁରନ୍ତ ଆକଳନ ଆବଶ୍ୟକ ବୋଲି ଦାବି ହୋଇଛି। କ୍ଷୟକ୍ଷତିର ବାସ୍ତବ ଚିତ୍ର ଜାଣିବା ପାଇଁ ରାଜସ୍ୱ ଓ କୃଷି ବିଭାଗର ଅଧିକାରୀଙ୍କୁ ନେଇ ମିଳିତ କ୍ଷେତ୍ରସ୍ତରୀୟ ସର୍ଭେ କରିବା, କ୍ଷତିଗ୍ରସ୍ତ ଚାଷୀଙ୍କ ନାମ, ଚାଷଜମିର ପରିମାଣ ଓ ଫସଲ କ୍ଷତିର ବିବରଣୀ ସଂଗ୍ରହ କରି ସର୍ଭେ ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଠାଇବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ସେହିପରି ସରକାରୀ ନିୟମ ଓ ଯୋଗ୍ୟତା ଅନୁଯାୟୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ଫସଲ କ୍ଷତିପୂରଣ କିମ୍ବା ଇନପୁଟ୍ ସବସିଡି ପ୍ରଦାନ, ଫସଲ ବୀମାଭୁକ୍ତ ଚାଷୀଙ୍କ ବୀମା ଦାବି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ପୁନଃଚାଷ ସମ୍ଭବ ଥିବା ଜମି ପାଇଁ ଆବଶ୍ୟକ ବିହନ, ସାର ଓ କୃଷି ପରାମର୍ଶ ଯୋଗାଇଦେବାକୁ ମଧ୍ୟ ଦାବି କରାଯାଇଛି। ଏଥିସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ନିୟମାନୁସାରେ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ଦାବିପତ୍ରର ଅନୁଲିପି ଗୋଲାମୁଣ୍ଡା ତହସିଲଦାର ଓ ବ୍ଲକ କୃଷି ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କଳାହାଣ୍ଡି ଜିଲ୍ଲା ଯୁବ ଯାଦବ ସଭାପତି ପିତବାସ ବେହେରା, କଳାହାଣ୍ଡି ଜିଲ୍ଲା ଯାଦବ ସମାଜ କାର୍ଯ୍ୟକାରୀ ସଭାପତି ଗିରିଧାରୀ ତେଜି, ଉପସଭାପତି ଯୁଧେଷ୍ଠିର ଗଉଡ଼, ସାଧାରଣ ସମ୍ପାଦକ ତ୍ରିପୁରା ନାଏକ, ଗୋଲାମୁଣ୍ଡା ବ୍ଲକ ସଭାପତି ରେବା କଟା ଓ ସହସମ୍ପାଦକ ସଦାଶିବ ବେମାଲଙ୍କ ସମେତ ରେଙ୍ଗସାପାଲି ଗ୍ରାମର କ୍ଷତିଗ୍ରସ୍ତ ଚାଷୀମାନେ ଉପସ୍ଥିତ ଥିଲେ। ସେମାନେ ଗୋଲାମୁଣ୍ଡା ବିଡିଓ ତ୍ରିପୁରା ମହାନନ୍ଦଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ରାୟଗଡ଼ା ଡିଭିଜନରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ନିୟନ୍ତ୍ରଣ

**ଭୁବନେଶ୍ୱର,୮।୧୦(ହୀ.ପ୍ର):** ପୂର୍ବତଟ ରେଳପଥର ରାୟଗଡ଼ା ଡିଭିଜନ ଅନ୍ତର୍ଗତ ମାଲିଗୁଡ଼ା ଓ ଛତଡିପୁଟ ଷ୍ଟେସନ ମଧ୍ୟରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ପ୍ରଭାବିତ ହୋଇଛି। ସୁରକ୍ଷା ଦୃଷ୍ଟିରୁ ଏବଂ ପ୍ରଭାବିତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟକୁ ସୁଗମ କରିବା ପାଇଁ କେତେକ ଟ୍ରେନ୍ ବାତିଲ କରାଯାଇଥିବା ବେଳେ କେତେକ ଟ୍ରେନ୍‌କୁ ଆଂଶିକ ଭାବେ ବାତିଲ କରାଯାଇ କୋରାପୁଟରୁ ଯାତ୍ରା ଆରମ୍ଭ କିମ୍ବା କୋରାପୁଟଠାରେ ଯାତ୍ରା ସମାପ୍ତ କରାଯିବ। ବାତିଲ ହୋଇଥିବା ଟ୍ରେନ୍‌ଗୁଡ଼ିକ ହେଲା ଟ୍ରେନ୍ ନମ୍ବର ୧୮୧୦୮ ଜଗଦଲପୁର-ରାଉରକେଲା ଏକ୍ସପ୍ରେସ ୯ ଅକ୍ଟୋବରରୁ ୧୩ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ବାତିଲ ରହିବ। ୮ ଅକ୍ଟୋବରରୁ ୧୨ ଅକ୍ଟୋବର ପର୍ଯ୍ୟନ୍ତ ନିମ୍ନଲିଖିତ ଟ୍ରେନ୍‌ଗୁଡ଼ିକ ବାତିଲ ରହିବ: ଟ୍ରେନ୍ ନମ୍ବର ୧୮୫୧୫ ବିଶାଖାପାଟଣା-କିରଣ୍ଡୁଲ ଏକ୍ସପ୍ରେସ, ଟ୍ରେନ୍ ନମ୍ବର ୧୮୫୧୬ କିରଣ୍ଡୁଲ-ବିଶାଖାପାଟଣା ଏକ୍ସପ୍ରେସ, ଟ୍ରେନ୍ ନମ୍ବର ୧୮୧୦୭ ରାଉରକେଲା - ଜଗଦଲପୁର ଏକ୍ସପ୍ରେସ, କୋରାପୁଟଠାରେ ଯାତ୍ରା ସର୍ଟ-ଟର୍ମିନେଟ୍ (ଆଂଶିକ ବାତିଲ), ସର୍ଟ-ଓରିଜିନେଟ୍ (ଆଂଶିକ ଆରମ୍ଭ) କରାଯିବ। ଟ୍ରେନ୍ ନମ୍ବର ୧୮୦୦୫ ହାୱଡା-ଜଗଦଲପୁର ଏକ୍ସପ୍ରେସ, ୮ ଅକ୍ଟୋବରରୁ ୧୨ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ହାୱଡାରୁ ଯାତ୍ରା ଆରମ୍ଭ କରି କୋରାପୁଟରେ ଆଂଶିକ ଭାବେ ଯାତ୍ରା ଶେଷ କରିବ। କୋରାପୁଟ-ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଟ୍ରେନ୍ ନମ୍ବର ୧୮୦୦୬ ଜଗଦଲପୁର- ହାୱଡା ଏକ୍ସପ୍ରେସ, ୧୦ ଅକ୍ଟୋବରରୁ ୧୪ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ଜଗଦଲପୁର ପରିବର୍ତ୍ତେ କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର-କୋରାପୁଟ ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଟ୍ରେନ୍ ନମ୍ବର ୧୮୪୪୭ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ, ୮ ଅକ୍ଟୋବରରୁ ୧୨ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରି କୋରାପୁଟରେ ଆଂଶିକ ଭାବେ ଯାତ୍ରା ଶେଷ କରିବ। କୋରାପୁଟ- ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଟ୍ରେନ୍ ନମ୍ବର ୧୮୪୪୮ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ, ୯ ଅକ୍ଟୋବରରୁ ୧୩ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ଜଗଦଲପୁର ପରିବର୍ତ୍ତେ କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର-କୋରାପୁଟ ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଟ୍ରେନ୍ ନମ୍ବର ୫୮୫୦୧ ବିଶାଖାପାଟଣା-କିରଣ୍ଡୁଲ ପାସେଞ୍ଜର, ୮ ଅକ୍ଟୋବରରୁ ୧୨ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ବିଶାଖାପାଟଣାରୁ ଯାତ୍ରା ଆରମ୍ଭ କରି କୋରାପୁଟରେ ଆଂଶିକ ଭାବେ ଯାତ୍ରା ଶେଷ କରିବ। କୋରାପୁଟ-ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଟ୍ରେନ୍ ନମ୍ବର ୫୮୫୦୨ କିରଣ୍ଡୁଲ- ବିଶାଖାପାଟଣା ପାସେଞ୍ଜର, ୮ ଅକ୍ଟୋବରରୁ ୧୨ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ କିରଣ୍ଡୁଲ ପରିବର୍ତ୍ତେ କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର- କୋରାପୁଟ ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି। ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍‌କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ।

## ବାଦ୍ ପଡ଼ିଥିବା ଓ ନୂତନ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର କ୍ୟାମ୍ପ

**ରାଉରକେଲା,୮।୧୦(ହୀ.ପ୍ର):** ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ସମାପ୍ତ ହୋଇ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ତେବେ ଏହି ଚୂଡ଼ାନ୍ତ ଭୋଟର ତାଲିକାରୁ କୌଣସି କାରଣବଶତଃ ବାଦ ପଡ଼ିଥିବା ଯୋଗ୍ୟ ନାଗରିକ ଏବଂ ନୂତନ ଯୋଗ୍ୟ ଯୁବ ଭୋଟରଙ୍କ ନାମ ଭୋଟର ତାଲିକାରେ ସାମିଲ କରିବା ପାଇଁ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ କରାଯାଉଛି।

ଏଥିପାଇଁ ରଘୁନାଥପାଲି ଓ ରାଉରକେଲା ନିର୍ବାଚନମଣ୍ଡଳୀର ସମସ୍ତ ବୁଥରେ ଆସନ୍ତା ୭, ୮ ଓ ୯ ଅକ୍ଟୋବର ତାରିଖରେ ସ୍ୱତନ୍ତ୍ର କ୍ୟାମ୍ପ ଅନୁଷ୍ଠିତ ହେବ। ୭ ଅକ୍ଟୋବରରୁ ପ୍ରତ୍ୟେକ ବୁଥରେ ବୁଥ ସ୍ତରୀୟ ଅଧିକାରୀମାନେ ଅପରାହ୍ନ ୨ଟାରୁ ୩ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଉପସ୍ଥିତ ରହିବେ। ଏହି କ୍ୟାମ୍ପରେ ଏସଆଇଆର ପ୍ରକ୍ରିୟାରେ ଭୋଟର ତାଲିକାରୁ ବାଦ ପଡ଼ିଥିବା ଯୋଗ୍ୟ ନାଗରିକ ଏବଂ ନୂତନ ଯୋଗ୍ୟ ଭୋଟରମାନେ ନିଜ ନିଜ ବୁଥକୁ ଯାଇ ଫର୍ମ-୬ ମାଧ୍ୟମରେ ଭୋଟର ତାଲିକାରେ ନାମ ସାମିଲ ପାଇଁ ଆବେଦନ କରିପାରିବେ। ଏହା ବ୍ୟତୀତ, ନାଗରିକମାନେ ସମ୍ପୃକ୍ତ ଅନଲାଇନ୍ ଇସିଆଇନେଟ୍ କିମ୍ବା ଭୋଟର ସେବା ପୋର୍ଟାଲ ଭୋଟର ସେବା ପୋର୍ଟାଲ ମାଧ୍ୟମରେ ମଧ୍ୟ ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଯୋଗ୍ୟ ନାଗରିକମାନେ ଏହି ସୁଯୋଗର ସଦୁପଯୋଗ କରି ନିଜ ନାମ ଭୋଟର ତାଲିକାରେ ସାମିଲ କରାଇବାକୁ ଅନୁରୋଧ କରାଯାଉଛି। ରଘୁନାଥପାଲି ନିର୍ବାଚନୀ ମଣ୍ଡଳୀ ପାଇଁ ସହାୟତା ମୋବାଇଲ ନମ୍ବର ହେଉଛି ୯୪୩୭୬୦୦୦୫୦।

## ହିଣ୍ଡାଲକୋ ଓ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ପାଳନ ହେଲା ପୋଷଣ ମାସ

**ହୀରାକୁଦ,୮।୧୦(ହୀ.ପ୍ର):** ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଓ ସମନ୍ୱିତ ଶିଶୁ ବିକାଶ ବିଭାଗର ମିଳିତ ସହଯୋଗରେ ସାମାଜିକ ସଚେତନତା କାର୍ଯ୍ୟକ୍ରମ ପୋଷଣ ମାସ ପାଳନ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ପାୱାର କଲୋନୀ କମ୍ୟୁନିଟି ସେଣ୍ଟର ଠାରେ ହୀରାକୁଦ ଓ ଗଡମୁଣ୍ଡା ସେକ୍ଟରର ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ସମେତ କରାଡୋଲା, କଟାପାଲି, ଦେବେଇପାଲି, କିଲାସମା ଆଦି ଅଞ୍ଚଳର ଅଙ୍ଗନବାଡ଼ି କର୍ମୀମାନଙ୍କୁ ନେଇ ସୁସ୍ଥ ଶିଶୁ, ସୁସ୍ଥ ପରିବାର, ସମୃଦ୍ଧ ଓଡ଼ିଶା ଶୀର୍ଷକ ଉତ୍ସବର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ହିଣ୍ଡାଲକୋ ହୀରାକୁଦର ସ୍ମେଲଟର ପ୍ଲାଣ୍ଟ ମୁଖ୍ୟ ପ୍ରତାପ ସାହୁ, ହିଣ୍ଡାଲକୋ ଓଡ଼ିଶା କ୍ଲଷ୍ଟର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମୁଖ୍ୟ ଶିବ ମହାପାତ୍ର ଏବଂ ଧନକଉଡା ସିଡିପିଓ ଆରତୀ ସିଂ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଆଇସିଡିଏସ୍ ପର୍ଯ୍ୟବେକ୍ଷକ ଶୟନ୍ତୀ ଭୋଇ, ରୁଦ୍ରାଣୀ ମହାପାତ୍ର, ଧନକଉଡା ବ୍ଲକ ସଂଯୋଜକ ଅକ୍ଷୟ ସୁନା ଏବଂ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଉପଦେଷ୍ଟା ସୁକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସିଡିପିଓ ଆରତୀ ସିଂ ପୋଷଣ ମାସର ଗୁରୁତ୍ୱ ଉପରେ ଆଲୋକପାତ କରି ଉତ୍ତମ ପୋଷଣ ଓ ସୁସ୍ଥ ଜୀବନଶୈଳୀର ଆବଶ୍ୟକତା ବିଷୟରେ ମତ ରଖିଥିଲେ। ହିଣ୍ଡାଲକୋ ପକ୍ଷରୁ କାର୍ଯ୍ୟକ୍ରମକୁ ମିଳିଥିବା ସହଯୋଗ ପାଇଁ ସେ ସଂସ୍ଥାକୁ ସାଧୁବାଦ ଜଣାଇଥିଲେ। ସ୍ମେଲଟର ପ୍ଲାଣ୍ଟ ମୁଖ୍ୟ ପ୍ରତାପ ସାହୁ ସୁସ୍ଥ ଜୀବନ ପାଇଁ ସୁଷମ ଖାଦ୍ୟ ଗ୍ରହଣ ସହ ପରିଷ୍କାର-ପରିଚ୍ଛନ୍ନତା ପ୍ରତି ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ ହିଣ୍ଡାଲକୋ ହୀରାକୁଦ ଅଞ୍ଚଳର ୩୨ଟି ଅଙ୍ଗନବାଡ଼ି କେନ୍ଦ୍ରର ଆଧୁନିକୀକରଣ କରିଛି ଏବଂ ଆଗାମୀ ଦିନରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରର ସଶକ୍ତୀକରଣ ପାଇଁ ସହଯୋଗ ଜାରି ରଖିବ। ହିଣ୍ଡାଲକୋ ଓଡ଼ିଶା କ୍ଲଷ୍ଟର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମୁଖ୍ୟ ଶ୍ରୀ ଶିବ ମହାପାତ୍ର ମହିଳା ଓ ଶିଶୁ ବିକାଶ ବିଭାଗ ସହ ମିଳିତ ଭାବେ ଏପରି କାର୍ଯ୍ୟକ୍ରମର ଆୟୋଜନକୁ ସ୍ୱାଗତ କରିଥିଲେ। ସେ ପୁଷ୍ଟିହୀନତା ଦୂରୀକରଣ ପାଇଁ ସଚେତନତା ବୃଦ୍ଧି ସହ ଦୈନନ୍ଦିନ ଖାଦ୍ୟରେ ବିବିଧତା ଆଣିବା ଏବଂ ଆଞ୍ଚଳିକ କ୍ଷୁଦ୍ର ଖାଦ୍ୟଶସ୍ୟକୁ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପୋଷଣ ମାସ ଅବସରରେ ବିଭିନ୍ନ ସ୍କୁଲ ଓ କଲେଜରେ ଆୟୋଜିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଶିଶୁଙ୍କ ଦ୍ୱାରା ପରିବେଷିତ ନୃତ୍ୟ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ହୀରାକୁଦ ଅଞ୍ଚଳର ଅଙ୍ଗନବାଡ଼ି କର୍ମୀମାନେ ବିଭିନ୍ନ ପୁଷ୍ଟିକର ଖାଦ୍ୟ ସାମଗ୍ରୀର ପ୍ରଦର୍ଶନୀ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଜୟଶ୍ରୀ ରାଓ, ମିଳନ କୁମାର ସାହୁ ଏବଂ ସୁଶ୍ରୀ ରାମେଶ୍ୱରୀ ଦାଶ ସହଯୋଗ କରିଥିଲେ।

## ଯୋଡ଼ା ଟ୍ରକ୍ ଓନର୍ସ ଆସୋସିଏସନ୍ ନିର୍ବାଚନରେ ଉଷ୍ମତା ବଢ଼ାଉଛି ପ୍ରଚାର

**ଚମ୍ପୁଆ,୮।୧୦(ହୀ.ପ୍ର):** ଯୋଡ଼ା ଟ୍ରକ୍ ଓନର୍ସ ଆସୋସିଏସନର ନିର୍ବାଚନକୁ ନେଇ ପ୍ରଚାର ମାହୋଲ ଏବେ ସରଗରମ ହୋଇଉଠିଛି। ସଭାପତି ପଦ ପ୍ରାର୍ଥୀ ରାକେଶ ରୋଶନ ଓ ସମ୍ପାଦକ ପଦ ପ୍ରାର୍ଥୀ ରବି ନାରାୟଣ ଦାସଙ୍କ ଟିମ୍ ପକ୍ଷରୁ ଚମ୍ପୁଆ ଧରଣୀଧର ଟାଉନ ହଲ୍‌ରେ ଆୟୋଜିତ ପ୍ରଚାର ସଭାରେ ବହୁ ସଂଖ୍ୟାରେ ଟ୍ରକ ମାଲିକଙ୍କ ସମାଗମ ଦେଖିବାକୁ ମିଳିଛି।। ସଭାରେ ଟ୍ରକ ମାଲିକଙ୍କ ସମସ୍ୟା, ସଂଘର ହିତ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଥିଲା । ସମ୍ପାଦକ ପ୍ରାର୍ଥୀ ରବି ନାରାୟଣ ଦାସ ବିଗତ ଦିନରେ ସଂଘ ନାମରେ ପୂର୍ବ ନିର୍ବାଚିତ ପ୍ରାର୍ଥୀମାନେ କିପରି ଦୁର୍ନୀତିରେ ଲିପ୍ତ ରହି ନିଜ ସ୍ୱାର୍ଥରେ ବୁଡି ରହି ସଂଘ ସଦସ୍ୟଙ୍କୁ ଅଣଦେଖା କରି ଚାଲିଥିଲେ ଏହାକୁ ନେଇ ବର୍ଷିଥିଲେ। ଆଗାମୀ ଦିନରେ ତାଙ୍କ ସମର୍ଥିତ ପ୍ରାର୍ଥୀ ନିର୍ବାଚନ ଜିତିଲେ ଟ୍ରକ ମାଲିକଙ୍କ ସମସ୍ୟା ଓ ଦାବିକୁ ପ୍ରାଥମିକତା ଦେଇ ସଂଘର ହିତ ପାଇଁ କାମ କରିବା ସହ ସମସ୍ତଙ୍କୁ ନେଇ ସଂଘକୁ ଆଗକୁ ନେବାକୁ ସେ ଆହ୍ୱାନ ଦେଇଥିଲେ । ସଭାପତି ପ୍ରାର୍ଥୀ ରାକେଶ ରୋଶନ ମଧ୍ୟ ଟ୍ରକ୍ ମାଲିକମାନଙ୍କ ହିତ ଓ ଅଧିକାରକୁ ପ୍ରାଥମିକତା ଦେଇ ସଂଘକୁ ଏକତାର ସହ ଆଗେଇ ନେବା ଉପରେ ମତ ରଖିଥିଲେ। ମାଲିକମାନଙ୍କ ସମସ୍ୟାର ସମାଧାନ ପାଇଁ ସମସ୍ତେ ଏକାଠି ହୋଇ କାମ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ସହସମ୍ପାଦକ ପଦ ପ୍ରାର୍ଥୀ ଦୀପକ ମହାନ୍ତ ଉପସଭାପତି ପଦ ପ୍ରାର୍ଥୀ ମହେଶ ସିଂ ଓ କୋଷାଧ୍ୟକ୍ଷ ପଦ ପ୍ରାର୍ଥୀ ଗୈତମ ବେହେରା ମଧ୍ୟ ନିଜ ନିଜ ମତ ରଖି ସଂଘର ଉନ୍ନତି ଓ ଟ୍ରକ ମାଲିକଙ୍କ ସ୍ୱାର୍ଥ ପାଇଁ କାମ କରିବାର ପ୍ରତିଶ୍ରୁତି ଦେଇଥିଲେ। ଏହି ନିର୍ବାଚନୀ ସଭାରେ ବହୁ ସଂଖ୍ୟାରେ ଟ୍ରକ ମାଲିକ ଉପସ୍ଥିତ ଥିଲେ । ସଭାରେ ମାଇନିଙ୍ଗ ଏରିଆ ଟ୍ରକ ମାଲିକ ସଂଘ ସଭାପତି ଚତୁର୍ଭୁଜ ପଲେଇ ଏବଂ ଆଞ୍ଚଳିକ ଟ୍ରକ ମାଲିକ ସଂଘ ସଭାପତି ମନୋଜ ମହାନ୍ତ ଉପସ୍ଥିତ ରହି ନିଜର ମତ ରଖି ଟ୍ରକ ମାଲିକଙ୍କ ଏକତା ଉପରେ ଗୁରୁତ୍ୱ ଦେଇଥିଲେ। ବୃନ୍ଦାବନ ରାମ ଓ ଗଣେଶ ଖିଲାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ବିଶ୍ୱନାଥପୁରରେ ବନ୍ୟପ୍ରାଣୀ ସପ୍ତାହ ପାଳିତ

**ଲାଞ୍ଜିଗଡ,୮।୧୦(ହୀ.ପ୍ର):** କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ରେଞ୍ଜ ପକ୍ଷରୁ ବନ୍ୟପ୍ରାଣୀ ସଂରକ୍ଷଣ, ଜଙ୍ଗଲ ସୁରକ୍ଷା ଏବଂ ମାନବ-ବନ୍ୟପ୍ରାଣୀ ସହାବସ୍ଥାନ ସଚେତନତା ନେଇ ୭୨ତମ ବନ୍ୟପ୍ରାଣୀ ସପ୍ତାହପାଳିତ ହୋଇଯାଇଛି। ଶୁକ୍ରବାର ବ୍ଲକର ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀ ଓ ବନ ବିଭାଗ କର୍ମଚାରୀ ମିଳିତ ଭାବେ ବିଶ୍ୱନାଥପୁର ମେଡିକାଲ ଛକ ଠାରୁ ବାହାରି ରେଞ୍ଜରଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସହର ପରିକ୍ରମା କରିବା ସହ ବନ୍ୟପ୍ରାଣୀ ସୁରକ୍ଷା, ବନ ସୁରକ୍ଷା ଓ ପଲିଥିନ ବ୍ୟବହାର ବନ୍ଦ କରିବା ନେଇ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଥିଲେ। ପରେ ବିଶ୍ୱନାଥପୁର ବନାଞ୍ଚଳ ସଭାଗୃହରେ ଏସିଏଫ୍ ତଥା ଭାରପ୍ରାପ୍ତ ରେଞ୍ଜର ନରୋତ୍ତମ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାକୁ ଫରେଷ୍ଟର ସୁରେଶ ଚନ୍ଦ୍ର ରାଉତ ପରିଚାଳନା କରିଥିବା ବେଳେ ଫରେଷ୍ଟର ଚିନ୍ତାମଣି ମାଝୀ, ଧରଣୀଧର ପଣ୍ଡା, ସମରେନ୍ଦ୍ର ପଣ୍ଡା, ସୁନିଲ ଦୁର୍ଗାଙ୍କ ସମେତ ବନ କର୍ମଚାରୀ, ଛାତ୍ରଛାତ୍ରୀ ଓ ବନ୍ୟା ପ୍ରେମୀ ଉପସ୍ଥିତ ଥିଲେ। ଶେଷରେ ଫରେଷ୍ଟର ଚିତ୍ତରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।

## କ୍ୟାମେରମ୍ୟାନଙ୍କୁ ମାଡ଼ ପ୍ରତିବାଦରେ ଗଣମାଧ୍ୟମ ପ୍ରତିନିଧିଙ୍କ ଧାରଣା




**ପୁରୀ,୮।୧୦(ହୀ.ପ୍ର):** ଶ୍ରୀମନ୍ଦିର ଭିତରେ ସିନିୟର କ୍ୟାମେରାମ୍ୟାନ୍‌ଙ୍କ ଉପରେ ଜେଟିପି ଲଖିଆର ଆକ୍ରମଣ ଘଟଣାରେ ଏକାଠି ହେଲେ ପୁରୀର କାର୍ଯ୍ୟରତ ସାମ୍ବାଦିକ। ଲଖିଆକୁ ଗିରଫ ସହ ବହିଷ୍କାର ଓ ସନାତନକୁ ନ୍ୟାୟ ଦାବିରେ ପୁରୀ ଏସପିଙ୍କ କାର୍ଯ୍ୟାଳୟରେ ଧାରଣା ଦେଲେ ପୁରୀର କାର୍ଯ୍ୟାରତ ସାମ୍ବାଦିକ। ଘଟଣାକୁ ପାଞ୍ଚଦିନ ବିତିଯାଇଥିଲେ ମଧ୍ୟ ପୁରୀ ପୋଲିସ ନିରବଦ୍ରଷ୍ଟା ସାଜିଛି । ତଦନ୍ତ ଆଳରେ ଦିନପରେ ଦିନ ଗଡାଇ ଲଖିଆକୁ ଖସାଇବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ କରିଛନ୍ତି ଧାରଣାରତ ସାମ୍ବାଦିକ। ସେପଟେ ଶ୍ରୀମନ୍ଦିରରେ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ନେଇ ଓଡିଶା ପୋଲିସ ସମେତ ଜଗନ୍ନାଥ ଟେମ୍ପୁଲ୍ ପୋଲିସ,ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ ନିୟୋଜିତ ହୋଇଛନ୍ତି । ଓଡିଶା ପୋଲିସ ଓ ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରୀମନ୍ଦିରରେ ନିୟୋଜିତ ହୋଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ନିୟୋଜିତ ହୋଇଛନ୍ତି ଜେଟିପି। ଜେଟିପିଙ୍କ ପୋଷାକ ପୋଲିସର ପୋଷାକ ସହ ଆଦୌ ସମାନ ହେବା ଉଚିତ୍ ନୁହେଁ ବୋଲି ମତ ପ୍ରକାଶ ପାଇଥିବା ବେଳେ ଜେଟିପିଙ୍କ ନାମ ପରିବର୍ତ୍ତନ କରି ଜଗନ୍ନାଥ ଟେମ୍ପୁଲ ଗାର୍ଡ ରଖିବାକୁ ଦାବି ହୋଇଛି। ଅନ୍ୟପଟେ କ୍ୟାମେରାମ୍ୟାନ୍ ସନାତନକୁ ନ୍ୟାୟ ପ୍ରଦାନ ସହ ଆକ୍ରମଣକାରୀ ଲଖିଆକୁ ଗିରଫ କରାନଯିବା ପର୍ଯ୍ୟନ୍ତ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରହିବ ବୋଲି ସାମ୍ବାଦିକ ମାନେ ଚେତାବନୀ ଦେଇଛନ୍ତି।

## ଗଡ଼କୁଜଙ୍ଗରେ ଜେଏସଡବ୍ଲୁ ପକ୍ଷରୁ ନୂତନ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ

**ପାରାଦୀପ,୮।୧୦(ହୀ.ପ୍ର):** ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଢ଼ିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ ଗ୍ରାମ ପଞ୍ଚାୟତ ଅଞ୍ଚଳର ସାମାଜିକ-ଆର୍ଥିକ ସ୍ଥିତି ଓ ଜୀବନଧାରଣର ମାନବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗଡକୁଜଙ୍ଗରେ ଏକ ନୂତନ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ସମୁଦାୟ ସହ ବ୍ୟାପକ ଆଲୋଚନା ଓ ପରାମର୍ଶ ମାଧ୍ୟମରେ ଚିହ୍ନଟ ହୋଇଥିବା ଗ୍ରାମ ବିକାଶର ପ୍ରାଥମିକତାକୁ ଆଧାର କରି ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଓ ଜେଏସଡବ୍ଲୁ ଫାଉଣ୍ଡେସନର ସହଯୋଗରେ ଏହି ଅତ୍ୟାଧୁନିକ ଗୋଷ୍ଠୀ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି।



ଦୀର୍ଘଦିନ ଧରି ଗଡକୁଜଙ୍ଗବାସୀଙ୍କ ପାଇଁ ସାମୂହିକ ଭାବେ ଏକାଠି ହେବା ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଏକ ସ୍ୱତନ୍ତ୍ର ସାଧାରଣ ସ୍ଥାନର ଅଭାବ ରହିଥିଲା। ନୂତନ ଗୋଷ୍ଠୀ କେନ୍ଦ୍ର ଏହି ଦୀର୍ଘଦିନର ଆବଶ୍ୟକତାକୁ ପୂରଣ କରିବା ସହ ଗ୍ରାମବାସୀଙ୍କ ପାଇଁ ବୈଠକ, ସାଂସ୍କୃତିକ କାର୍ଯ୍ୟକ୍ରମ, ସାମାଜିକ ଉତ୍ସବ ଓ ବିଭିନ୍ନ ସାମୂହିକ ଆୟୋଜନ ପାଇଁ ଏକ ସୁବିଧାଜନକ ଓ କେନ୍ଦ୍ରୀୟ ସ୍ଥାନ ଭାବେ କାର୍ଯ୍ୟ କରିବ। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍, ପାରାଦୀପର ଉପସଭାପତି ମନୋଜ ସିଂହ, ଜେଏସଡବ୍ଲୁ ଫାଉଣ୍ଡେସନର ସିଓଓ ରିତେଶ ସିହ୍ନା, ଜନସମ୍ପର୍କ ବିଭାଗର ଏଭିପି ସମରେନ୍ଦୁ ପଟ୍ଟନାୟକ, ଜେଏସଡବ୍ଲୁ ଫାଉଣ୍ଡେସନ ଓଡ଼ିଶାର ଜିଏମ ପ୍ରଶାନ୍ତ ବିଶ୍ୱାଳ ଏବଂ ସିଏସଆର ମୁଖ୍ୟ ଅଭିଜିତ ମହାନ୍ତିଙ୍କ ସମେତ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଓ ଫାଉଣ୍ଡେସନର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଗଡକୁଜଙ୍ଗ ପକ୍ଷରୁ ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ କବିତା ଦାସ, କୁଞ୍ଜବିହାରୀ ମନ୍ଦିର ଟ୍ରଷ୍ଟର ପରିଚାଳକ ରାଜେନ୍ଦ୍ର ବେହେରାଙ୍କ ସମେତ ସମୁଦାୟ ନେତୃବୃନ୍ଦ ଯଦୁନାଥ ଖଟୁଆ, ପ୍ରଶାନ୍ତ ଦାସ ଓ ନଳିନୀକାନ୍ତ ବେହେରା ଏବଂ ଅନ୍ୟାନ୍ୟ ସ୍ଥାନୀୟ ପ୍ରତିନିଧି ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସ୍ଥାନୀୟ ସମୁଦାୟ ଏହି ପଦକ୍ଷେପକୁ ଉଷ୍ମ ସ୍ୱାଗତ କରିବା ସହ ଦୀର୍ଘଦିନର ଆବଶ୍ୟକତା ପୂରଣ କରିବା ପାଇଁ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଓ ଫାଉଣ୍ଡେସନ ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରିଥିଲେ। ନୂତନ ସମୁଦାୟ କେନ୍ଦ୍ରଟି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅଧିକ ସାମାଜିକ ସମ୍ପର୍କ ଓ ସମନ୍ୱୟ ସୃଷ୍ଟି କରିବା ସହ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଆୟୋଜନର ଏକ ପ୍ରମୁଖ କେନ୍ଦ୍ର ଭାବେ ବିକଶିତ ହେବ ବୋଲି ଆଶା କରାଯାଉଛି। ତେବେ ଜେଏସଡବ୍ଲୁର ଏହି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିବା ସହ ଏହାକୁ ସମୁଦାୟ ବିକାଶ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ଭାବେ ଅଭିହିତ କରିଛନ୍ତି।

## ଜବରଦଖଲକାରୀଙ୍କୁ ପ୍ରଶାସନର ଏତେ ଅନୁକମ୍ପା କାହିଁକି

**ନୟାଗଡ଼,୮।୧୦(ହୀ.ପ୍ର):** ସରକାରୀ ଜମିକୁ ଜଗିବା ଦାୟିତ୍ୱ ସରକାରୀ କଳର। ପୌର ଅଧିକାରୀ ଏବଂ କର୍ମଚାରୀ ଆଖିରେ କଳାପଟି ପିନ୍ଧି ନାଟକ ବାଜି କଲେ। ଦୀର୍ଘ ବର୍ଷ ହେଲା ପୌରପାଳଙ୍କ ସ୍ୱାମୀ ଶ୍ରୀକାନ୍ତ ଖଟେଇ ୧୨ନମ୍ବର ୱାର୍ଡ ସ୍ଥିତ ଦେବୋତର କଲୋନୀର ନବୀନକଲ୍ୟାଣ ମଣ୍ଡପ ନିକଟରେ ୪୫ଲକ୍ଷ ଟଙ୍କାର ମୂଲ୍ୟବାନ ତିନି ଡିସିମିଲ ଜାଗା ମାଡି ବସିଲେ ଏବଂ ଗତ ୧୦ ମାସ ତଳେ ପୌର ପରିଷଦ ପ୍ଲାନ ମଞ୍ଜୁର ନଥାଇ ଜବରଦଖଲ ଜାଗା ଉପରେ ଏକ କୋଟି ଟଙ୍କା ବ୍ୟୟରେ ତିନି ମହଲା କୋଠା ନିର୍ମାଣ କଲେ। ଉକ୍ତ ବେନିୟମ କୋଠା ନିର୍ମାଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗଦାଖଲ କରିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗତ ଜୁଲାଇ ୭ରେ ମାପଚୁପ କରାଗଲା। ତିନି ଡିସିମିଲ ଜବରଦଖଲ, କୋଠା ନିର୍ମାଣ ଏବଂ ଖଟେଇ ପରିବାର ଉକ୍ତ କୋଠାଘରେ ଅବସ୍ଥାନ କରିବା କଥା ପ୍ରଶାସନିକ କର୍ମଚାରୀ ତଥା ଅଧିକାରୀ ଠୋସ ପ୍ରମାଣ ପାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ନୀରବ ରହିଲେ। ଜବରଦଖରକାରୀଙ୍କୁ ସାହାଯ୍ୟ କରିବା ଲକ୍ଷ୍ୟରେ ଅଧିକାରୀମାନେ ସମୟ ଗଡାଇ ଚାଲିଲେ। ପୁଣି ଥରେ ଦ୍ୱିତୀୟ ଥର ଅକ୍ଟୋବର ୧ରେ ଉପଜିଲ୍ଲାପାଳ, ତହସିଲଦାର ଏବଂ ପୌର ପ୍ରଶାସନ ପକ୍ଷରୁ ତଦନ୍ତ କରାଗଲା। ଜବରଦଖଲ ସମ୍ପର୍କରେ ଅଭିଯୋଗକାର ପ୍ରମୋଦ ପଟ୍ଟନାୟକ କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ସତ୍ୟ ବୋଲି ଜଣାପଡିବା ପରେ ଉପଜିଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇ ସାରିଲେଣି। କିନ୍ତୁ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଶୂନ। ଏପଟେ ସାଧାରଣରେ ପ୍ରଶ୍ନ ଜବରଦଖଲକାରୀଙ୍କୁ ପ୍ରଶାସନ ତରଫରୁ ଏତେ ଅନୁକମ୍ପା କେଉଁଥିପାଇଁ, କେତେ ଦିନ ପର୍ଯ୍ୟନ୍ତ ପ୍ରଶାସନ ଏଭଳି ନୀରବ ରହିବ। ନୟାଗଡ଼ରେ ପୌରପ୍ରଶାସନର ଦୁଇ ପ୍ରକାର ଆଇନ ଚାଲିଛି। ଗରିବ, ବୁଲାବିକାଳୀ,ଉଠାଦୋକାନୀଙ୍କ ପାଇଁ ଗୋଟିଏ ଆଇନ ଏବଂ ପ୍ରତିପ୍ରତ୍ତିଶାଳୀ, ଧନୀ ଓ କ୍ଷମତାରେ ଥିବା ବ୍ୟକ୍ତିଙ୍କ ପାଇଁ ଆଉ ଏକ ଭିନ୍ନ ଆଇନ। ନୟାଗଡ଼ର ଜନସାଧାରଣ ଜିଲ୍ଲାପାଳଙ୍କ ଆଦେଶକୁ ଅପେକ୍ଷା କରିଛନ୍ତି ଏବଂ କାର୍ଯ୍ୟାନୁଷ୍ଠାନ ଉପରେ କଡା ନଜର ରଖିଛନ୍ତି।

### ଜିଲ୍ଲାସ୍ତରୀୟ ନବମ ରାଷ୍ଟ୍ରୀୟ ପୋଷଣ ମାସ ପାଳନ

# ସୁସ୍ଥ ଶିଶୁ, ସୁସ୍ଥ ପରିବାର, ସମୃଦ୍ଧ ଓଡ଼ିଶା ପାଇଁ ସଚେତନତା

**ପୁରୀ,୮।୧୦(ହୀ.ପ୍ର):** ପୁରୀ ଜିଲ୍ଲାସ୍ତରୀୟ ନବମ ରାଷ୍ଟ୍ରୀୟ ପୋଷଣ ମାସ ଆଜି ପୂର୍ବାହ୍ନରେ ଜିଲ୍ଲା ସଂସ୍କୃତି ଭବନଠାରେ ପାଳିତ ହୋଇଥିଲା।ଜିଲ୍ଲା ପ୍ରଶାସନ, ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁସ୍ଥ ରହିବା ପାଇଁ ପୋଷଣ ଯୁକ୍ତ ଉପଯୁକ୍ତ ଖାଦ୍ୟର ଆବଶ୍ୟକତା ରହିଛି ବୋଲି କହିଥିଲେ। ପୂର୍ବରୁ ପ୍ରତି ପରିବାର ବାଡ଼ି ବଗିଚାରେ ବିବିଧ ପନିପରିବା, ଶାଗ,ମୁଗ ଇତ୍ୟାଦି ଚାଷ କରାଯାଉଥିଲା। ଏହା କିଚେନ ଗାର୍ଡେନ ଭାବେ ଆମ ରୋଷଶାଳାକୁ ସମୃଦ୍ଧ କରୁଥିଲା। ଏହି ବଗିଚାରେ ହେଉଥିବା ସତେଜ ପନିପରିବା ଖାଇ ସମସ୍ତେ ସୁସ୍ଥ ଓ ନିରୋଗ ରହୁଥିଲେ। ସମୟ ବଦଳିବା ସହ ଖାଦ୍ୟ ଗ୍ରହଣର



ତରିକା ବଦଳିଛି। ଆଜିକାଲିର ପିଲାମାନେ ଆମ ପାରମ୍ପରିକ ଖାଦ୍ୟ ଯାହା ପୁଷ୍ଟିକର ଓ ସ୍ୱାସ୍ଥ୍ୟପ୍ରଦ ତାକୁ ପସନ୍ଦ କରୁ ନାହାନ୍ତି। ଜଙ୍କଫୁଡ ଖାଇବା ଦ୍ୱାରା ଅସୁସ୍ଥ ହେଉଛନ୍ତି। ଆମେ ସମସ୍ତେ ଏ ସମ୍ପର୍କରେ ସଚେତନ ହେବା ଓ ସମସ୍ତଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି। ପିଲା ବେଳୁ ପିଲା ର ଉତ୍ତମ ପୁଷ୍ଟି ଓ ସ୍ୱାସ୍ଥ୍ୟ ରକ୍ଷା ପ୍ରତି ସଚେତନ ହେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଡା ସୂର୍ଯ୍ୟ ନାରାୟଣ ମିଶ୍ର, ଶିଶୁ ମଙ୍ଗଳ କମିଟି ଅଧକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ, ଜିଲ୍ଲା ଟ୍ରେଜେରୀର ସହକାରୀ ଟ୍ରେଜେରୀ ଅଧିକାରୀ ଡ ରଶ୍ମି ସେନାପତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଆମ ପାରମ୍ପରିକ ଖାଦ୍ୟରେ ଯେଉଁ ପୁଷ୍ଟି ଓ ଶକ୍ତି ରହିଛି ତାହା ଅନ୍ୟ କେଉଁଠାରେ ମିଳିବ ନାହିଁ। ଏଠାରେ ପ୍ରଦର୍ଶିତ ଖାଦ୍ୟ ସମୂହ ତାହାର ଉଦାହରଣ। ଅଙ୍ଗନବାଡିରେ ଦିଆଯାଉଥିବା ଖାଦ୍ୟ ପ୍ରଣାଳୀ ସମ୍ପର୍କରେ ସମସ୍ତ ମା'ମାନଙ୍କୁ ସଚେତନ କଲେ ଏହାର ଉପକାରିତା ମିଳିପାରିବ। ଆମ ପାଇଁ ସବୁଦିନ ପୋଷଣର ଦିନ ଓ ପ୍ରତ୍ୟେକ ପ୍ରାକୃତିକ ଶାଗ ମୁଗ, ପନିପରିବା ଓ ପାରମ୍ପରିକ ପ୍ରଣାଳୀରେ ପ୍ରସ୍ତୁତ ଖାଦ୍ୟକୁ ଗ୍ରହଣ କଲେ ଡାକ୍ତରଖାନା ଯିବାର ଆବଶ୍ୟକତା ପଡିବ ନାହିଁ ବୋଲି ସେମାନେ କହିଥିଲେ। ଡେପୁଟି କଲେକ୍ଟର ରୁନୀତା ପ୍ରଧାନ, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ବ୍ରହ୍ମଗିରି ସିଡିପିଓ ଝରଣା ଶତପଥୀ, ଡିଏଲଏଫ ସେକ୍ରେଟାରୀ ମୀନାକ୍ଷୀ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧକ୍ଷତା କରିବା ସହ ଅତିଥିମାନଙ୍କୁ ସ୍ୱାଗତ, କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଅତିଥିମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ପୋଷଣଯୁକ୍ତ ଖାଦ୍ୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ଶ୍ରେଷ୍ଠ ହୋଇଥିବା ଅଂଶଗ୍ରହଣକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହେବାସହ ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜ କଲ୍ୟାଣ କାର୍ଯ୍ୟାଳୟର ପୋଷଣର ଜିଲ୍ଲା ସଂଯୋଜକ ସସ୍ମିତା କର୍ମକାର, ମମତାର ଡିପିସି ପ୍ରଣତି ମହାନ୍ତି, ମିଶନ ଶକ୍ତି ଡିପିସି ସ୍ୱାଗତିକା ପରିଡା, ସୁପରଭାଇଜର ବାଲ୍ୟବତୀ ମହାନ୍ତି ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## କଂଗ୍ରେସର ୧୨ ଘଣ୍ଟିଆ ସୋନପୁର ବନ୍ଦ୍‌କୁ ଅଭୂତପୂର୍ବ ଜନସମର୍ଥନ



**ସୁବର୍ଣ୍ଣପୁର,୮।୧୦(ହୀ.ପ୍ର):** ଗତକାଲି ସକାଳ ୬ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଓଡିଶା ବନ୍ଦ ଡାକରାରେ ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ମଧ ଜିଲ୍ଲାରେ ୧୨ ଘଣ୍ଟିଆ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହୋଇଛି। କେନ୍ଦ୍ର ସରକାରଙ୍କ ଜନବିରୋଧି ନୀତି, ଏମ୍ଏମଡିଆର ଏକ୍ଟ ଯୋଗୁଁ ଓଡିଶା ସହୁଥିବା ଆର୍ଥିକ ବୋଝ, ତୃଟିପୂର୍ଣ୍ଣ ଭୋଟର ତାଲିକା ଯୋଗୁଁ ଦେଶରେ ଘଟିଥିବା ଅସନ୍ତୋଷ, ରାଜ୍ୟ ସରକାରଙ୍କ ବିପର୍ଯ୍ୟକାରୀ ଶିକ୍ଷାନୀତି ଓ ଚଳିତ ବନ୍ୟା କ୍ଷୟକ୍ଷତିର ସଠିକ୍ ଭରଣା ଇତ୍ୟାଦି ଦାବି ନେଇ ଆଜି ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ ସଭାପତି ବିନୋଦ ପାତ୍ରଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ଛୋଟବଡ ସହରରେ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ କରାଯାଇଛି। ଏଥିପାଇଁ ସରକାରୀ ବେସରକାରୀ କାର୍ଯ୍ୟାଳୟ,ସ୍କୁଲ କଲେଜ ଯାନବାହାନ, ଦୋକାନ ବଜାର ପ୍ରଭୃତି ବନ୍ଦ ରହିଛି। ଏଥିପାଇଁ ଆଜି କଂଗ୍ରେସ କର୍ମକର୍ତ୍ତା ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ସହରର ପ୍ରବେଶ ପଥରେ ଶତାଧିକ ଗାଡ଼ି ମଟର ଅଟକି ରହିଥିଲା। କଂଗ୍ରେସ ଦଳର ଜିତେନ୍ଦ୍ର ପଟ୍ଟନାୟକ,ସୁଧିର ପଣ୍ଡା, ଶେଷଦେବ ମେହେର, ମାଧବ କୁମ୍ଭାର, ପ୍ରମୋଦ ଗୁରୁ, ରାଜେନ୍ଦ୍ର ମେହେର,ସଚିଦାନନ୍ଦ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବିଭିନ୍ନ ମାମଲାରେ ୩ ଅଭିଯୁକ୍ତ ଗିରଫ

**ପୁରୀ,୮।୧୦(ହୀ.ପ୍ର):** ପାର୍ବଣ ପୂର୍ବରୁ କ୍ରିମିନାଲଙ୍କ ଉପରେ ଚଢ଼ାଉ ଜାରି ରହିଛି। ୩ ଫୌଜଦାରୀ ମାମଲାରେ ୩ ଅଭିଯୁକ୍ତ ଗିରଫ ହୋଇଛନ୍ତି। ପୁରୀ ଟାଉନ ଥାନା ପୋଲିସ ପକ୍ଷରୁ ତିନି ଭିନ୍ନ ଭିନ୍ନ ଫୌଜଦାରୀ ମାମଲାରେ ମୋଟ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ତିଆଡି ସାହି ଆକ୍ରମଣ ମାମଲା। ତିଆଡିସାହୀ ଗୋପାଳ ତୀର୍ଥ ମଠ ନିକଟ ଆକ୍ରମଣ ମାମଲାରେ ଫେରାର ଅଭିଯୁକ୍ତ ଚଗଲା ଯେନାକୁ ଟାଉନ୍ ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଆଜି ସକାଳେ ଗିରଫ କରିଛି। ତା ନାମରେ ପୂର୍ବରୁ ବହୁ କ୍ରିମିନାଲ କେସ ରହିଛି। ମୋଚିସାହୀ ଛକରେ ଲଜିଂ ମାଲିକଙ୍କୁ ଦାଦାବଟି ମାଗିବା ମାମଲାରେ ହରପ୍ରିୟା ଲଜ୍‌ର ଲିଜ୍ ମାଲିକଙ୍କୁ ଦାଦାବଟି ମାଗିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ରାମଚନ୍ଦ୍ର ଚୈଓଧୁରୀଙ୍କୁ ଗତ କାଲି ବିଳମ୍ବିତ ରାତିରେ ବିଶେଷ ସୂତ୍ରରୁ ଖବର ପାଇ ଟାଉନଥାନା ପୋଲିସ ଦୋଳମଣ୍ଡପ ସାହି ଅଞ୍ଚଳରୁ ତାକୁ ଗିରଫ କରି, ଆଜି କୋର୍ଟ ଚାଲାଣ କରିଛି। ଚୁଡ଼ଙ୍ଗ ସାହି ଅପହରଣ ମାମଲାରେ ଚୁଡ଼ଙ୍ଗ ସାହିର ଜଣେ ୧୭ ବର୍ଷ ବୟସ୍କ ନାବାଳିକା ଅପହରଣ ଘଟଣାରେ ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ରାକେଶ ସିଂହକୁ ଗିରଫ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଆଜି ମାନ୍ୟବର ଏସ୍‌ଡିଜେଏମ୍ ପୁରୀଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା । ମାତ୍ର ସେମାନେଙ୍କର ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ପୁରୀ ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି ।

## ନୟାଗଡ଼ରେ ସଡ଼କ ସୁରକ୍ଷା ସଚେତନତା ସହ ମାଗଣା ହେଲମେଟ ବଣ୍ଟନ

**ନୟାଗଡ଼,୮।୧୦(ହୀ.ପ୍ର):** ନୟାଗଡ଼ ଜିଲ୍ଲା ସଦର ମହକୁମା ସ୍ଥିତ ଗୋଲେଇ ଛକଠାରେ ସେବା ସଂକଳ୍ପ ଅଭିଯାନ–୨୦୨୬ ଅବସରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ,ନୟାଗଡ଼ ତରଫରୁ ସଡ଼କ ସୁରକ୍ଷା ସଚେତନତା ଓ ମାଗଣା ହେଲମେଟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁମିତା ରଥ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ଆଞ୍ଚଳିକ ପରିବହନ ଅଧିକାରୀ ବିଭୁ ରଞ୍ଜନ ନାୟକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଉପସ୍ଥିତ ରହି ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ନେଇ ସଚେତନ କରିଥିଲେ। ଦୁଇଚକିଆ ଯାନ ଚାଳନା ସମୟରେ ହେଲମେଟ ପିନ୍ଧିବା, ଅତ୍ୟଧିକ ବେଗରେ ଯାନ ନ ଚଳାଇବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା ଏବଂ ଗାଡ଼ି ଚଳାଇବା





ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା ଆଦି ଟ୍ରାଫିକ୍ ନିୟମ ପାଳନ ଉପରେ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ମାନନୀୟା ଜିଲ୍ଲାପାଳ ଉପସ୍ଥିତ ଥିବା ସମସ୍ତ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ସଚେତନତା ଉପରେ ଏକ ଶପଥ ପାଠ ମଧ କରାଇଥିଲେ। ଏହି ଅବସରରେ କୁଇଜ ମାଧମରେ ସଠିକ ଉତ୍ତର ଦେଇଥିବା ଯୋଗ୍ୟ ଦୁଇଚକିଆ ଯାନ ଚାଳକମାନଙ୍କୁ ମାଗଣା ହେଲମେଟ ବଣ୍ଟନ କରାଯାଇଥିଲା। ସଡ଼କ ଦୁର୍ଘଟଣା ରୋକିବା ସହ ଅମୂଲ୍ୟ ଜୀବନର ସୁରକ୍ଷା ପାଇଁ ପ୍ରତ୍ୟେକ ନାଗରିକ ଟ୍ରାଫିକ୍ ନିୟମକୁ ଦାୟିତ୍ୱର ସହ ପାଳନ କରିବାକୁ ଏହି ଅବସରରେ ଆହ୍ୱାନ କରାଯାଇଥିଲା।

## ପାରାଦୀପ ମହାବିଦ୍ୟାଳୟ ଏନଏସଏସ ପକ୍ଷରୁ ନିଶାମୁକ୍ତ ସଚେତନତା ପଦଯାତ୍ରା





**ପାରାଦୀପ,୮।୧୦(ହୀ.ପ୍ର):** ପାରାଦୀପ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନଏସଏସ) ପକ୍ଷରୁ ନିଶାମୁକ୍ତ ସଚେତନତା ପଦଯାତ୍ରା ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ଼ଃ. ସସ୍ମିତା ଶତପଥୀଙ୍କ ମାର୍ଗ ଦର୍ଶନରେ ନିଶାମୁକ୍ତ ଅଭିଯାନ ଆୟୋଜିତ ହୋଇଥିଲା । ଏନ୍ଏସଏସ କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ସଂଘମିତ୍ରା ପ୍ରଧାନଙ୍କ ଦ୍ୱାରା ଏହା ପରିଚାଳିତ ଏହି ପଦଯାତ୍ରା ପାରାଦୀପ ମହାବିଦ୍ୟାଳୟରୁ ଆରମ୍ଭ ହୋଇ ଆଦର୍ଶ ଥାନା ପର୍ଯ୍ୟନ୍ତ ଯାଇଥିଲା । ସ୍ୱେଚ୍ଛାସେବୀ ମାନେ ନିଶା ନିବାରଣ ବ୍ୟାନର ଓ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ନିଶା ସେବନର ଭୟାବହତା ଓ ଏଥିରୁ କିପରି ଦୂରେଇ ରହିବା ସେ ସମ୍ପର୍କରେ ସ୍ୱେଚ୍ଛାସେବୀ ଜନସାଧାରଣଙ୍କୁ ସଚେତନ କରାଇଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ଅଧାପକ ଅକ୍ଷୟ ଚନ୍ଦ୍ର ମିଶ୍ର ଓ ଗଣେଶ୍ୱର ପାତ୍ର ସହଯୋଗ କରିଥିଲେ ।

## ନୟାଗଡ଼ରେ ଏଏମ ରୟାଲ ଅଟୋ ହବ୍ ଉଦ୍‌ଘାଟିତ



**ନୟାଗଡ,୮।୧୦(ହୀ.ପ୍ର):** ନୟାଗଡ଼ରେ ଖୋଲିଲା ଏଏମ ରୟାଲ ଅଟୋ ହବ। ଅତ୍ୟାଧୁନିକ ପ୍ରଣାଳୀରେ ନିର୍ମିତ ସର୍ଭିସିଂ ସେଣ୍ଟରରେ ରୋବୋଟିକ ପ୍ରଣାଳୀରେ ଗାଡି ଗୋଡ଼ିକର ମରାମତି ସହିତ ଡେଂଟିଙ୍ଗ, ପେଟିଙ୍ଗ, ଲାମିନେସନ କରିଯିବା ସହିତ ସମସ୍ତ କମ୍ପାନୀର ଗାଡି ସର୍ବିସିଂ କରାଯିବାର ବ୍ୟବସ୍ଥା କରାଯାଇଛି । ଏହାକୁ ନୟାଗଡ଼ ଜିଲ୍ଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ପୌର ଅଧକ୍ଷ ନିରୁପମା ଖଟେଇ, ବିଜେଡି ନେତ୍ରୀ ଇରାନୀ ରାଏ, କଂଗ୍ରେସ ଜିଲ୍ଲା ସଭାପତି ରଂଜିତ ଦାଶ ଏବଂ ସର୍ବିସିଂ ସେଣ୍ଟର ମୁଖ୍ୟ ମାଲିକ ସହିଦ ପ୍ରମୁଖ ଯୋଗ ଦେଇଥିଲେ ।

## 'ବିକଶିତ ଭାରତ @୨୦୪୭' ସାମୂହିକ ସଂକଳ୍ପ ଓ 'ସେବା ଜ୍ୟୋତି' ପଦଯାତ୍ରା

**ନୟାଗଡ଼,୮।୧୦(ହୀ.ପ୍ର):** ଆଜି ନୟାଗଡ଼ ଜିଲ୍ଲା ସଦର ମହକୁମା ସ୍ଥିତ ନୟାଗଡ଼ ଷ୍ଟାଡିୟମଠାରେ ସେବା ସଂକଳ୍ପ ଅଭିଯାନ –୨୦୨୬ ଅନ୍ତର୍ଗତ ଏକ ସେବା ଜ୍ୟୋତି ପଦଯାତ୍ରା ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ପୂର୍ବତନ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ବ୍ଲକ ଅଧକ୍ଷ,ନୟାଗଡ଼ କିଶୋର ଚନ୍ଦ୍ର ସାହୁ, ଜିଲ୍ଲା ଜନଜାତି ଯୋଜନା ବୋର୍ଡ଼ ଅଧକ୍ଷ ତ୍ରିନାଥ ମଲ୍ଲିକ, ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ର, ବିଶିଷ୍ଟ ସମାଜସେବୀ ରାଘବ ମଲ୍ଲିକ, ତାପସ ରଞ୍ଜନ



ମାର୍ଥା, ସୁରଥ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସକାଳ ୯ ଘଟିକା ସମୟରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପ୍ରଥମେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ, ସ୍ୱାଗତ ସମ୍ବର୍ଦ୍ଧନା ଏବଂ 'ବନ୍ଦେ ମାତରଂ' ଗାନ କରାଯାଇଥିଲା । ଅତିଥିମାନେ ନିଜ ନିଜ ଅଭିଭାଷଣରେ ଦେଶର ପ୍ରଗତି ଏବଂ ସେବା ମନୋଭାବ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହା ପରେ ଆଭାସୀ ମାଧମରେ ମାନନୀୟ ରାଷ୍ଟ୍ରୀୟ ଅଧକ୍ଷ ନୀତିନ ନବୀନ ଏବଂ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ଉପସ୍ଥିତ ସମସ୍ତ ନାଗରିକ ବିକଶିତ ଭାରତ @୨୦୪୭ ନିର୍ମାଣ ପାଇଁ ସାମୂହିକ ସଂକଳ୍ପ ପାଠ କରିଥିଲେ। ସଂକଳ୍ପ ଗ୍ରହଣ ପରେ ପୂର୍ବାହ୍ନ ୧୧ଟାରେ ଅତିଥିମାନଙ୍କ ଦ୍ୱାରା 'ସେବା ଜ୍ୟୋତି' ପ୍ରଜ୍ୱଳିତ କରାଯାଇଥିଲା ଏବଂ ଜାତୀୟ ସଂଗୀତ ଗାନ ପରେ ସେବା ଜ୍ୟୋତି ସ୍ଥାପନା ଉଦ୍ଦେଶ୍ୟରେ ଏକ ପଦଯାତ୍ରା ବାହାରିଥିଲା, ଯେଉଁଥିରେ ଶତାଧିକ ଲୋକ ବହୁ ଉତ୍ସାହର ସହ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜିଲ୍ଲା ପ୍ରଶାସନ ଦ୍ୱାରା ଏକ ବିଶାଳ ଭାରତ ମଣ୍ଡଳମ ଏବଂ ରଙ୍ଗୋଲି ରାଷ୍ଟ୍ର ନିର୍ମାଣ କରାଯାଇଥିଲା । ଏହି ନିର୍ମାଣରେ କେବଳ ପ୍ରାକୃତିକ ସାମଗ୍ରୀ ଯଥା ଫୁଲ, ପତ୍ର, ଧାନ,ଚାଉଳ, ମାଟି, ଗୋଡ଼ି ଆଦି ବ୍ୟବହାର କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଆଇନଜୀବୀ ଚନ୍ଦ୍ର ବିଜୟୀ ମିଶ୍ର ସୁଚାରୁ ରୂପେ ପରିଚାଳନା କରିଥିଲେ ।

## ଆଉ ପାଦେ ଆଗେଇଲା ପୁରୀରେ ବିମାନବନ୍ଦର ସ୍ୱପ୍ନ

**ପୁରୀ,୮।୧୦(ହୀ.ପ୍ର):** ବ୍ରହ୍ମଗିରି ରାସ୍ତାର ଶିପସରୁବାଲି ମୌଜାରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଗ୍ରୀନଫିଲ୍ଡ ଆନ୍ତର୍ଜାତୀୟ ବିମାନ ବନ୍ଦର ସ୍ୱପ୍ନ ଆଉ ପାଦେ ଆଗେଇଛି। ଏୟାରପୋର୍ଟ ପାଇଁ ରହିଥିବା ଜଙ୍ଗଲ ବିଭାଗର ସମସ୍ୟା ସମାଧାନ ହେବା ସହ ସିଆରଜେଡ୍ କ୍ଲିୟରାନ୍ସ ମଧ ମିଳିଛି। ଏହା ପରେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ସହଯୋଗରେ ଏୟାରପୋର୍ଟ ନିର୍ମାଣ କାର୍ଯ୍ୟ ଯଥା ଶୀଘ୍ର ଆରମ୍ଭ ହେବ ବୋଲି ପୁରୀ ଜିଲ୍ଲାପାଳ କହିଛନ୍ତି । ପୂର୍ବରୁ ବିମାନ ବନ୍ଦର ପାଇଁ ଷ୍ଟେଜ ୧ ଅନୁମତି ମିଳିଥିଲା। ଏଥିରେ ରହିଥିବା ସର୍ତ୍ତ ପୂରଣ କରି ରିପୋର୍ଟ ଦିଆଯାଇଥିଲା। ଏୟାରପୋର୍ଟ ପାଇଁ ମୋଟ ୧୧୬୪.୭୫୪ ଏକର ଜମି ଅଧିଗ୍ରହଣ ହୋଇଛି। ସେଥିରୁ ୨୨୧.୮୯୧ ଏକର ଘରୋଇ ଜମି ଅଧିଗ୍ରହଣ କରାଯିବ। ବାକି ୯୪୨.୮୬୩ ଏକର ସରକାରୀ ଜମି ରହିଛି। ଉଭୟ ସିପସରୁବାଲି ଏବଂ ଷଣ୍ଢପୁର ମୌଜାରୁ ମୋଟ ୧୨୯ ପରିବାର ବିସ୍ଥାପିତ ହେବେ। ଏଣୁ ବିସ୍ଥାପିତମାନଙ୍କୁ ଜମି ଅଧିଗ୍ରହଣ ଓ ପୁନର୍ବାସ ଆଇନ୍ ଅନୁଯାୟୀ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦିଆଯାଇଛି । ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ପାଇଁ ବିସ୍ଥାପନ ଭତ୍ତା ବାବଦକୁ ପ୍ରତି ବିସ୍ଥାପିତ ପରିବାର ହିସାବରେ ୫ ଲକ୍ଷ ଟଙ୍କା ଗୃହ ସହାୟତା ଅଧୀନରେ ଏବଂ ନୂତନ ଘର ନିର୍ମାଣ ପାଇଁ ୩.୩୯ ଲକ୍ଷ ଟଙ୍କାରୁ ଅଧିକ ରାଶି, ସ୍ଥାନାନ୍ତର ସହାୟତା ପାଇଁ ଘରୋଇ ସାମଗ୍ରୀର ପରିବହନ ଏବଂ ସ୍ଥାନାନ୍ତର ବାବଦକୁ ୧.୧୩ ଲକ୍ଷ ଟଙ୍କା। ଜୀବିକା ସହାୟତା ଅଧୀନରେ ଗୋଟିଏ ବର୍ଷ ପାଇଁ ଜୀବିକା ନିର୍ବାହ ପାଇଁ ୫୪,୩୦୦ ଟଙ୍କା। ବ୍ୟବସାୟ ସହାୟତା ଅଧୀନରେ ଦୋକାନ ସ୍ଥାପନ ପାଇଁ ୨୫,୦୦୦ ଟଙ୍କା ପ୍ୟାକେଜ ଘୋଷଣା ରହିଛି ।

### ସୋରଡ଼ାରେ କଂଗ୍ରେସର ବିରାଟ ପଦଯାତ୍ରା

## ଏମ୍‌ଏମ୍‌ଏଡିଆର ବିଲ୍‌କୁ ବିରୋଧ ସହ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି

**ସୋରଡ଼ା,୮।୧୦(ହୀ.ପ୍ର):** ଗଞ୍ଜାମ ଜିଲ୍ଲା ସୋରଡ଼ା ବିଧାନସଭା ଅଞ୍ଚଳରେ କଂଗ୍ରେସ ପକ୍ଷରୁ ଏମଏମଡିଆର ବିଲ୍ ବିରୋଧରେ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ଏକ ବିରାଟ ପଦଯାତ୍ରା ଅନୁଷ୍ଠିତ



ହୋଇଯାଇଛି। ସୋରଡ଼ା ବିଧାନସଭାର ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ହରିକୃଷ୍ଣ ରଥଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ଓଡ଼ିଶା ପ୍ରଦେଶ କଂଗ୍ରେସର ସହ–ପ୍ରଭାରୀ ଜେଟି କୁସୁମ କୁମାର ଯୋଗ ଦେଇଥିଲେ। ପ୍ରଥମେ ସୋରଡ଼ା କାଳୀମନ୍ଦିର ପରିସରରେ ଏକ ବୈଠକ ହୋଇଥିଲା। ବୈଠକରେ କଂଗ୍ରେସ ନେତାମାନେ କେନ୍ଦ୍ରର ଏମଏମଡିଆର ବିଲ୍ ଓଡ଼ିଶାର ସ୍ୱାର୍ଥକୁ କ୍ଷୁଣ୍ଣ କରୁଥିବା ଅଭିଯୋଗ କରି ବିଲ୍ ବିରୋଧରେ ମତ ରଖିଥିଲେ। ଏଥିସହ ରାଜ୍ୟରେ ଗଣଶିକ୍ଷା ବିଭାଗର ଅବ୍ୟବସ୍ଥା ଓ ମନ୍ତ୍ରୀଙ୍କ ଦାୟିତ୍ୱହୀନତା ଅଭିଯୋଗ କରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ୧୭୦୦ରୁ ଅଧିକ ତ୍ରୁଟି ଥିବା ଦାବି କରାଯାଇଥିଲା। ଏହାକୁ ନେଇ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିଲା। ଅନ୍ୟପକ୍ଷରେ, ନିର୍ବାଚନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କ ଇସ୍ତଫା ମଧ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା କଂଗ୍ରେସ ସଭାପତି ଦଣ୍ଡପାଣି ପାତ୍ର, ଉପସଭାପତି ସୁନାରାମ ସାବତ, ଆସିକା ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା, ପୂର୍ବତନ ଜିଲ୍ଲା ସଭାପତି ତ୍ରିନାଥ ବେହେରା, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା ସୁଦୀପ୍ତା ଦାସ, କମ୍ୟୁନିଷ୍ଟ ପାର୍ଟି ଜିଲ୍ଲା ସମ୍ପାଦକ ବିଭୁ କିଶୋର ପାଣିଗ୍ରାହୀ, ଗଞ୍ଜାମ ଜିଲ୍ଲା ପଶ୍ଚିମ କିଷାନ କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ସୁଆର, ଚିନ୍ମୟୀ ପ୍ରଧାନ, ବ୍ଲକ ସଭାପତି ବୁଦ୍ଧଦେବ ମଳିକ, ଏନଏସି ସଭାପତି ସତ୍ୟନାରାୟଣ ପାତ୍ର, ବିନାୟକ ଗୌଡ଼ଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ପୁରୀରେ ଦୁର୍ଗାପୂଜା ଓ ଭସାଣି ପ୍ରସ୍ତୁତି ବୈଠକ

**ପୁରୀ,୮।୧୦(ହୀ.ପ୍ର):**ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ କରିବା ଉଦ୍ଦେଶ୍ୟରେ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା କହିଥିଲେ ଯେ ଦୁର୍ଗାପୂଜା ଆନନ୍ଦ ଉଲ୍ଲାସର ପର୍ବ। ତେବେ ଶ୍ରୀକ୍ଷେତ୍ରରେ ଦୂର୍ଗା ପୂଜା ନିଆରା ଭାବେ ପାଳନ ହେବା ସହ ସିଂହଦ୍ୱାରଠାରେ ଭସାଣି ବା ଗୋଷାଣି ଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରତ୍ୟେକ ପୂଜା କମିଟି ଓ ବିଭାଗ ଶୃଙ୍ଖଳାର ସହ ଏହାକୁ ପରିଚାଳନା କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ଗତବର୍ଷ ପରି ସମସ୍ତଙ୍କ ସହଯୋଗରେ ପୂଜା ଓ ଭସାଣି ଶୃଙ୍ଖଳିତ ଓ ଭାଇଚାରାର ସହ ସମ୍ପର୍ଣ୍ଣ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ଏସପି ପ୍ରତୀକ ସିଂ ମାନ୍ୟବର କୋର୍ଟ ଓ ସରକାର ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା ଆଧାରରେ ଏବଂ ସମସ୍ତଙ୍କ ସହଯୋଗରେ ଏହି ମହାନ ପର୍ବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବାକୁ ଅନୁରୋଧ କରିଥିଲେ। ଦଶହରା ଅକ୍ଟୋବର ୨୦ରେ ଓ ଭସାଣି ଗୋଷାଣୀ ଯାତ୍ରା ଉତ୍ସବ ଏକାଦଶୀ ତିଥି ଅକ୍ଟୋବର ୨୨ରେ ସିଂହଦ୍ୱାରଠାରେ ଅନୁଷ୍ଠିତ ହେବ। ଅକ୍ଟୋବର ୧୬ରେ ଷଷ୍ଠୀ, ୧୭ରେ ମହାସପ୍ତମୀ, ୧୮ରେ ମହାଷ୍ଟମୀ,୧୯ରେ ନବମୀ ଅନୁଷ୍ଠିତ ହେବ। ପୂଜା ସମୟରେ ପ୍ରତ୍ୟେକ ପୂଜା କମିଟି ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ବିଦ୍ୟୁତ ଯୋଗାଣ, ଅଗ୍ନି ନିର୍ବାପକ, ତୋରଣ



ନିର୍ମାଣ, ମାଇକ ବ୍ୟବହାର, ମଣ୍ଡପ ସ୍ଥାନ ଇତ୍ୟାଦି ର ଅନୁମତି ନେବା ଜରୁରୀ। ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କୌଣସି କ୍ଷେତ୍ରରେ ବିନା ଅନୁମତିରେ ପୂଜା ମଣ୍ଡପରେ ପୂଜା ହୋଇପାରିବ ନାହିଁ। ପୂଜା କମିଟିମାନେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବେ, ରାସ୍ତା ଅବରୋଧ ନ କରି ମଣ୍ଡପ ବା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ, ସ୍ୱଚ୍ଛତା ବ୍ୟବସ୍ଥା କରିବେ। କୌଣସି ପୂଜା କମିଟି ବାଣ ଫୁଟାଇବେ ନାହିଁ। ଭସାଣୀ ଦିନ ସିଂହଦ୍ୱାର ଠାରେ ସମସ୍ତ ମେଢ଼ ଗୁଡିକ ଏକତ୍ରିତ ହୋଇ ମେଢ ପ୍ରଦର୍ଶନ କରାଯିବା ପରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ। ମେଢଗୁଡିକ ପୌର ପାଳିକା ପକ୍ଷରୁ ପ୍ରସ୍ତୁତ ଶ୍ରୀ ସେତୁ ନିକଟ ମୂଷା ନଈର ଅସ୍ଥାୟୀ ପୋଖରୀରେ ବିସର୍ଜିତ ହେବେ। ଏଠାରେ ଆଲୋକ ବ୍ୟବସ୍ଥା, ଅସ୍ଥାୟୀ ପୋଖରୀକୁ ଉପଯୁକ୍ତ ପ୍ରସ୍ତୁତ ବ୍ୟବସ୍ଥା, କ୍ରେନ ବ୍ୟବସ୍ଥା ଓ ଯୋଗାଯୋଗ ରାସ୍ତାକୁ ମରାମତି ପୌରପାଳିକା ପକ୍ଷରୁ କରାଯିବ। ସେହିପରି ଆରକ୍ଷୀ ବିଭାଗ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ଓ କୌଣସି ଦୁର୍ଘଟଣା ପାଇଁ ପଦକ୍ଷେପ ନେବା,ପୂଜା ଓ ଭସାଣୀ ସମୟରେ ପାନୀୟ ଜଳ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଇତ୍ୟାଦି ବ୍ୟବସ୍ଥା ସମ୍ପୃକ୍ତ ବିଭାଗ କରିବାକୁ ଅନୁରୋଧ କରାଗଲା। ପୂଜା କମିଟି ମାନେ ଶୃଙ୍ଖଳାରକ୍ଷା ଓ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ନିୟୋଜନ କରିବା, ସିସିଟିଭି ଲଗାଇବା, ପୂଜା କମିଟିର ସ୍ୱଚ୍ଛାସେବୀଙ୍କୁ ଚିହ୍ନଟ ପାଇଁ ପରିଚୟ ପତ୍ର ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା ସହ ସ୍ଥାୟୀ ବିସର୍ଜନ ସ୍ଥଳକୁ ପୂର୍ବ ପରି ଆକର୍ଷଣୀୟ କରିବାକୁ ଅନୁରୋଧ କରାଯାଇଥିଲା। ଏହି ବୈଠକରେ ପୁରୀ ମହାନଗର ନିଗମର କମିଶନର ପ୍ରହଲ୍ଲାଦ ନାରାୟଣ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ ପତି, ଉପ ଜିଲ୍ଲାପାଳ ରାଜ କିଶୋର ସ୍ୱାଇଁ, ଏଡିଏମଓ ଡା ଲଲାଟେନ୍ଦୁ ମିଶ୍ର, ଡିଆବି ଅତିରିକ୍ତ ଏସପି ଦେବୀ ପ୍ରସାଦ ପ୍ରତାପ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଅତିରିକ୍ତ ପ୍ରଶାସକ ରଞ୍ଜନ ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ ସେଠୀ,ଜିଲ୍ଲା ସଂସ୍କୃତି ଉନ୍ନୟନ ଅଧିକାରୀ ହେମନ୍ତ ବେହେରା, ଶ୍ରୀକ୍ଷେତ୍ର ଗୋଷାଣି ପୂଜା କମିଟିର ସଭାପତି ଭଗବାନ ସୂପକାର, ଉପ ସଭାପତି ରାମଚନ୍ଦ୍ର ଦାସ ମହାପାତ୍ର, ଉପ ସଭାପତି ନାରାୟଣ ମହା ସୁଆର, ସମ୍ପାଦକ ଅନିରୁଦ୍ଧ ରାଉତ, ବରିଷ୍ଠ ସଦସ୍ୟ ଅନନ୍ତ ତିଆଡି, ଯୁଗ୍ମ ସମ୍ପାଦକ ଗଣେଶ ମହାସୁଆର, ପ୍ରଶାନ୍ତ ମହାନ୍ତି, କୋଷାଧକ୍ଷ ନରେନ୍ଦ୍ର ମହାନ୍ତି, ସଦସ୍ୟ ଶ୍ୟାମ ସୁନ୍ଦର ମହାପାତ୍ର, ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ଦୂର୍ଗାପୂଜା ମଣ୍ଡପ ସଭାପତି, ସମ୍ପାଦକ ଓ ବରିଷ୍ଠ କର୍ମକମର୍ତ୍ତା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଶଂଗ୍ରହଣ କରିଥିଲେ।

# କାହିଁକି ବଢ଼ିଥାଏ ୟୁରିକ୍ ଏସିଡ୍



ଆମର କେତେକ ଦୈନନ୍ଦିନ ଭୁଲ୍ ଓ ଖରାପ ଜୀବନଶୈଳୀ ଯୋଗୁଁ ଶରୀରରେ ୟୁରିକ୍ ଏସିଡ୍ (Uric Acid) ର ମାତ୍ରା ବଢ଼ିଯାଇଥାଏ । ଆମେ ଏହାକୁ ହାଲୁକାରେ ନେଇଥାଉ । କିନ୍ତୁ ଲଗାତାର ୟୁରିକ ଏସିଡ ବଢିବା ଦ୍ୱାରା ଅନେକ ରୋଗ ହୋଇପାରେ । ଆସନ୍ତୁ ଆଜି ଜାଣିବା କେତେବେଳେ ଶରୀର ରେ ୟୁରିକ ଏସିଡ ମାତ୍ରା ବଢିଯାଏ । ଆମ ଶରୀରରେ ପ୍ୟୁରିନ୍ (Purine) ନାମକ ତତ୍ତ୍ୱ ବିଘଟିତ ହେବା ଦ୍ୱାରା ୟୁରିକ୍ ଏସିଡ୍ ତିଆରି ହୋଇଥାଏ । ସାଧାରଣତଃ କିଡ୍‌ନୀ ଏହାକୁ ଛାଣି ମୂତ୍ର ମାଧ୍ୟମରେ ବାହାର କରିଦିଏ । ମାତ୍ର ଅନୁଚିତ ଆହାର ଓ କମ୍ ଶାରୀରିକ ପରିଶ୍ରମ ଯୋଗୁଁ ଏହାର ସ୍ତର ବଢ଼ିଯାଏ, ଯାହା ଗଣ୍ଠି ବିନ୍ଧା ଓ ଫୁଲା ଭଳି ସମସ୍ୟା ସୃଷ୍ଟି କରେ । ୟୁରିକ୍ ଏସିଡ୍ ବଢ଼ିବାର ମୁଖ୍ୟ କାରଣ ଅଧିକ ପ୍ୟୁରିନ୍‌ଯୁକ୍ତ ଖାଦ୍ୟ: ରେଡ୍ ମିଟ୍, ଅର୍ଗାନ୍ ମିଟ୍ (କଲିଜା, କିଡ୍‌ନୀ) ଏବଂ କେତେକ ସି-ଫୁଡ୍‌ରେ ପ୍ରଚୁର ପ୍ୟୁରିନ୍ ଥାଏ । ମିଠା ଓ କୋଲ୍ଡ ଡ୍ରିଙ୍କସ୍: ଅତ୍ୟଧିକ ଚିନି ଓ ଫ୍ରୁକ୍ଟୋଜ୍ ଯୁକ୍ତ ସଫ୍ଟ ଡ୍ରିଙ୍କସ୍ ଏବଂ ପ୍ୟାକେଜ୍ଡ ଜୁସ୍ ୟୁରିକ ଏସିଡ୍ ବଢ଼ାଇଥାଏ ।

ମଦ୍ୟପାନ: ବିଶେଷ କରି ବିୟର ପିଇବା ଦ୍ୱାରା ଶରୀରରୁ ୟୁରିକ୍ ଏସିଡ୍ ବାହାରିବା ପ୍ରକ୍ରିୟା ଧୀମା ହୋଇଯାଏ ।

କମ୍ ପାଣି ପିଇବା: ପର୍ଯ୍ୟାପ୍ତ ପାଣି ନ ପିଇଲେ କିଡ୍‌ନୀ ଶରୀରରୁ ବିଷାକ୍ତ ପଦାର୍ଥ ଓ ୟୁରିକ୍ ଏସିଡ୍‌କୁ ଭଲଭାବେ ବାହାର କରିପାରେ ନାହିଁ ।

ଅଳସୁଆ ଜୀବନଶୈଳୀ: ଶାରୀରିକ ପରିଶ୍ରମର ଅଭାବ ଓ ଦୀର୍ଘ ସମୟ ବସି ରହିବା ଦ୍ୱାରା ମେଟାବୋଲିଜିମ ଧୀମା ହୋଇଯାଏ ।

ୟୁରିକ୍ ଏସିଡ୍ କମାଇବାର ସହଜ ଉପାୟ

ଖାଦ୍ୟପେୟରେ ପରିବର୍ତ୍ତନ: ରେଡ୍ ମିଟ୍, ଅର୍ଗାନ୍ ମିଟ୍ ଓ ମଦ୍ୟପାନଠାରୁ ଦୂରେଇ ରୁହନ୍ତୁ ।

ଫଳ ଓ ପରିବା ସେବନ: କାକୁଡ଼ି, ଅମୃତଭଣ୍ଡା, ସେଓ, ତାଜା ପରିବା ଓ ଗଜା ମୁଗ ଖାଇବା ଦ୍ୱାରା ୟୁରିକ ଏସିଡ୍ ନିୟନ୍ତ୍ରଣରେ ରହେ ।

ସ୍ୱାସ୍ଥ୍ୟକର ପାନୀୟ: ମିଠା ପାନୀୟ ବଦଳରେ ପ୍ରଚୁର ପାଣି, ନଡ଼ିଆ ପାଣି କିମ୍ବା ଲେମ୍ବୁ ପାଣି ପିଅନ୍ତୁ । ନିୟମିତ ବ୍ୟାୟାମ: ପ୍ରତିଦିନ ସକାଳେ ଚାଲିବା କିମ୍ବା ହାଲୁକା ଯୋଗାସନ କରିବା ଦ୍ୱାରା ଶରୀରର ମେଟାବୋଲିଜିମ୍ ସୁଧୁରିଥାଏ ।

# ଅଧିକ ଘୁଙ୍ଘୁଡ଼ି ମାରୁଛନ୍ତି କି ?



ପ୍ରାୟତଃ ଦେଖାଯାଏ ଯେ ଶୀତଦିନେ ଘୁଙ୍ଘୁଡ଼ି ମାରିବା ବଢ଼ିଯାଏ । ଏକ ଅଧ୍ୟୟନ ଅନୁଯାୟୀ ଶୀତଦିନେ ରାତିରେ ଘୁଙ୍ଘୁଡ଼ି ମାରିବା ଏକ ସଂଯୋଗ ନୁହେଁ ଏହା ପରିବେଶଗତ କାରଣ ଯୋଗୁଁ ହୋଇଥାଏ । ତାପମାତ୍ରା ହ୍ରାସ ପାଇବା ସହିତ, ବାୟୁ ଶୁଷ୍କ ହୋଇଯାଏ ଯାହା ଆମ ଶ୍ୱାସନଳୀକୁ ଆବରଣ କରୁଥିବା ସମ୍ବେଦନଶୀଳ ଝିଲ୍ଲୀକୁ ପ୍ରଭାବିତ କରେ । ଶୁଷ୍କ ବାୟୁ ନାସିକା ପଥରେ ଫୁଲିଯାଏ ଏବଂ କଫ ଘନ ହୋଇଯାଏ, ଯାହା ଶ୍ୱାସନଳୀକୁ ସଂକୁଚିତ କରେ । ଯେତେବେଳେ ବାୟୁ ଏହି ସଂକୀର୍ଣ୍ଣ ରାସ୍ତା ଦେଇ ଠେଲି ଦିଏ ଏହା ଗଳା ଟିସୁରେ କମ୍ପନ ସୃଷ୍ଟି କରେ ଯାହାକୁ ଆମେ ଘୁଙ୍ଘୁଡ଼ି ବୋଲି କହିଥାଉ ଏହା ବ୍ୟତୀତ, ଶୀତଦିନେ ଆମେ ପ୍ରାୟତଃ ସୀମିତ ବାୟୁଚଳନ ସହିତ ବନ୍ଦ କୋଠରୀରେ ଶୋଇଥାଉ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଶୀତଦିନେ ବର୍ଦ୍ଧିତ ଘୁଙ୍ଘୁଡ଼ି ବାଧାପ୍ରାପ୍ତ ନିଦ୍ରାର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ । ଯଦି ଆପଣ ବାରମ୍ବାର ଘୁଙ୍ଘୁଡ଼ି ମାରି ଉଠିଥାନ୍ତି କିମ୍ବା ଉଠିବା ସମୟରେ ଆପଣଙ୍କ ମୁଣ୍ଡରେ ଭାରୀ ଅନୁଭବ କରନ୍ତି, ତେବେ ଏହାକୁ ଅଣଦେଖା କରିବା ଆପଣଙ୍କ ହୃଦୟ ଏବଂ ରକ୍ତଚାପ ପାଇଁ ବିପଜ୍ଜନକ ହୋଇପାରେ ।""ଶୀତଦିନେ ଥଣ୍ଡା ଏବଂ ସାଇନସ୍ ସମସ୍ୟା ସାଧାରଣ । ଯେତେବେଳେ ଆପଣଙ୍କ ନାକ ବନ୍ଦ ହୋଇଯାଏ, ଆପଣ ଆପଣଙ୍କ ମୁହଁ ମାଧ୍ୟମରେ ନିଶ୍ୱାସ ନେବାକୁ ବାଧ୍ୟ ହୁଅନ୍ତି । ମୁହଁ ଦେଇ ନିଶ୍ୱାସ ନେବା ଦ୍ୱାରା ଆପଣଙ୍କ ଗଳାର ପଛ ଭାଗ ଅଧିକ କମ୍ପିତ ହୁଏ, ଘୁଙ୍ଘୁଡ଼ିର ତୀବ୍ରତା ବୃଦ୍ଧି ପାଏ । ଯଦି ଆପଣଙ୍କର ସାଇନସ୍ ସମସ୍ୟା ଅଛି ତେବେ ଶୋଇବା ପୂର୍ବରୁ ଷ୍ଟିମ୍ ନେଇ ନାସାଲ୍ ସ୍ପ୍ରେ ବ୍ୟବହାର କରିବା ଏହି ସମସ୍ୟାକୁ ଯଥେଷ୍ଟ ହ୍ରାସ କରିପାରିବ । ଥଣ୍ଡାରୁ ରକ୍ଷା କରିବା ପାଇଁ ବ୍ୟବହୃତ ଏକ ରୁମ୍ ହିଟର ବାୟୁରୁ ପ୍ରାକୃତିକ ଆର୍ଦ୍ରତା ଦୂର କରିଦିଏ । ଏହାକୁ ଏଡାଇବା ପାଇଁ ଆର୍ଦ୍ରତା ବଜାୟ ରଖିବା ଏବଂ ଶ୍ୱାସନଳୀକୁ ଆର୍ଦ୍ର ରଖିବା ପାଇଁ ଏକ ହ୍ୟୁମିଡିଫାୟର ବ୍ୟବହାର କରନ୍ତୁ କିମ୍ବା କୋଠରୀର ଏକ କୋଣରେ ପାଣିର ପାତ୍ର ରଖନ୍ତୁ । ଯଦି ଆପଣ ଘୁଙ୍ଘୁଡ଼ି ସମୟରେ ହଠାତ୍ ନିଶ୍ୱାସ ନେବା ବନ୍ଦ ଅନୁଭବ କରନ୍ତି, ତେବେ ଏହା ସ୍ଲିପ୍ ଆପ୍ନିଆ ହୋଇପାରେ । ଶୀତଦିନେ ଶାରୀରିକ କାର୍ଯ୍ୟକଳାପ ହ୍ରାସ ପାଇବା ଦ୍ୱାରା ଓଜନ ବଢ଼ିପାରେ ।

# ଉପକାରୀ ଜୁଆଣି



ପର୍ବପର୍ବାଣୀ ହେଉ କିମ୍ବା କୌଣସି ବିଶେଷ ଅବସର ସ୍ୱାଦିଷ୍ଟ ଖାଦ୍ୟ ଖାଇବା ଆମ ସଂସ୍କୃତିର ଏକ ଅଂଶ । ତଥାପି, ଏହି ସ୍ୱାଦିଷ୍ଟ ଖାଦ୍ୟର ମଜା ନେବା ପରେ ଆମର ପାଚନ ତନ୍ତ୍ର ପ୍ରାୟତଃ ପ୍ରଭାବିତ ହୁଏ । ତେଲ, ମସଲା ଏବଂ ଚର୍ବି ଅଧିକ ଥିବା ଖାଦ୍ୟକୁ ହଜମ କରିବା ପାଇଁ ପେଟକୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ । ଯାହା ଫଳରେ ଏସିଡିଟି, ଗ୍ୟାସ୍, ବଦହଜମୀ ଏବଂ ଫୁଲିବା ଭଳି ସମସ୍ୟା ସୃଷ୍ଟି ହୁଏ । ଏହି ଅବସ୍ଥା ଆପଣଙ୍କୁ କେବଳ ଅସହଜ କରେ ନାହିଁ ବରଂ ଆପଣଙ୍କ ଉତ୍ପାଦକତାକୁ ମଧ୍ୟ ପ୍ରଭାବିତ କରେ । ଏହି ସମସ୍ୟାକୁ ଏଡାଇବା ପାଇଁ, ତୁରନ୍ତ ଔଷଧର ଆଶ୍ରୟ ନେବା ପରିବର୍ତ୍ତେ, ଆପଣଙ୍କ ରୋଷେଇ ଘରେ ଉପଲବ୍ଧ କିଛି ପ୍ରାକୃତିକ ପାନୀୟ ଅଧିକ ପ୍ରଭାବଶାଳୀ ହୋଇପାରେ । ଏହି ପାନୀୟ ପାଚନ ଏନଜାଇମକୁ ସକ୍ରିୟ କରେ ଏବଂ ପେଟର ଗରମକୁ ଶାନ୍ତ କରେ । ଏହି ପାନୀୟ ସେବନ କରିବା ଦ୍ୱାରା ହଜମ ସ୍ୱାଭାବିକ ହେବାରେ ସାହାଯ୍ୟ କରେ । ଏଭଳି ସ୍ୱାଦିଷ୍ଟ ଖାଦ୍ୟ ପରେ ଜୁଆଣି ଏବଂ ଜିରା ପାଣି ଏକ ବହୁତ ପ୍ରଭାବଶାଳୀ ପ୍ରତିକାର । ଏଥିରେ ଥାଇମଲ୍ ନାମକ ଏକ ସକ୍ରିୟ ଯୌଗିକ ଥାଏ ଯାହା ଗ୍ୟାଷ୍ଟ୍ରିକ୍ ରସ କ୍ଷରଣକୁ ବୃଦ୍ଧି କରେ ଏବଂ ବଦହଜମୀରୁ ତୁରନ୍ତ ଆରାମ ପ୍ରଦାନ କରେ । ଏହି ମିଶ୍ରଣ ଆପଣଙ୍କ ପାଚନ ପ୍ରକ୍ରିୟାକୁ ଶୀଘ୍ର ବୃଦ୍ଧି କରିବ । ସେହିପରି ଅଦା ଏବଂ ଲେମ୍ବୁ ମିଶ୍ରଣକୁ ପାଚନ ଅମଳ ଭାବରେ ବିବେଚନା କରାଯାଏ । ଅଦାରେ ଜିଞ୍ଜେରାଲ୍ ନାମକ ଯୌଗିକ ରହିଥାଏ ।

# ଅଳ୍ପ ବୟସରେ କାହିଁକି ହେଉଛି ହାର୍ଟ ଆଟାକ୍



'ଦ ଲାନସେଟ୍ ରିଜିଓନାଲ୍ ହେଲ୍ଥ ସାଉଥ୍ ଇଷ୍ଟ ଏସିଆ'ରେ ପ୍ରକାଶିତ ଏକ ଲେଖାରେ ଭାରତ ପାଇଁ ଏକ ସ୍ୱତନ୍ତ୍ର କାର୍ଡିଓଥୋରାସିକ ବାୟୋବ୍ୟାଙ୍କ ମଡେଲ୍ ତିଆରି କରିବାକୁ ପ୍ରସ୍ତାବ ଦିଆଯାଇଛି ।

ଭାରତରେ ଦିନକୁ ଦିନ ବଢୁଛି ହୃଦ୍‌ରୋଗ । ଆହୁରି ଚିନ୍ତାର ବିଷୟ ହେଉଛି, ଅନ୍ୟ ଦେଶ ତୁଳନାରେ ଭାରତୀୟଙ୍କଠାରେ କମ୍ ବୟସରେ ହାର୍ଟ ଆଟାକ୍ ଦେଖାଦେଉଛି । ଭାରତରେ ପ୍ରଥମ ହାର୍ଟ ଆଟାକ୍‌ର ହାରାହାରି ବୟସ ପ୍ରାୟ ୫୩ ବର୍ଷ । ତେବେ କମ୍ ବୟସରେ ହୃଦ୍‌ରୋଗ ପଛରେ ଥିବା ପ୍ରକୃତ କାରଣ କ'ଣ ? ଶରୀରରେ କେଉଁ ପରିବର୍ତ୍ତନ ଏଥିପାଇଁ ଦାୟୀ ? ଏହାର ଉତ୍ତର ଖୋଜିବାକୁ ବୈଜ୍ଞାନିକମାନେ ଏକ ନୂଆ ପଦକ୍ଷେପର ପ୍ରସ୍ତାବ ଦେଇଛନ୍ତି ।

'ଦ ଲାନସେଟ୍ ରିଜିଓନାଲ୍ ହେଲ୍ଥ ସାଉଥ୍ ଇଷ୍ଟ ଏସିଆ'ରେ ପ୍ରକାଶିତ ଏକ ଲେଖାରେ ଭାରତ ପାଇଁ ଏକ ସ୍ୱତନ୍ତ୍ର କାର୍ଡିଓଥୋରାସିକ ବାୟୋବ୍ୟାଙ୍କ ମଡେଲ୍ ତିଆରି କରିବାକୁ ପ୍ରସ୍ତାବ ଦିଆଯାଇଛି । ଏଥିରେ ହୃଦ୍‌ରୋଗରେ ପୀଡ଼ିତ ରୋଗୀଙ୍କ ଅପରେସନ୍ ସମୟରେ ବାହାର କରାଯାଉଥିବା ରୋଗାକ୍ରାନ୍ତ ଟିସୁ ଏବଂ ରକ୍ତ ନମୁନାକୁ ସଂରକ୍ଷଣ କରାଯାଇ ଗବେଷଣା କରାଯିବ । ବର୍ତ୍ତମାନ ଅପରେସନ୍ ସମୟରେ ବାହାରୁଥିବା ଏଓର୍ଟା, ହାର୍ଟ ଭାଲ୍ଭ ଓ ଅନ୍ୟ ରୋଗାକ୍ରାନ୍ତ ଟିସୁକୁ ସାଧାରଣତଃ ମେଡିକାଲ୍ ୱେଷ୍ଟ ଭାବେ ନଷ୍ଟ କରାଯାଏ । କେତେକ କ୍ଷେତ୍ରରେ ଏହାର ପରୀକ୍ଷା ହୁଏ, କିନ୍ତୁ ବଡ଼ ପରିସରରେ ଗବେଷଣା ପାଇଁ ଏହାକୁ ବ୍ୟବହାର କରାଯାଉନାହିଁ । ବୈଜ୍ଞାନିକଙ୍କ ମତରେ, ଏହି ଟିସୁର ଗଭୀର ଅଧ୍ୟୟନ କଲେ ରୋଗର ପ୍ରକୃତ ବାୟୋଲୋଜିକାଲ୍ ଓ ଜେନେଟିକ୍ କାରଣ ବୁଝିବା ସହଜ ହେବ । କେବଳ ବ୍ଲଡ୍ ଟେଷ୍ଟ, ସିଟି ସ୍କାନ୍, ଏମ୍‌ଆର୍‌ଆଇ କିମ୍ବା ଏଞ୍ଜିଓଗ୍ରାଫି ଦ୍ୱାରା ସବୁ ତଥ୍ୟ ମିଳିବା ସମ୍ଭବ ନୁହେଁ । ତେଣୁ ଟିସୁ ନମୁନାକୁ ଦୀର୍ଘ ସମୟର କ୍ଲିନିକାଲ୍ ତଥ୍ୟ ସହ ଯୋଡ଼ି ଗବେଷଣା କରିବାକୁ ବିଶେଷଜ୍ଞମାନେ କହିଛନ୍ତି । ଭବିଷ୍ୟତରେ ଏଭଳି ବାୟୋବ୍ୟାଙ୍କ ମାଧ୍ୟମରେ ଭାରତୀୟଙ୍କଠାରେ ହୃଦ୍‌ରୋଗ କାହିଁକି କମ୍ ବୟସରେ ହେଉଛି, ତାହାର ଗଭୀର କାରଣ ଜଣାପଡ଼ିପାରେ । ଏହା ସହ ବ୍ୟକ୍ତିବିଶେଷଙ୍କ ପାଇଁ ଅଧିକ ସଠିକ୍ ଚିକିତ୍ସା ପଦ୍ଧତି ବିକଶିତ କରିବାରେ ମଧ୍ୟ ସହାୟକ ହୋଇପାରେ ।

# ସୁସ୍ଥ ଯକୃତ ପାଇଁ ସତର୍କତା



ଆଜିର ଜୀବନଶୈଳୀ ଓ ଖାଦ୍ୟପେୟରେ ଅନିୟମିତତା ଯୋଗୁଁ ଯକୃତ ସମସ୍ୟା ବଢ଼ିବାରେ ଲାଗିଛି । ବିଶେଷ କରି ମଧୁମେହ ଓ ଉଚ୍ଚରକ୍ତଚାପ ଭଳି ସମସ୍ୟା ଯକୃତର କାର୍ଯ୍ୟକ୍ଷମତାକୁ ସବୁଠାରୁ ଅଧିକ ପ୍ରଭାବିତ କରିଥାଏ । ଯଦି ଆଧୁନିକ ଚିକିତ୍ସା ବିଜ୍ଞାନ ଓ ଆୟୁର୍ବେଦର ଜ୍ଞାନକୁ ଆପଣାଇ ଆମେ ନିଜର ଦୈନନ୍ଦିନ ଅଭ୍ୟାସରେ ପରିବର୍ତ୍ତନ ଆଣିପାରିବା, ତେବେ ଯକୃତକୁ ସୁରକ୍ଷିତ ରଖିପାରିବା ।

ଜୀବନଶୈଳୀ ଓ ସଚେତନତା: ଡାକ୍ତରଙ୍କ ମତରେ, ସୁସ୍ଥ ଯକୃତ ପାଇଁ ସୁସ୍ଥ ଜୀବନଶୈଳୀ ଜରୁରି । ପ୍ରାରମ୍ଭିକ ପର୍ଯ୍ୟାୟରେ ବିପଦ ସମ୍ପର୍କରେ ଜାଣିବା ଓ ସଚେତନ ରହିବା ଦ୍ୱାରା ଯକୃତକୁ ଦୀର୍ଘସ୍ଥାୟୀ କ୍ଷତିରୁ ରକ୍ଷା କରାଯାଇପାରିବ ।

ମଧୁମେହ ଓ ଉଚ୍ଚ ରକ୍ତଚାପର ନିୟନ୍ତ୍ରଣ: ଅଧିକ ରକ୍ତଶର୍କରା ଯକୃତର ସୂକ୍ଷ୍ମ ରକ୍ତନଳୀଗୁଡ଼ିକୁ କ୍ଷତିଗ୍ରସ୍ତ କରିଥାଏ ଓ ଉଚ୍ଚ ରକ୍ତଚାପ ଫିଲ୍‌ଟରିଂ ୟୁନିଟ୍ ଉପରେ ଚାପ ପକାଇଥାଏ । ତେଣୁ ଏହାକୁ ନିୟନ୍ତ୍ରଣରେ ରଖିବା ନିହାତି ଆବଶ୍ୟକ । ପରିସ୍ରା ଅଟକାଇବା କ୍ଷତିକାରକ: ଦୀର୍ଘ ସମୟ କାମ କରିବା, ଯାତ୍ରା କରିବା କିମ୍ବା ବ୍ୟସ୍ତତା ଯୋଗୁଁ ପରିସ୍ରାକୁ ଅଟକାଇ ରଖିବା ମୂତ୍ରାଶୟ ଉପରେ କୁପ୍ରଭାବ ପକାଏ । ଆୟୁର୍ବେଦ ଅନୁଯାୟୀ, ଶରୀରର ପ୍ରାକୃତିକ ବେଗକୁ ରୋକିବା ଦ୍ୱାରା ଅନ୍ତର୍ନିହିତ ଅସନ୍ତୁଳନ ସୃଷ୍ଟି ହୁଏ, ଯାହା ବିପଜ୍ଜନକ ମୂତ୍ରନଳୀ ସଂକ୍ରମଣର ଆଶଙ୍କା ବଢ଼ାଇଥାଏ ।

Protest: ସିଇସି ବିରୋଧରେ ଆନ୍ଦୋଳନ ଜାରି ରଖିବେ ଛାତ୍ର ସଂଗଠନ, ସିଜେପି

ପରିସ୍ରା ସମସ୍ୟାକୁ ଅଣଦେଖା କରନ୍ତୁ ନାହିଁ: ପରିସ୍ରା ସମୟରେ ଜଳାପୋଡ଼ା କିମ୍ବା ବାରମ୍ବାର ପରିସ୍ରା ଲାଗିବା ଭଳି ଲକ୍ଷଣ ବଡ଼ ବିପଦର କାରଣ ହୋଇପାରେ ।

ପର୍ଯ୍ୟାପ୍ତ ପାଣି ପିଅନ୍ତୁ: ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଯକୃତରେ ପଥୁରୀ ହେବାର ଆଶଙ୍କା କମିଥାଏ । ତେବେ ପାଣିର ପରିମାଣ ଶରୀରର ପରିସ୍ଥିତି ଉପରେ ନିର୍ଭର କରେ । ଖାଦ୍ୟପେୟରେ ସଂଯମ: ଯକୃତ ସମସ୍ୟା ଥିଲେ ପୋଟାସିୟମ୍, ଫସ୍‌ଫରସ୍, ସୋଡିୟମ୍ ଓ ପ୍ରୋଟିନ୍ ମାତ୍ରା ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼େ । ଡାକ୍ତରଙ୍କ ପରାମର୍ଶରେ କାକୁଡ଼ି, ଟମାଟୋ, ଦହି, ଭାତ କିମ୍ବା କିଛି ନିର୍ଦ୍ଦିଷ୍ଟ ଡାଲିର ପରିମାଣ ନିୟନ୍ତ୍ରଣ କରିବାକୁ ପଡ଼ିପାରେ ।

ଆୟୁର୍ବେଦ ଔଷଧ ବ୍ୟବହାର: ଆୟୁର୍ବେଦ ଅନୁସାରେ ଗୋକ୍ଷୁର, ପୁନର୍ନବା, ବରୁଣ, ଗିଲୋୟ ଓ ପଥରଚଟ୍ଟା ଭଳି ପ୍ରାକୃତିକ ଔଷଧୀ ଯକୃତର ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ।

# ଶୀତଦିନେ ଅଧିକ ଭୋକ ଲାଗୁଛି କି ?



ଥଣ୍ଡା ପାଗରୁ ରକ୍ଷା ପାଇବା ପାଇଁ ଲୋକମାନେ ଗରମ ପୋଷାକର ପିନ୍ଧିବା ଆରମ୍ଭ କରନ୍ତି । ଏହି ଋତୁରେ ପ୍ରାୟତଃ ଲୋକଙ୍କ ଭୋକ ଏବଂ ଖାଇବାର ଇଚ୍ଛା ବୃଦ୍ଧି ପାଏ । ଏହାର ଏକ ମୁଖ୍ୟ କାରଣ ହେଉଛି ଶରୀରର ତାପମାତ୍ରା ବଜାୟ ରଖିବା । ଯେତେବେଳେ ବାହାରେ ଥଣ୍ଡା ଥାଏ ଶରୀରକୁ ଗରମ ରଖିବା ପାଇଁ ଅଧିକ ଶକ୍ତି ଆବଶ୍ୟକ ହୁଏ । ଯାହା ମେଟାବୋଲିଜିମକୁ ବୃଦ୍ଧି କରେ । ଯାହା ଦ୍ୱାରା ଆମକୁ ଅଧିକ ଭୋକ ଲାଗେ । ଏହା ବ୍ୟତୀତ ଶୀତଦିନରେ ଦିନ ଛୋଟ ଏବଂ ରାତି ଲମ୍ବା ହେବା ଯୋଗୁଁ ଶରୀରରେ ସେରୋଟୋନିନ୍ ଏବଂ ମେଲାଟୋନିନ୍ ଭଳି ହରମୋନର ସନ୍ତୁଳନ ପରିବର୍ତ୍ତନ ହୁଏ ଯାହା ଆଳସ୍ୟ ଅନୁଭବ କରାଏ । ଏହି ମାନସିକ ସ୍ଥିତିକୁ ଉନ୍ନତ କରିବା ପାଇଁ ଲୋକମାନେ ପ୍ରାୟତଃ "ଆରାମଦାୟକ ଖାଦ୍ୟ' ଆଡ଼କୁ ମୁହାଁଇଥାନ୍ତି ଅର୍ଥାତ କ୍ୟାଲୋରି ଏବଂ ଚିନି ଅଧିକ ଥିବା ଖାଦ୍ୟ ଖାଇଥାନ୍ତି । କିନ୍ତୁ ସ୍ୱାଦ ପାଇଁ କରାଯାଉଥିବା ଏହି ଅତ୍ୟଧିକ ଖାଦ୍ୟ ଶରୀର ପାଇଁ ଗମ୍ଭୀର ବିପଦ ସୃଷ୍ଟି କରିପାରେ । ଯଦି ଏହି ଅଭ୍ୟାସକୁ ନିୟନ୍ତ୍ରଣ କରା ନ ଯାଏ ତେବେ ଏହା କେବଳ ଓଜନ ବୃଦ୍ଧି କରେ ନାହିଁ ବରଂ ଅନେକ ଗମ୍ଭୀର ରୋଗର ଆଶଙ୍କା ମଧ୍ୟ ବୃଦ୍ଧି କରେ ଯାହା ପରେ ଜୀବନବ୍ୟାପୀ ସମସ୍ୟା ହୋଇପାରେ । ଅତ୍ୟଧିକ ଖାଇବାର ସବୁଠାରୁ ତୁରନ୍ତ ପ୍ରଭାବ ଶରୀରର ଓଜନ ଉପରେ ପଡ଼ିଥାଏ । ଶୀତଦିନେ ଶାରୀରିକ କାର୍ଯ୍ୟକଳାପ ହ୍ରାସ ଏବଂ କ୍ୟାଲୋରି ଗ୍ରହଣ ବୃଦ୍ଧି ଶରୀରରେ ଅତିରିକ୍ତ ଚର୍ବି ଜମା କରିଥାଏ । ଏହି ଅବସ୍ଥା ମେଟାବୋଲିକ୍ ସିଣ୍ଡ୍ରୋମ ସୃଷ୍ଟି କରିଥାଏ । ଯାହା ପେଟ ଚାରିପାଖରେ ଚର୍ବି ବୃଦ୍ଧି କରେ । ଏହି ବର୍ଦ୍ଧିତ ଓଜନ କେବଳ ଆପଣଙ୍କ ବ୍ୟକ୍ତିତ୍ୱକୁ ପ୍ରଭାବିତ କରେ ନାହିଁ ବରଂ ଫ୍ୟାଟି ଲିଭରର ବିପଦ ମଧ୍ୟ ବୃଦ୍ଧି କରେ । ଏହା ବ୍ୟତୀତ, ଏହା ଗଣ୍ଠି ଯନ୍ତ୍ରଣା ଭଳି ସମସ୍ୟାକୁ ମଧ୍ୟ ବୃଦ୍ଧି କରେ । ଫ୍ରାଏଡ୍ ଏବଂ ମିଠା ଖାଦ୍ୟର ଅତ୍ୟଧିକ ସେବନ ଶରୀରରେ ଖରାପ କୋଲେଷ୍ଟ୍ରଲ୍ ସ୍ତରକୁ ବୃଦ୍ଧି କରେ ।



# ଅଣ୍ଡାର ଗୁଣବତ୍ତା ଓ ସତେଜତା

ଅଣ୍ଡା ଆମ ଦୈନନ୍ଦିନ ଖାଦ୍ୟର ଏକ ଲୋକପ୍ରିୟ ଅଂଶ । ଏଥିରେ ଉଚ୍ଚମାନର ପ୍ରୋଟିନ ସହ ଅନେକ ଆବଶ୍ୟକ ପୋଷକତତ୍ତ୍ୱ ରହିଥାଏ । ତେବେ ବଜାରରୁ କିଣୁଥିବା ଅଣ୍ଡା ସତେଜ କି ନୁହେଁ, ତାହା ଜାଣିବା ମଧ୍ୟ ଜରୁରୀ ।

ଅଣ୍ଡା ଆମ ଦୈନନ୍ଦିନ ଖାଦ୍ୟର ଏକ ଲୋକପ୍ରିୟ ଅଂଶ । ଏଥିରେ ଉଚ୍ଚମାନର ପ୍ରୋଟିନ ସହ ଅନେକ ଆବଶ୍ୟକ ପୋଷକତତ୍ତ୍ୱ ରହିଥାଏ । ତେବେ ବଜାରରୁ କିଣୁଥିବା ଅଣ୍ଡା ସତେଜ କି ନୁହେଁ, ତାହା ଜାଣିବା ମଧ୍ୟ ଜରୁରୀ । ବିଶେଷକରି ସୋସିଆଲ ମିଡିଆରେ 'ନକଲି ଅଣ୍ଡା'କୁ ନେଇ ବିଭିନ୍ନ ଦାବି ଭାଇରାଲ ହେଉଥିବା ବେଳେ ଅଣ୍ଡାର ଗୁଣବତ୍ତା ଓ ସତେଜତାକୁ ନେଇ ଅନେକଙ୍କ ମନରେ ପ୍ରଶ୍ନ ଉଠିଥାଏ ।

ତେବେ ଅଣ୍ଡା ସତେଜ କି ପୁରୁଣା, ତାହା ଜାଣିବା ପାଇଁ ଘରେ ହିଁ ଏକ ସହଜ ପରୀକ୍ଷା କରାଯାଇପାରେ । ଏଥିପାଇଁ କୌଣସି ବିଶେଷ ଯନ୍ତ୍ରର ଆବଶ୍ୟକତା ନାହିଁ । କେବଳ ଏକ ଗ୍ଲାସ କିମ୍ବା ଗଭୀର ପାତ୍ରରେ ପାଣି ନେଇ ଅଣ୍ଡାକୁ ସେଥିରେ ପକାଇ ଏହାର ଅବସ୍ଥା ଦେଖିବାକୁ ପଡ଼ିବ । ପ୍ରଥମେ ଏକ ଗ୍ଲାସ, ମଗ୍ କିମ୍ବା ଗଭୀର ପାତ୍ରରେ ପର୍ଯ୍ୟାପ୍ତ ପାଣି ଭରନ୍ତୁ । ଏହାପରେ ଅଣ୍ଡାକୁ ଧୀରେ ପାଣି ରେ ପକାନ୍ତୁ । ଅଣ୍ଡାଟି ପାଣିର ତଳେ କିପରି ରହୁଛି କିମ୍ବା ଉପରକୁ ଭାସୁଛି କି ନାହିଁ, ତାହା ଦେଖନ୍ତୁ । ଯଦି ଅଣ୍ଡା ପାଣିର ତଳେ ଚଉଡ଼ା ହୋଇ ସିଧା ହୋଇ ରହୁଛି, ତେବେ ଏହା ସତେଜ ତାହା ସତେଜ ଅଟେ । ଅଣ୍ଡାଟି ପାଣିର ତଳେ ରହି ଗୋଟିଏ ପାର୍ଶ୍ୱକୁ ଢଳି ରହେ କିମ୍ବା ଠିଆ ହୋଇଥିବା ଭଳି ଦେଖାଯାଏ, ତେବେ ଏହା ପୁରୁଣା ଅଟେ । ଅନ୍ୟପକ୍ଷରେ, ଅଣ୍ଡା ପାଣିର ଉପରିଭାଗକୁ ଆସି ଭାସିଲେ, ଏହା ଅଧିକ ପୁରୁଣା କିମ୍ବା ଖରାପ ହୋଇଥାଇପାରେ । ସମୟ ବିତିବା ସହିତ ଅଣ୍ଡା ଭିତରେ ଥିବା ଏୟାର ସେଲ୍ ବା ବାୟୁର ଖାଲି ସ୍ଥାନ ବଡ଼ ହୋଇଯାଏ । ଏହି କାରଣରୁ ପୁରୁଣା ଅଣ୍ଡା ପାଣିରେ ଭାସିଥାଏ ।

ଅଣ୍ଡାର ସତେଜତା ଜାଣିବା ପାଇଁ ଏହାକୁ ଭାଙ୍ଗି ମଧ୍ୟ ଦେଖାଯାଇପାରେ । ସତେଜ ଅଣ୍ଡାର କେଶର ସାଧାରଣତଃ ଗୋଲାକାର ଓ ଉଠିକି ରହିଥାଏ । ଏହାର ସଫେଦ ଅଂଶ ମଧ୍ୟ ଅପେକ୍ଷାକୃତ ଗାଢ଼ ହୋଇ କେଶର ଚାରିପାଖରେ ରହିଥାଏ । ଅଣ୍ଡା ପୁରୁଣା ହେବା ସହିତ ସଫେଦ ଅଂଶ ପତଳା ହୋଇ ଅଧିକ ଦୂରକୁ ବ୍ୟାପିପାରେ । କେଶର ମଧ୍ୟ ପୂର୍ବ ଭଳି ଦୃଢ଼ ରହିନଥାଏ । ଯଦି ଅଣ୍ଡା ଭାଙ୍ଗିବା ପରେ ଏଥିରୁ ଅସ୍ୱାଭାବିକ କିମ୍ବା ପଚା ଗନ୍ଧ ବାହାରେ, ତେବେ ଏହାକୁ ଖାଇବା ଉଚିତ ନୁହେଁ ।

# ରକ୍ତଚାପ ନିୟନ୍ତ୍ରଣ କରେ ବିଟ୍ ରସ

ଆଜିକାଲି ସମସ୍ତ ବୟସର ଲୋକଙ୍କ ମଧ୍ୟରେ ଉଚ୍ଚ ରକ୍ତଚାପ ସମସ୍ୟା ସାଧାରଣ ହେବାରେ ଲାଗିଛି । ରିପୋର୍ଟ ଅନୁଯାୟୀ ସାରା ବିଶ୍ୱରେ ୩୦ ରୁ ୭୯ ବର୍ଷ ବୟସର ପ୍ରାୟ ୧.୩ ବିଲିୟନ ଲୋକ ଉଚ୍ଚ ରକ୍ତଚାପରେ ପୀଡିତ ଏବଂ ସେମାନଙ୍କ ମଧ୍ୟରୁ ପ୍ରାୟ ଅଧା ଏହା ବିଷୟରେ ଅଜ୍ଞ । ଯେଉଁମାନେ ସଚେତନ ସେମାନଙ୍କ ପାଇଁ ମଧ୍ୟ ରକ୍ତଚାପ ନିୟନ୍ତ୍ରଣ କରିବା କଷ୍ଟକର । ଔଷଧ ସହିତ, ଉପଯୁକ୍ତ ଖାଦ୍ୟ ଏବଂ ଜୀବନଶୈଳୀରେ ପରିବର୍ତ୍ତନ ମଧ୍ୟ ଜରୁରୀ । ସୁସ୍ଥ ଖାଦ୍ୟପେୟ ରକ୍ତଚାପ ନିୟନ୍ତ୍ରଣ କରିବାରେ ଯଥେଷ୍ଟ ସାହାଯ୍ୟ କରିପାରେ । ଏକ ଅଧ୍ୟୟନରୁ ଜଣାପଡିଛି ଯେ ବିଟ୍ ରୁଟ୍ ରସ ପିଇବା ଦ୍ୱାରା ନାଇଟ୍ରିକ୍ ଅକ୍ସାଇଡ୍ ସ୍ତର ବୃଦ୍ଧି ପାଏ ରକ୍ତବାହୀ ନଳୀଗୁଡ଼ିକୁ ନମନୀୟ କରିଥାଏ ଏବଂ ରକ୍ତଚାପକୁ ନିୟନ୍ତ୍ରଣରେ ରଖେ । ପ୍ରକୃତରେ ବିଟ୍ ରୁଟ୍ ହୃଦୟ ପାଇଁ ବହୁତ ଭଲ ବୋଲି ବିବେଚନା କରାଯାଏ । ଯଦି ସଠିକ୍ ପରିମାଣରେ ଏବଂ ନିୟମିତ ଭାବରେ ସେବନ କରାଯାଏ ତେବେ ଏହା ରକ୍ତବାହୀ ନଳୀକୁ ଆରାମ ଦେଇପାରେ ଏବଂ ରକ୍ତ ସଞ୍ଚାଳନକୁ ଉନ୍ନତ କରିପାରେ । ଯାହା ଫଳରେ ରକ୍ତଚାପ ଧୀରେ ଧୀରେ ହ୍ରାସ ପାଏ । ବିଟ୍ ରୁଟ୍ ପୁଷ୍ଟିସାରରେ ଭରପୂର । ଏଥିରେ ଇଲେକ୍ଟ୍ରୋଲାଇଟ୍ସ, ଆଣ୍ଟିଅକ୍ସିଡାଣ୍ଟ ଏବଂ ଅନେକ ଯୌଗିକ ରହିଛି ଯାହା ହୃଦୟ ଏବଂ ରକ୍ତବାହୀ ନଳୀ ପାଇଁ ଲାଭଦାୟକ ବୋଲି କୁହାଯାଏ । ବିଟ୍ ରୁଟ୍ ରସରେ ଥିବା ନାଇଟ୍ରେଟ୍ ଶରୀରରେ ନାଇଟ୍ରିକ୍ ଅକ୍ସାଇଡରେ ପରିବର୍ତ୍ତିତ ହୁଏ । ଏହା ରକ୍ତବାହୀ ନଳୀକୁ ପ୍ରଶସ୍ତ କରିଥାଏ ଯାହା ଫଳରେ ରକ୍ତ ସହଜରେ ପ୍ରବାହିତ ହୁଏ ଏବଂ ଧମନୀ ଉପରେ ଚାପ ହ୍ରାସ କରିଥାଏ । ଏହି କାରଣରୁ ରକ୍ତଚାପ ହ୍ରାସ ପାଇବା ଆରମ୍ଭ କରେ ।



# ବିଭିନ୍ନ ସ୍ଥାନରେ 'ଓଡ଼ିଶା ବନ୍ଦ'ର ଆଂଶିକ ପ୍ରଭାବ



**କଲ୍ୟାଣସିଂହପୁର, ୮/୧୦ (ହୀ.ପ୍ର):** କଲ୍ୟାଣସିଂହପୁର ରାଜ୍ୟରେ ଇଣ୍ଡିଆ ଗଠ ବନ୍ଧନ ପକ୍ଷରୁ ଡାକରା ଦେଇଥିବା ବନ୍ଦ ଡାକରା କଲ୍ୟାଣସିଂହପୁର ବ୍ଲକରେ ସେତଟା ଦେଖିବାକୁ ମିଳିନି। ରାୟଗଡା ଜିଲ୍ଲାରେ କଂଗ୍ରେସର ଗଡ଼ ବଲୁଥିବାବେଳେ ଲୋକେ ସତ ପ୍ରଭୂତ ଭାବେ ସମର୍ଥନ କରୁନଥିବାରୁ ଦେଖିବାକୁ ମିଳିଛି। କିଛି ଲୋକଙ୍କ ଭୟରେ ସଦର ମହାକୁମା ଓ ଶିକର ପାଇଠାରେ ଦୋକାନ ବଜାର ବନ୍ଦ ରଖିଥିବା ବେଳେ ଗାଡି ମଟର ବନ୍ଦ ରହିଥିଲା। ଗ୍ରାମାଞ୍ଚଳରେ ଦୋକାନ ବଜାର ଖୋଲାରେ ବେପାର ବଣିଜ ଚାଲୁଥିବା ବେଳେ ଯାନ ବାହାନ ଚାଲୁଥିବା ଦେଖିବାକୁ ମିଳିଥିଲା। କଲ୍ୟାଣସିଂହପୁର ଓ ଶିକର ପାଇ ସଦରର ମୁଖ୍ୟ ଛକ ଠାରେ କଂଗ୍ରେସ କର୍ମୀ ରାସ୍ତା ଅବରୋଧ କରି ପିକେଟିଙ୍ଗ କରିଥିବା ବେଳେ ଅନ୍ୟ କୌଣସି ସ୍ଥାନରେ ପିକେଟିଙ୍ଗ ଦେଖିବାକୁ ମିଳିନଥିଲା। ରାଜ୍ୟରେ ଏମେମଡି ଆକ୍ଟ, ପାଠ୍ୟ ପୁସ୍ତକରେ ଭୁଲ,ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଇସ୍ତଫା ଓ ରାଜ୍ୟର ଗଣ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଏହି ବନ୍ଦ ଡାକରା ଦେଇଥିଲେ ଇଣ୍ଡିଆ ମେଣ୍ଟ। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ସିଏଚ ନାଗେଶ୍ୱର ରାଓ, ଏମପି ପ୍ରତିନିଧି କୁମାରସ୍ୱାମୀ କୌଶଲ୍ୟାଙ୍କ ସମତେ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

**କଟକ, ୮/୧୦ (ହୀ.ପ୍ର):** ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଆଯାଇଥିବା ୧୨ଘଣ୍ଟିଆ ବନ୍ଦ ଡାକର ପ୍ରଭାବ କଟକ ଜିଲ୍ଲାର ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳରେ ଦେଖିବାକୁ ମିଳିଛି। ବନ୍ଦ ପାଳନ ଯୋଗୁଁ ଅଞ୍ଚଳର ବିଭିନ୍ନ ବଜାରରେ ଦୋକାନପାଟ ବନ୍ଦ ରହିଥିବା ବେଳେ ଜନଜୀବନ ମଧ୍ୟ ପ୍ରଭାବିତ ହୋଇଥିଲା। ଶତାଧିକ ଆନ୍ଦୋଳନକାରୀଙ୍କୁ ପୁଲିସ ଗିରଫ କରିଥିଲା। ଗିରଫଦାରୀ ପରେ ଜାତୀୟ ରାଜପଥରେ ଅଟକି ରହିଥିବା ଯାନବାହନଗୁଡ଼ିକର ଚଳାଚଳ ପୁଣି ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷରେ, ବନ୍ଦକୁ ସମର୍ଥନ କରି ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର ବିଭିନ୍ନ ସ୍ଥାନରେ ବ୍ୟବସାୟୀମାନେ



ବନ୍ଦ ସମର୍ଥକମାନେ ମଙ୍ଗୁଳି ଛକ ନିକଟରେ ରାସ୍ତା ଅବରୋଧ କରିବାରୁ ୧୬ ନମ୍ବର ଜାତୀୟ ରାଜପଥରେ କିଛି ସମୟ ପାଇଁ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଫଳରେ ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ମଙ୍ଗୁଳି ଛକରେ ବନ୍ଦ ପାଳନ କରୁଥିବା ଆନ୍ଦୋଳନକାରୀମାନେ ରାସ୍ତା ଉପରେ ବସି ପ୍ରତିବାଦ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଟାଙ୍ଗୀ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ରାସ୍ତା ଅବରୋଧ କରି ବନ୍ଦ ପାଳନ କରୁଥିବା ଦୋକାନ ବନ୍ଦ ରଖିଥିଲେ। ଫଳରେ ସାଧାରଣ ବ୍ୟବସାୟିକ କାରବାର ପ୍ରଭାବିତ ହୋଇଥିଲା। ମଙ୍ଗୁଳି ଛକ ଭଳି ଗୁରୁତ୍ୱପୂର୍ଣ୍ଣ ଯାତାୟାତ ସ୍ଥାନରେ ପୁଲିସ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଥିଲା। ପୁଲିସର ହସ୍ତକ୍ଷେପ ଏବଂ ଆନ୍ଦୋଳନକାରୀଙ୍କ ଗିରଫ ପରେ ମଙ୍ଗୁଳି ଛକ ଦେଇ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ବନ୍ଦ ପାଳନକୁ ନେଇ ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳରେ ଦିନତମାମ ରାଜନୈତିକ ଚର୍ଚ୍ଚା ଜାରି ରହିଥିଲା।

**ସମ୍ବଲପୁର, ୮/୧୦ (ହୀ.ପ୍ର):** କଂଗ୍ରେସ ଦଳ ଓ ଇଣ୍ଡିଆ ମେଣ୍ଟ ପକ୍ଷରୁ ଗୁରୁବାର ଡାକରା ଦିଆଯାଇଥିବା ଓଡ଼ିଶା ବନ୍ଦର ଆଂଶିକ ପ୍ରଭାବ ସମ୍ବଲପୁର ସହରରେ ଦେଖିବାକୁ ମିଳିଛି। ଏମଏମଡିଆର ଆକ୍ଟ ପ୍ରତ୍ୟାହାର ଏବଂ ଭୋଟ୍ ଚୋରି ଅଭିଯୋଗରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି କଂଗ୍ରେସ କର୍ମୀମାନେ ରାଜରାସ୍ତାକୁ ଓହ୍ଲାଇଥିଲେ। ସକାଳ ସମୟରେ ଆନ୍ଦୋଳନକାରୀମାନେ ସମ୍ବଲପୁର ରେଳ ଷ୍ଟେସନରେ ପହଞ୍ଚି ସମ୍ବଲପୁର-ପୁରୀ ଓ ସମ୍ବଲପୁର-ରାୟଗଡ଼ା ଇଣ୍ଟରସିଟି ଟ୍ରେନ ଅଟକାଇବାକୁ ଚେଷ୍ଟା କରିଥିଲେ। ବ୍ୟାରିକେଡ୍ ଲଗାଇ ପୋଲିସ ସେମାନଙ୍କୁ ଅଟକାଇ ଦେଇଥିଲା। ତେବେ କେତେଜଣ କର୍ମୀ ଷ୍ଟେସନ୍ ପରିସରକୁ ଯାଇ ରେଳ ଧାରଣାରେ ଶୋଇ ପ୍ରତିବାଦ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଷ୍ଟେସନ ପରିସରରୁ ଉଠାଇ ନେଇଥିଲା। ଫଳରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ରହିଥିଲା। ଅପରପକ୍ଷରେ ସହରର ଲକ୍ଷ୍ମୀ ଟକିଜ୍, ଅଇଁଠାପାଲି, ବୁଢ଼ାରଜା ଓ ଧନୁପାଲି ଭଳି ପ୍ରମୁଖ ଛକଗୁଡ଼ିକରେ କଂଗ୍ରେସ କର୍ମୀମାନେ ରାସ୍ତାରୋକ କରିବା ସହ ଦୋକାନ ବଜାର ବନ୍ଦ କରାଇଥିଲେ। ମୁଖ୍ୟ ରାସ୍ତାରେ ବସ୍, କାର୍ ଓ ଅଟୋ ଚଳାଚଳ ପ୍ରଭାବିତ ହୋଇଥିବା ବେଳେ ଦୁଇଚକିଆ ଯାନ ଏବଂ ଗଳିକନ୍ଦି ରାସ୍ତାରେ ଯାତାୟତ ସ୍ୱାଭାବିକ ରହିଥିଲା। ଆମ୍ବୁଲାନ୍ସ ସମେତ ଜରୁରୀକାଳୀନ ସେବାକୁ ବନ୍ଦରୁ ମୁକ୍ତ ରଖାଯାଇଥିଲା। ବିଭିନ୍ନ ଛକରେ ଗାଡ଼ି ଅଟକା ଯିବାରୁ ଜରୁରୀ କାମରେ ଯାଉଥିବା ସାଧାରଣ ଲୋକେ ଓ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ଫସି ରହି ନାହିଁ ନଥିବା ହଇରାଣ ହୋଇଥିବା ଅଭିଯୋଗ କରିଛନ୍ତି।





**ମୁନିଗୁଡା, ୮/୧୦ (ହୀ.ପ୍ର):** ବିରୋଧୀ ମେଣ୍ଟ ଇଣ୍ଡିଆ ପକ୍ଷରୁ ଡାକରା ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦର ବ୍ୟାପକ ପ୍ରଭାବ ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକରେ ଦେଖିବାକୁ ମିଳିଛି। ବନ୍ଦକୁ ସମର୍ଥନ ଜଣାଇ ମୁନିଗୁଡା ଓ ଅମ୍ବାଦଳାର ବଣିକ ସଂଘ ସ୍ୱତଃପ୍ରବୃତ୍ତ ଭାବେ ନିଜ ନିଜ ଦୋକାନ ବଜାର ବନ୍ଦ ରଖିଥିଲେ। ମୁନିଗୁଡା ମୁନିଖୋଲ ଛକ, ଭୈରବଗଡ ଛକ ଏବଂ ଅମ୍ବାଦଳା ମୁଖ୍ୟ ବଜାର ଛକ, ଶାନ୍ତି ଛକ ନିକଟରେ କଂଗ୍ରେସ କର୍ମୀମାନେ ବ୍ୟାରିକେଡ ଲଗାଇ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରିଥିଲେ। କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା। ଖଣି ଆଇନ ପ୍ରତ୍ୟାହାର, ପାଠ୍ୟପୁସ୍ତକରେ ତ୍ରୁଟି ଏବଂ ଭୋଟର ତାଲିକାର ଏସଆଇଆରକୁ ବିରୋଧ କରି ଏହି ବନ୍ଦ ଡାକରା ଦିଆଯାଇଥିଲା। ଏହି ପ୍ରତିବାଦରେ ମୁନିଗୁଡା ବ୍ଲକ କଂଗ୍ରେସ ସଭାପତି ନୀଳାମ୍ବର ବିଭାରଙ୍କ ନେତୃତ୍ୱରେ ବିଷମକଟକ ବିଧାୟକ ନୀଳମାଧବ ହିକକା, ସାଂସଦ ପ୍ରତିନିଧି ରଜନୀକାନ୍ତ ପଡାଲ, ବିଧାୟକ ପ୍ରତିନିଧି ମାନସ ବେହେରା, ରାମପ୍ରକାଶ କରକରିଆ, ପଞ୍ଚାନନ କରକରିଆ, ଗରିବ ଟାକ୍ରି, ବାଦଲ ବେହେରା, ପ୍ରସାଦ ମହାଙ୍କୁଡ ଓ ମହିଳା ନେତ୍ରୀ ପ୍ରିୟଙ୍କା ବାଗ ପ୍ରମୁଖ ଉପସ୍ଥିତ ଥିଲେ। ବନ୍ଦ ଯୋଗୁଁ ଗାଡି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ, ସ୍କୁଲ-କଲେଜ ଓ ଜରୁରୀ କାମରେ ଯାଉଥିବା ଲୋକେ ଅଟକି ରହିଥିଲେ। ଦୈନନ୍ଦିନ ମଜୁରୀ ଉପରେ ନିର୍ଭର କରୁଥିବା ଶ୍ରମିକ ଶ୍ରେଣୀ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁନିଗୁଡା ଥାନା ଆଇଆଇସି ଲଳିତ କିଶୋର ସାଗର ଓ ଅମ୍ବାଦଳା ଥାନା ଆଇଆଇସି ପ୍ରଶାନ୍ତ କୁମାର ସେଠୀ ନିଜନିଜ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ମୁତୟନ କରି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। କୌଣସି ସ୍ଥାନରୁ ଅପ୍ରୀତିକର ଘଟଣା ଘଟିନଥିବା ଉଭୟ ଅଧିକାରୀ ପ୍ରକାଶ କରିଛନ୍ତି।

**ଚମ୍ପୁଆ, ୮/୧୦ (ହୀ.ପ୍ର):** ଚମ୍ପୁଆ ଉପଖଣ୍ଡରେ ଇଣ୍ଡି ମେଣ୍ଟ ତରଫରୁ ୧୨ଘଣ୍ଟିଆବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଥିଲା।।ଖଣିଜ ସମ୍ପଦ, ଜନସ୍ୱାର୍ଥ ଓ ରାଜ୍ୟର ସମ୍ପଦ ସୁରକ୍ଷା ପ୍ରସଙ୍ଗକୁ ନେଇ କଂଗ୍ରେସ ଓ କମ୍ୟୁନିଷ୍ଟ କର୍ମୀମାନେ ରାସ୍ତାକୁ ଓହ୍ଲାଇଥିଲେ। ବନ୍ଦକୁ ସମର୍ଥନ କରି ବିଭିନ୍ନ ସ୍ଥାନରେ ପ୍ରତିବାଦ ଓ ନାରାବାଜି କରାଯାଇଥିଲା। ଆନ୍ଦୋଳନ କାରୀଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟର ପ୍ରାକୃତିକ ସମ୍ପଦ ଉପରେ ଲୋକଙ୍କ ଅଧିକାର ଓ ସ୍ୱାର୍ଥ ସୁନିଶ୍ଚିତ ହେବା ଆବଶ୍ୟକ। ବିଶେଷକରି MMDR ସଂଶୋଧନ ଆଇନକୁ ନେଇ ଦଳ ପକ୍ଷରୁ ପ୍ରଶ୍ନ ଉଠାଯାଇଛି। ଏହାସହ ପାଠ୍ୟ ପୁସ୍ତକରେ ତୃଟି, ଭୋଟ ଚୋରୀ , SIR କୁ ନେଇ ଆନ୍ଦୋଳନ କାରୀ ମାନେ ବନ୍ଦ ପାଳନକୁ ବ୍ୟାପକ କରିଛନ୍ତି । ଚମ୍ପୁଆରେ ଆନ୍ଦୋଳନ ଆରମ୍ଭ ହେବା ପରେ ରାସ୍ତାଘାଟରେ କଂଗ୍ରେସ ସିପିଆଇ କର୍ମୀଙ୍କ ଉପସ୍ଥିତି ବଢ଼ିଛି। ବନ୍ଦ ଯୋଗୁଁ ସ୍କୁଲ କଲେଜ, ବ୍ୟାଙ୍କ,ବସ ସେବା,ଦୋକାନ ବଜାର ବନ୍ଦ ଥିବାବେଳେ ବିଭିନ୍ନ କାର୍ଯ୍ୟାଳୟରେ ସେବା ସଂପୂର୍ଣ୍ଣ ବନ୍ଦ ରହିଛି ।କେବଳ ଜରୁରୀ ସେବା ଚାଲୁ ରହିଥିବା ଦେଖାଦେଇଥିଲା।ଏହି ବନ୍ଦ ପୂର୍ବତନ ସାଂସଦ ତଥା କଂଗ୍ରେସ ରାଜ୍ୟ ଆଦିବାସୀ ମୁର୍ଚ୍ଚା ସଭାପତି, କମ୍ୟୁନିଷ୍ଟ କେନ୍ଦୁଝର ଜିଲ୍ଲା ସଂପାଦକ ବିଦ୍ୟାଧର ମହାନ୍ତଙ୍କ ନେତୃତ୍ୱରେ ହୋଇଥିବାବେଳେ ଚମ୍ପୁଆ ଅଞ୍ଚଳର କଂଗ୍ରେସ ନେତା ଗୁରୁ ବକ୍ସ ସିଂ ୱାଲ ବେଲି ଆ,ସୁଶିଲ ଗିରି ତଥା ଅନେକ କଂଗ୍ରେସ ଓ କମ୍ୟୁନିଷ୍ଟ ସମର୍ଥୀତ କର୍ମୀ ଭାଗ ନେଇଥିଲେ। ଶାନ୍ତିଶୃଙ୍ଖଳା ଭାବରେ ଏହି ବନ୍ଦ ଆନ୍ଦୋଳନ ହୋଇଥିବା ଦେଖାଦେଇଥିଲା ।



**କୋକସରା, ୮/୧୦ (ହୀ.ପ୍ର):** ମୁଖ୍ୟ ନିର୍ବାଚନ କମିଶନଙ୍କ ଇସ୍ତଫା, ଖଣି ଓ ଖଣିଜ ଆଇନ ସଂଶୋଧନ, ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଆଦି ଦାବି ନେଇ ଗୁରୁବାର ଇଣ୍ଡିଆ ମେଣ୍ଟର ଆହ୍ୱାନକ୍ରମେ ଓଡ଼ିଶାରେ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ କଂଗ୍ରେସ ପକ୍ଷରୁ ଓଡ଼ିଶାରେ ବନ୍ଦ ପାଳନ କରାଯାଇଛି। ଏହି କ୍ରମରେ କଳାହାଣ୍ଡି ଭଳି ଜରୁରୀକାଳୀନ ସେବାକୁ ବନ୍ଦରୁ ବାଦ ଦିଆଯାଇଥିଲା। ବିଭିନ୍ନ ଦଳ ଜନ ସାଧାରଣଙ୍କ ସହଯୋଗକ୍ରମେ କୋକସରାରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ସଫଳ ହୋଇଥିଲା। ଏହି ବନ୍ଦ ପାଳନରେ ବ୍ଲକ ସଭାପତିଙ୍କ ସମେତ ମହିଳା ନେତ୍ରୀ ଫୁଲତୋଲା ଖମାରୀ, ବ୍ଲକ କଂଗ୍ରେସ କମିଟି ଉପ ସଭାପତି ଟିକିଚନ୍ଦ୍ର ଧମାଝୀ, ସମ୍ପାଦକ ଅଭି ପଟ୍ଟନାୟକ, ରାଜୀବଗାନ୍ଧୀ ସଂଗଠନର ସଭାପତି ଅରୁଣ ମାଝୀ, ଦ୍ରୋଣ ନାଏକ,



ଜିଲ୍ଲା କୋକସରା ବ୍ଲକ କଂଗ୍ରେସ କମିଟି ସଭାପତି ଲକ୍ଷ୍ମଣ ଶବରଙ୍କ ନେତୃତ୍ୱରେ କୋକସରା ଥାନା ସମ୍ମୁଖରେ ସକାଳ ୬ଟା ସମୟରୁ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରି ଶାନ୍ତପୂର୍ଣ୍ଣ ଆନ୍ଦୋଳନ କରିଛନ୍ତି। ଦଳୀୟ କର୍ମୀମାନେ ପିକେଟିଂ କରିବା ସହ ସରକାରୀ, ବେସରକାରୀ ଅଫିସ୍ ବନ୍ଦ କରିଥିଲେ। ବନ୍ଦ ପ୍ରଭାବରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନ ବାହାନ ଅଟକି ରହିଥିଲା, ଆମ୍ବୁଲାନ୍ସ, ସ୍ୱାସ୍ଥ୍ୟ ସେବା ଗୋକୁଳ ବାରିକ, ଆମପାଣି ଜୋନ ସଭାପତି ନୃପରାଜ ନାଏକ, ସମ୍ପାଦକ ଲକ୍ଷ୍ମଣ ବାଗ, ଅଜୟ କୁମାର ପଣ୍ଡା, ଭୁଷଣ ମହାନନ୍ଦ, ପରାଶର ବେମାଲ, ବନମାଳୀ ପାଣିଗ୍ରାହୀ, ଗୀତାଞ୍ଜଳି ଗୋପାଳ, ସବିତା ଗୋପାଳ, ଶୈଳେନ୍ଦ୍ରି ଗୋପାଳ, ଦୀପସୁନ୍ଦର ଶବର, ବିଦ୍ୟାଧର ଶବର, ନିମାଇ ଚାରଣ ଧ.ମାଝୀ, ରୁକଧର ପୋଡ଼, ପରମେ ଶଗଡିଆ ପ୍ରମୁଖ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ।

**ନୟାଗଡ଼, ୮/୧୦ (ହୀ.ପ୍ର):** ଦେଶର ଗଣତନ୍ତ୍ର ସମ୍ବିଧାନ ବଞ୍ଚାଇବା ପାଇଁ ଏବଂ ନିର୍ବାଚନ କମିଶନ ଜ୍ଞାନେଶ କୁମାର ବରଖାସ୍ତ ଦାବୀରେ ଇଣ୍ଡିଆ ମେଣ୍ଟ ଅଂଶୀଦାର ଦଳସମୂହ ଆହ୍ୱାନ କ୍ରମେ ଓଡିଶା ବନ୍ଦ ପରିପ୍ରେକ୍ଷୀରେ ନୟାଗଡ଼ ଜିଲ୍ଲାର ଅଗଣିତ ଜନସାଧାରଣ, ଜିଲ୍ଲା ଓକିଲ ସଙ୍ଘ ସମେତ ଜିଲ୍ଲାର ପ୍ରମୁଖ ଗଣସଂଗଠନ,ବ୍ୟାଙ୍କ ଇନ୍ସୁରାନ୍ସ ପୋଷ୍ଟାଲ କର୍ମଚାରୀ ସଙ୍ଘ,ଘରୋଇ ବସ,ମଟର ପରିବହନ, ଟ୍ୟାକ୍ସି ଅଟୋ ମାଲିକ କର୍ମଚାରୀ ସଙ୍ଘ,ସର୍ବୋପରି ବଣିକ ସଙ୍ଘ କାର୍ଯ୍ୟକର୍ତ୍ତା ସଦସ୍ୟମାନଙ୍କ ମିଳିତ ସମର୍ଥନ ଏବଂ ସହଯୋଗରେ ନୟାଗଡ଼ ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଥିବା ଜିଲ୍ଲା କଂଗ୍ରେସ ସଭାପତି ବରିଷ୍ଠ ଆଇନଜୀବୀ ଶ୍ରୀ ରଣଜିତ ଦାଶ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ବନ୍ଦ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଥିଲା। ସମସ୍ତ ବ୍ୟାଙ୍କ,ଇନ୍ସୁରାନ୍ସ,ଫାଇନାନ୍ସ ପୋଷ୍ଟାଲ,ଟାଟାପାୱାର ବ୍ୟବସାୟିକ ଅନୁଷ୍ଠାନ ବନ୍ଦ ରହିଥିଲା । ଜରୁରୀ ସେବା ଆମ୍ବୁଲାନ୍ସ, ସ୍କୁଲପିଲା ମାନଙ୍କ ଗାଡି ବନ୍ଦରୁ ବାଦ ପଡିଥିଲା। ଆଜିର ବନ୍ଦ କାର୍ଯ୍ୟକ୍ରମରେ ଡିସିସି ସଭାପତି ଶ୍ରୀ ରଣଜିତ ଦାଶ,ପିସିସି ସମ୍ପାଦିକା ସିମଳାରାଣୀ ପତ୍ରା, ବରିଷ୍ଠ ସିପିଆଇଏମ ନେତା ବିଶ୍ୱନାଥ ମହାପାତ୍ର, ବରିଷ୍ଠ ନେତା ହୁସେନ ଖାଁ, ଡିସିସି ଉପସଭାପତି ଫକୀର ଚରଣ ମଲ୍ଲ, ଡିସିସି ସାଧାରଣ ସମ୍ପାଦକ ଯୁବ ଆଇନଜୀବୀ ପୀତବାସ ଖୁଣ୍ଟିଆ, କୂଳେଶ ଚନ୍ଦ୍ର ମହାନ୍ତି, ଡିସିସି କିସାନ ସେଲ ସଭାପତି ଲଡୁକେଶ୍ୱର ଷଡ଼ଙ୍ଗୀ, ନୟାଗଡ଼ ବ୍ଲକ ସଭାପତି ହାସୀମ ଖାଁ, ନୂଆଗାଁ ବ୍ଲକ ସଭାପତି ଅଶୋକ ନାୟକ, ଡିସିସି ଅନୁସୂଚିତ ଜାତି ସଭାପତି ଜିତେନ୍ଦ୍ର ଦଳେଇ,ଜିଲ୍ଲା ଛାତ୍ରକଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ଓମପ୍ରକାଶ ପ୍ରଧାନ, ସିପିଏମ୍ଏଲର ଗୋପିନାଥ ଜେନା, ସିପିଆଇଏମ୍‌ର ପବିତ୍ର ଇନ୍ଦ୍ରଜିତ,ସିପିଆଇର ଭୁବନାନନ୍ଦ ହାତୀ ପ୍ରମୁଖ ଶତାଧିକ ସତ୍ୟାଗ୍ରହୀମାନେ ବନ୍ଦ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମଗ୍ର ଜିଲ୍ଲା ବ୍ୟାପି ବନ୍ଦ ପ୍ରଭାବ ରହିଥିଲା।




**ଗୋଲାମୁଣ୍ଡା, ୮/୧୦ (ହୀ.ପ୍ର):** ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକର ପ୍ରଭାବ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକରେ ଅନୁଭୂତ ହୋଇଛି। ବନ୍ଦକୁ ସମର୍ଥନକରି ଗୋଲାମୁଣ୍ଡା ବ୍ଲକ କଂଗ୍ରେସ ପକ୍ଷରୁ ଧର୍ମଗଡ଼-ସିନାପାଲି ବିଜୁ ଏକ୍ସପ୍ରେସ୍‌ୱେରେ ଗୋଲାମୁଣ୍ଡା ବାଇପାସ୍ ନିକଟରେ ରାସ୍ତାରୋକ କରାଯାଇଥିଲା। କଂଗ୍ରେସ କର୍ମୀମାନେ ରାସ୍ତା ଉପରେ ବସି ବନ୍ଦ ସମର୍ଥନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାସ୍ତାରୋକ ଯୋଗୁଁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ରୁଟ୍‌ରେ ଯାନବାହାନ ଚଳାଚଳ ପ୍ରଭାବିତ ହୋଇଥିଲା। ବିଶେଷକରି ବିଜୁ ଏକ୍ସପ୍ରେସ୍‌ୱେରେ ଭାରୀଯାନ ଚଳାଚଳ ବାଧାପ୍ରାପ୍ତ ହେବା ସହ ବିଭିନ୍ନ ସ୍ଥାନରେ ଅନେକ ଟ୍ରକ୍ ଓ ଅନ୍ୟାନ୍ୟ ଭାରୀଯାନ ଅଟକି ରହିଥିବା ଦେଖାଯାଇଥିଲା। ଏହାର ପ୍ରଭାବରେ ଯାତ୍ରୀ ଓ ଅନ୍ୟାନ୍ୟ ଯାନବାହାନ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଥିଲା। ଏହାସହ ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଥିଲା। ଅନେକ ଦୋକାନବଜାର ବନ୍ଦ ରହିଥିବା ବେଳେ କେତେକ ସରକାରୀ ଓ ବେସରକାରୀ ଅନୁଷ୍ଠାନର କାର୍ଯ୍ୟକଳାପ ମଧ୍ୟ ପ୍ରଭାବିତ ହୋଇଥିଲା। ସାଧାରଣ ଯାତାୟାତ କମିଯିବାରୁ ଅଞ୍ଚଳରେ ଦୈନନ୍ଦିନ ଜନଜୀବନ ଉପରେ ବନ୍ଦର ପ୍ରଭାବ ପଡ଼ିଥିବା ଦେଖାଯାଇଥିଲା। ଆୟୋଜକଙ୍କ କହିବା ଅନୁଯାୟୀ, ଚାରିଟି ପ୍ରମୁଖ ପ୍ରସଙ୍ଗକୁ ନେଇ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ସେଥିମଧ୍ୟରେ ଏମ୍‌ଏମ୍‌ଡିଆର ଆଇନ ସମ୍ପର୍କିତ ପ୍ରସଙ୍ଗ, ପାଠ୍ୟପୁସ୍ତକରେ ତ୍ରୁଟି ଅଭିଯୋଗକୁ ନେଇ ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି, ଏସ୍‌ଆଇଆର ପ୍ରସଙ୍ଗକୁ ନେଇ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ ଦାବି ଏବଂ ବନ୍ୟାରେ ଚାଷୀଙ୍କ ବ୍ୟାପକ ଫସଲ କ୍ଷୟକ୍ଷତି ପାଇଁ ଇନ୍‌ପୁଟ୍ ସବସିଡି ଓ ସରକାରୀ ସହାୟତା ପ୍ରଦାନ ଦାବି ରହିଥିବା ଆୟୋଜକମାନେ କହିଛନ୍ତି। ଏହି ଦାବିଗୁଡ଼ିକ ନେଇ ବନ୍ଦ ସମର୍ଥକମାନେ ବିଭିନ୍ନ ସ୍ଥାନରେ ବିକ୍ଷୋଭ ଓ ପ୍ରତିବାଦ କରିଥିଲେ। ଗୋଲାମୁଣ୍ଡାରେ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳିଥିଲା । ବନ୍ଦ ସମୟରେ ଜରୁରୀ ସେବା ଓ ଆମ୍ବୁଲାନ୍ସ ଚଳାଚଳକୁ ସ୍ୱାଭାବିକ ରଖିବା ସହ ଆବଶ୍ୟକୀୟ ଯାତାୟାତରେ ଯେପରି ଅଧିକ ସମସ୍ୟା ନହୁଏ, ସେଥିପାଇଁ ପ୍ରଶାସନ ଓ ପୁଲିସ ପକ୍ଷରୁ ନଜର ରଖାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତି ଯେପରି ଅବନତି ନହୁଏ, ସେଥିପାଇଁ ମଧ୍ୟ ସୁରକ୍ଷା ବ୍ୟବସ୍ଥା ରହିଥିଲା। ସାମଗ୍ରିକ ଭାବେ, ଓଡ଼ିଶା ବନ୍ଦ ଯୋଗୁଁ ଗୋଲାମୁଣ୍ଡା ବ୍ଲକରେ ଯାନବାହାନ ଚଳାଚଳ, ଦୋକାନବଜାର ଓ ସାଧାରଣ ଜନଜୀବନ ଉପରେ ପ୍ରଭାବ ପଡ଼ିଥିବା ବେଳେ ବିଜୁ ଏକ୍ସପ୍ରେସ୍‌ୱେରେ କଂଗ୍ରେସର ରାସ୍ତାରୋକ ଏହି ବନ୍ଦର ପ୍ରମୁଖ ଦୃଶ୍ୟ ହୋଇଥିଲା।



**ଗୁଣପୁର ୮/୧୦(ହୀ ପ୍ର) :** ଇଣ୍ଡିଆ ମେଣ୍ଟ ଦ୍ୱାରା ଗୁରୁବାର ଦିନ ଡକାଯାଇଥିବା ବନ୍ଦ ଡାକରାରେ ଗୁଣପୁର ସମେତ ରାୟଗଡା ଜିଲ୍ଲାରେ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି । ଚାରୋଟି ମୁଖ୍ଯ ପ୍ରସଙ୍ଗ ନେଇ ଇଣ୍ଡିଆ ମେଣ୍ଟ ତରଫରୁ ସମଗ୍ର ଓଡିଶା ବନ୍ଦ ପାଳନ ହୋଇଥିବା ବେଳେ ଏହାର ପ୍ରଭାବ ଗୁଣପୁରରେ ସଫଳତାର ସହ ଶାନ୍ତି ଶୃଙ୍ଖଳାରେ ସମ୍ପନ ହୋଇଛି। ରାୟଗଡା ଜିଲ୍ଲାର ଗୁଣପୁର ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିବା ସହ ଯାନବାହନ ଚଳାଚଳ ମଧ୍ଯ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ଦେଖିବାକୁ ମିଳିଛି। ସହରର ବିକ୍ରମପୁର ଛକ ,ପୁରୁଣା ଗୁଣପୁର ଛକରେ ମଧ୍ଯ ରାସ୍ତା ଅବରୋଧ କରାଯାଇଥିଲା। କର୍ମୀମାନେ ପିକେଟିଂ କରି ବନ୍ଦରେ ସାମିଲ ହେବା ସହଯୋଗ କରିବାକୁ ସହରବାସୀଙ୍କୁ ନିବେଦନ କରୁଥିଲେ। ଦାବି ଗୁଡିକ ମଧରେ ବିଶେଷକରି ଏମଏମଡିଆର ଆଇନର ପ୍ରତ୍ଯାହାର, ମୁଖ୍ୟ ନିର୍ବାଚନ କମିଶନଙ୍କ ଇସ୍ତଫା, ବନ୍ଯା ପ୍ରପିଡିତଙ୍କୁ ସହାୟତା ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ଯାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରି ଏହି ବନ୍ଦ ଡାକରା ଦିଆଯାଇଥିଲା। ଗଣତାନ୍ତ୍ରିକ ଅଧିକାରକୁ ଦୁର୍ବଳ କରିବାର ପ୍ରୟାସ ଏବଂ ଓଡ଼ିଶାର ସମ୍ପଦର ଶୋଷଣ ବିରୋଧରେ ଏହି ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଥିବା ନେଇ ନେତାମାନେ ମତବ୍ୟକ୍ତ କରିଥିଲେ। ଓଡ଼ିଶା ବନ୍ଦକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ଏସଡିପିଓ ବାବୁଲି ନାୟକ ଏବଂ ଆଇଆଇସି କେକେବିକେ କହଁର ଆଇନ ଶୃଙ୍ଖଳା ପରିସ୍ଥିତି ତଦାରଖ କରିଥିଲେ।

**ଚିପିଲିମା, ୮/୧୦ (ହୀ.ପ୍ର):** ବିଭିନ୍ନ ଦାବିକୁ ନେଇ ଇଣ୍ଡିଆ ମେଣ୍ଟ ନେତୃତ୍ୱରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆଜି ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦର ପ୍ରଭାବ ସମ୍ବଲପୁର ଜିଲ୍ଲାର ବୁର୍ଲା ଥାନା ଅଧୀନ ଗୋଶାଳା ଛକ, ବୁର୍ଲା ଓ ଚିପିଲିମା ଅଞ୍ଚଳରେ ପରିଲକ୍ଷିତ ହୋଇଛି। ବନ୍ଦ ପାଳନ ଅବସରରେ କଂଗ୍ରେସ କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ଦୋକାନବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ଶିକ୍ଷାନୁଷ୍ଠାନ ବନ୍ଦ କରିଥିଲେ। ବୁର୍ଲା ଓ ଚିପିଲିମା ଗୋଶାଳା ଅଞ୍ଚଳରେ ଅଧିକାଂଶ ଦୋକାନବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ସମସ୍ତ ବସ୍ ସେବା ବନ୍ଦ ରହିଥିଲା। ଫଳରେ ଯାତ୍ରୀମାନେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ ଏବଂ ଜନଜୀବନ ବାଧାପ୍ରାପ୍ତ ହୋଇଥିଲା। ପ୍ରଥମେ, ନିର୍ବାଚନୀ ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ ପ୍ରକ୍ରିୟାରେ କଥିତ ଅନିୟମିତତାକୁ ନେଇ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରାଯାଇଛି। ଦ୍ୱିତୀୟରେ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ଥିବା ତ୍ରୁଟିକୁ ନେଇ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ତୃତୀୟରେ, ଖଣି ଓ ଖଣିଜ ବିକାଶ ଏବଂ ନିୟନ୍ତ୍ରଣ ସଂଶୋଧନ ଆଇନ, ୨୦୨୬ ପ୍ରତ୍ୟାହାର ଦାବି ରହିଛି। ଚତୁର୍ଥରେ, ବନ୍ୟା ପ୍ରଭାବିତ ପରିବାରଙ୍କୁ ତୁରନ୍ତ ଆର୍ଥିକ ସହାୟତା, ରିଲିଫ୍ ସାମଗ୍ରୀ ଯୋଗାଣ ଓ ବ୍ୟାପକ ପୁନର୍ବାସ ପାଇଁ ଦାବି କରାଯାଇଛି। ଅନ୍ୟପକ୍ଷରେ ଧନକୌଡ଼ା ବ୍ଲକର କଳମାଟି ଆଦର୍ଶ ବିଦ୍ୟାଳୟରେ ଅର୍ଦ୍ଧବାର୍ଷିକ ପରୀକ୍ଷା ଚାଲିଥିବା ସମୟରେ ବନ୍ଦର ପ୍ରଭାବ ପଡ଼ିଥିଲା। ପରୀକ୍ଷା ଦେବା ପାଇଁ ଛାତ୍ରଛାତ୍ରୀମାନେ ବହୁ ହଇରାଣ ହୋଇ ବିଦ୍ୟାଳୟରେ ପହଞ୍ଚିଥିଲେ। ତେବେ ପିକେଟିଂ ଯୋଗୁଁ ଛାତ୍ରଛାତ୍ରୀଙ୍କୁ ଅଧିକ ଅସୁବିଧା ଭୋଗିବାକୁ ପଡ଼ିଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପିଲାଙ୍କ ପାଠପଢ଼ା ଓ ପରୀକ୍ଷାକୁ ରାଜନୈତିକ ବନ୍ଦର ପରିସରରୁ ଦୂରରେ ରଖାଯିବା ଉଚିତ ବୋଲି ସଚେତନ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ ବୁର୍ଲା, ଚିପିଲିମା ଓ ଗୋଶାଳା ଅଞ୍ଚଳରେ ବନ୍ଦ ପାଳନ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ ହୋଇଥିବା ବେଳେ କେତେକ ବର୍ଗରୁ ବନ୍ଦକୁ ପ୍ରତ୍ୟକ୍ଷ ସମର୍ଥନ ମିଳିଥିଲା।



## ଆତ୍ମହତ୍ୟା ଉଦ୍ୟମ ବେଳେ ଯୁବତୀଙ୍କୁ ଉଦ୍ଧାର କଲା ପୋଲିସ

**ସମ୍ବଲପୁର,୮/୧୦(ହୀପ୍ର):** ଦିନ ଗୋଟାଏ ବେଳେ ସମ୍ବଲପୁର କଚେରୀ ରୋଡ ସ୍ଥିତ ଚଉଁରପୁର ବ୍ରିଜରୁ ଜଣେ ଯୁବତୀ ଆତ୍ମହତ୍ୟା କରିବାକୁ ଚେଷ୍ଟା କରୁଥିବା ବେଳେ ଟାଉନ ଥାନା ଅଧିକାରୀ ସୁବ୍ରତ କୁମାର ମେହେର ନିଜେ ଯୁବତୀକୁ ରକ୍ଷା କରିଥିଲେ ଓ ଯୁବତୀର ଆତ୍ମହତ୍ୟା ଉଦ୍ୟମ ବିଫଳ ହୋଇଥିଲା। ଆଜି ସହର ରେ ବନ୍ଦ ପାଳନ କରାଯାଉଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ପୋଲିସମାନେ ସହର ସାରା ମୁତୟନ ହୋଇଛନ୍ତି। ତେବେ ଆତ୍ମହତ୍ୟା କରୁଥିବା ଯୁବତୀଙ୍କ ଉପରେ ସଠିକ ସମୟରେ ଥାନା ଅଧିକାରୀ ଶ୍ରୀ ମେହେରଙ୍କ ଦୃଷ୍ଟି ପଡିଥିଲା ଓ ତାକୁ ରକ୍ଷା କରିଥିଲେ। ଯୁବତୀ ଜଣକ ଅତାବିରା ଅଞ୍ଚଳର ବୋଲି ଜଣାପଡିଛି ଏବଂ ଆତ୍ମହତ୍ୟା ଉଦ୍ୟମ କହିଁକି କଲେ ତାହା ଏ ଯାଏଁ ଅସ୍ୱଷ୍ଟ ରହିଛି। ଚାଉଁରପୁର ବ୍ରିଜ ଏକ ବଡ ସୁଇସାଇଡ ପଏଣ୍ଟ ପାଲଟିଛି ଏହି ବ୍ରିଜ ଉପରେ ପୋଲିସ ମଧ୍ୟ ଦିନ ରାତି ଜଗି ରହୁଥିବା ବେଳେ ଯୁବକ ଯୁବତୀମାନକଙ୍କ ଏହି ଭଳି ପଦକ୍ଷେପ ସାଧାରଣରେ ଭୟ ସୃଷ୍ଟି କରୁଛି।

**ବରଗଡ଼ରେ ଜିଲ୍ଲାସ୍ତରୀୟ ପୋଷଣ ମାସ କାର୍ଯ୍ୟକ୍ରମ**

## ପୁଷ୍ଟିହୀନତା ଦୂରୀକରଣ ଓ ଶିଶୁ-କିଶୋରୀ ବିକାଶ ଉପରେ ଗୁରୁତ୍ୱ

**ବରଗଡ଼, ୮/୧୦ (ହୀ.ପ୍ର):** ବରଗଡ଼ ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ଜିଲ୍ଲା ସ୍ତରୀୟ ପୋଷଣ ମାସ କାର୍ଯ୍ୟକ୍ରମ ମହାସମାରୋହରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ (DSWO) ଶ୍ରୀମତୀ ସନ୍ଧ୍ୟାରାଣୀ ନେପାକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପୋଷଣ ମାସର ମୂଳ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲାର ପ୍ରତ୍ୟେକ ସରକାରୀ ଯୋଜନା କିପରି ତୃଣମୂଳ ସ୍ତରରେ ପହଞ୍ଚିପାରିବ ଏବଂ ପୁଷ୍ଟିହୀନତା ସଂଖ୍ୟାକୁ କ୍ରମାଗତ ଭାବେ କମ୍ କରାଯାଇପାରିବ, ସେ ନେଇ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶ୍ରୀଯୁକ୍ତ କମଳାକାନ୍ତ ଭୋଇ ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ରକୁ ଚାରା ଯୋଗାଇଦେବା ଏବଂ ଘରେ ଘରେ କିଚେନ ଗାର୍ଡେନ୍ (ପରିବା ବଗିଚା) ସୃଷ୍ଟି କରିବା ଉପରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ADEO) ଶ୍ରୀଯୁକ୍ତ ପ୍ରଣୟ ପ୍ରକାଶ ସଏ ଶିଶୁମାନଙ୍କ ଆଦ୍ୟ ଶୈଶବ ଶିକ୍ଷା (ECCE) ଏବଂ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ଅଧକ୍ଷା ନଳିନୀ ନିରୋଧ ପଣ୍ଡା ଶିଶୁ ଓ କିଶୋରୀମାନଙ୍କ ଶିକ୍ଷାରେ ଉନ୍ନତି ଆଣିବା ସହ ସେମାନଙ୍କ ଦକ୍ଷତା ବିକାଶ (Skill Development) ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଏଡ୍ ଏଟ୍ ଆକ୍ସନ୍‌ର ଜିଲ୍ଲା ପରାମର୍ଶଦାତା ଶ୍ରୀଯୁକ୍ତ ତରୁଣସେନ ପୃଷେଠ ସଫଳତାର ସହ ସଂଯୋଜନା କରିଥିଲେ। ଏହି ଅବସରରେ ୟୁନିସେଫ୍ (UNICEF)ର କିଶୋରୀମାନଙ୍କ ଦ୍ୱାରା ଏକ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭାର ଶେଷ ପର୍ଯ୍ୟାୟରେ ବରଗଡ଼ ଉପଖଣ୍ଡୀୟ କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ ସବିତା ସାହୁ ସମସ୍ତ ଅତିଥି, ସଂଯୋଜକ ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରାଯାଇଥିଲା।



## ଭାରୀଯାନ ପାଇଁ ସୁରୁମୁଳି ଓ ଧାମୁଣିପଙ୍ଗା ରାସ୍ତା ପାଲଟିଛି ମରଣ ଯନ୍ତା



**କଲ୍ୟାଣସିଂହପୁର, ୮/୧୦ (ହୀ.ପ୍ର):** ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ଧାମୁଣି ପଙ୍ଗା ପଞ୍ଚାୟତର ସୁରୁମୁଳି ଠାରୁ ସଦର ପଞ୍ଚାୟତ ପର୍ଯ୍ୟନ୍ତ ଆରଡ଼ି ରାସ୍ତା ଲୋକଙ୍କ ପାଇଁ ପାଲଟିଯାଇଛି ମରଣ ଯନ୍ତା। ଗତ ବର୍ଷ ନୂତନ କରି ନିର୍ମାଣ ହୋଇଥିବା ୧୦ କିମି ରାସ୍ତା ବର୍ତ୍ତମାନ ତାର ଚିହ୍ନ ବର୍ଣ୍ଣ ଦେଖିବାକୁ ମିଳୁନି। ପ୍ରାୟ ତିନିକୋଟି ଟଙ୍କାବ୍ୟୟରେ ନିର୍ମିତ ହୋଇଥିବା ରାସ୍ତାରେ ଆବଶ୍ୟକ ଠାରୁ ଅଧିକ ଓଜନର ଭାରିଯାନ ଯାତାୟତ କରୁଥିବାରୁ ରାସ୍ତା ଅବସ୍ଥା ସାଙ୍ଘାତିକ ହୋଇ ନଷ୍ଟ ହୋଇ ଯାଇଛି। କ୍ରସର ପାଇଁ ହାତୀମୁଣ୍ଡା ଠାରୁ କଲ୍ୟାଣସିଂହପୁର ରାସ୍ତା ଖରାପ ହେବ ବୋଲି ଅଞ୍ଚଳବାସି ବନ୍ଦ କରିଦେଇଥିଲେ। ପରେ ସୁରୁମୁଳି ଠାରୁ ଧାମୁଣିପଙ୍ଗା ଦେଇ କଲ୍ୟାଣସିଂହପୁରକୁ ଯାତାୟତ କରୁଥିବାରୁ ରାସ୍ତା ଅତି ଦୟାନିୟ ହୋଇ ପଡିଛି। ଏଣୁ ଜିଲ୍ଲା ପ୍ରଶାସନ, ଆରଡ଼ି, ଖଣି, ପ୍ରଦୂଷଣ ଓ ରାଜସ୍ୱ ବିଭାଗ ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଆଜି ଭାରତ-ଇଣ୍ଡିଜ୍ ଦ୍ୱିତୀୟ ଟି-୨୦

**ବାଦ୍ ପଡ଼ିପାରନ୍ତି ସଞ୍ଜୁ ସାମସନ**

**ଅଭିଷେକଙ୍କ ସହ ବୈଭବ ଓପନିଂ କରିବା ସମ୍ଭାବନା**

**ରାଞ୍ଚି:** ଆସନ୍ତାକାଲି ଭାରତ ଓ ୱେଷ୍ଟ ଇଣ୍ଡିଜ ମଧ୍ୟରେ ଦ୍ୱିତୀୟ ଟି-୨୦ ମ୍ୟାଚ ଖେଳାଯିବ। ତେବେ, ତାପୂର୍ବରୁ ଦଳ ଆଗରେ ଏକ ବଡ଼ ସମସ୍ୟା ଉଭା ହୋଇଛି । ଆଉ ତାହା ସଞ୍ଜୁ ସାମସନଙ୍କୁ ନେଇ । ସାମ୍ସନ୍‌ଙ୍କ ଖରାପ ଫର୍ମ ଭାରତୀୟ ଦଳ ପାଇଁ ଚିନ୍ତାର କାରଣ ହୋଇଛି। ତେଣୁ ତାଙ୍କ ସ୍ଥାନରେ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ଅଭିଷେକ ଶର୍ମାଙ୍କ ସହ ଓପନିଂ କରାଇବା ନେଇ ଦଳ ଚିନ୍ତା କରୁଛି । ଶୁକ୍ରବାର ରାଞ୍ଚିରେ ହେବାକୁ ଥିବା ମ୍ୟାଚ୍‌ରେ ଭାରତ ଜିତିଲେ ୫ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାରେ ୨-୦ରେ ଆଗୁଆ ରହିବ ।

ଗତ ୪ ଟି-୨୦ରେ ସାମ୍ସନ୍ ୯,୭,୨ ଓ ୧୧ ରନ୍ କରିଛନ୍ତି । ହେଲେ ଅଧିନାୟକ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଭାରତୀୟ ମଧ୍ୟକ୍ରମ ଭଲ କରୁଥିବାରୁ ଏହି ବିଫଳତା ଦଳ ଉପରେ ପ୍ରଭାବ ପକାଇ ପାରିନି । ଗତ ମ୍ୟାଚ୍‌ରେ ଶ୍ରେୟସ ନିଜର ପ୍ରଥମ ଶତକ ହାସଲ କରିବା ସହ ଦଳକୁ ବଡ ବିଜୟ ଦେଇଥିଲେ । ଅନ୍ୟପକ୍ଷରେ ସାମ୍ସନ୍‌ଙ୍କ ଖରାପ ଫର୍ମ ଯୋଗୁଁ ବୈଭବ ପୁଣି ଥରେ ସୁଯୋଗ ଆଶାରେ ଅଛନ୍ତି । ବୈଭବ କମ୍ ସୁଯୋଗ ପାଇଥିଲେ ମଧ୍ୟ ନିଜ ଦକ୍ଷତାକୁ ପ୍ରମାଣିତ କରିଛନ୍ତି । ଏସୀୟ କ୍ରୀଡାରେ ସେ ଅଭିଷେକଙ୍କ ସହ ଓପନିଂ କରିଥିଲା ବେଳେ ସାମ୍ସନ୍ ତୃତୀୟ ସ୍ଥାନରେ ଖେଳିଥିଲେ । ଭାରତ ଦ୍ରୁତ ବୋଲିଂରେ କିଛିଟା ପରିବର୍ତ୍ତନ କରିପାରେ। ଲକ୍ଷ୍ନୌରେ ପ୍ରଥମ ଓଭରରେ ମୟଙ୍କ ଯାଦବ ୧୬ ରନ୍ ବ୍ୟୟ କରିଥିଲା ବେଳେ ମଝି ଓ ଶେଷ ଓଭରରେ ମଧ୍ୟ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ ସମୟରେ ସେର୍ଫାନ୍ ରଦରଫୋର୍ଡଙ୍କୁ ଆଉଟ୍ କରିଥିଲେ । ହେଲେ ଭାରତ ତାଙ୍କୁ ଚୂଡାନ୍ତ ଏକାଦଶରୁ ବାଦ୍ ଦେଇ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ସାମିଲ କରିବାକୁ ଚିନ୍ତା କରିପାରେ । କୁଲଦୀପ ଯାଦବ ଓ ଅକ୍ଷର ପଟେଲଙ୍କୁ ନେଇ ସ୍ପିନ୍ ବୋଲିଂ ବାହିନୀ ୱେଷ୍ଟଇଣ୍ଡିଜ୍‌କୁ ଚାପରେ ରଖିଥିଲା । ଏମାନଙ୍କ ସହ ପଦାର୍ପଣକାରୀ ଅଫ୍‌ସ୍ପିନ୍ ଅଲ୍‌ରାଉଣ୍ଡର ନମନ ଧୀର ୩ ୱିକେଟ୍ ନେଇ ଭ୍ରମଣକାରୀ ଦଳକୁ ବଡ ସ୍କୋରର ସୁଯୋଗ ଦେଇନଥିଲେ । ତେଣୁ ସ୍ପିନ୍‌ରେ କିଛି ପରିବର୍ତ୍ତନ ହେବାର ଆଶା ନାହିଁ ।

ଅନ୍ୟପକ୍ଷରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ପାଇଁ ମୁଖ୍ୟ ଚ୍ୟାଲେଞ୍ଜ ହେଉଛି ବ୍ୟାଟିଂ । ସାଇ ହୋପ୍‌ଙ୍କ ନେତୃତ୍ୱାଧୀନ ଦଳରେ ସିମ୍ରନ୍ ହେଟମାୟର, ରୋଭମାନ୍ ପାୱେଲ୍,ରଷ୍ଟନ୍ ଚେଜ୍ ଓ ରୋମାରିଓ ସେଫର୍ଡଙ୍କ ଭଳି ଟି-୨୦ ଅଭିଜ୍ଞ ବ୍ୟାଟର ଥିଲେ ମଧ୍ୟ ଦଳ ୧୭୧ ରନ୍‌ରେ ଅଲଆଉଟ୍ ହୋଇଥିଲା । ଦଳକୁ ଜିତିବାକୁ ହେଲେ ବଡ ସ୍କୋର କରିବାକୁ ପଡିବ । ବୋଲିଂରେ ବାମହାତୀ ସ୍ପିନର ଅକିଲ ହୋସେନଙ୍କ ବାଦ୍ ଅନ୍ୟ ବୋଲର ପ୍ରଭାବହୀନ ରହିବା ଭାରତୀୟ ବ୍ୟାଟରଙ୍କୁ ସୁହାଉଛି ।



# ଏଣିକି ଚୟନ କମିଟି ବୈଠକରେ ଉପସ୍ଥିତ ରହିବେ ଲକ୍ଷ୍ମଣ

**ନୂଆଦିଲ୍ଲୀ,୮/୧୦ :** ଏଣିକି ସେଣ୍ଟର ଅଫ ଏକ୍ସିଲେନ୍ସ(ସିଓଇ)ର ମୁଖ୍ୟ ଭିଭିଏସ ଲକ୍ଷ୍ମଣ ଭାରତୀୟ ଦଳର ଚୟନ କମିଟି ବୈଠକରେ ରହିବେ ଉପସ୍ଥିତ। ବିସିସିଆଇ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ବୋର୍ଡ ସଚିବ ଦେବଜିତ ସାଇକିଆ ଏହି ସୂଚନା ଦେଇଛନ୍ତି । ଅନ୍ୟପଟେ ମୁଖ୍ୟ ଚୟନକର୍ତ୍ତା ଭାବେ ଅଜିତ ଅଗରକରଙ୍କ କାର୍ଯ୍ୟକାଳ ଆନୁଷ୍ଠାନିକ ଭାବେ ସମାପ୍ତ ହୋଇସାରିଛି ।ସାଇକିଆ କହିଛନ୍ତି, ଲକ୍ଷ୍ମଣ ସିନିୟର ପୁରୁଷ ଜାତୀୟ ଚୟନ କମିଟି ବୈଠକରେ ସାମିଲ୍ ହେବେ। ଏହାକୁ ନିୟମରେ ପରିଣତ ହୋଇଯିବ। ଏହି ନିଷ୍ପତ୍ତି ଗତ ମାସରେ ମୁମ୍ବାଇ ସ୍ଥିତ ବିସିସିଆଇ ମୁଖ୍ୟାଳୟରେ ଏକ ବ୍ୟାପକ ସମୀକ୍ଷା ବୈଠକରେ ନିଆଯାଇଥିଲା। କିନ୍ତୁ ପ୍ରକାଶ କରାଯାଇ ନଥିଲା । ବିସିସିଆଇ ନିଜର ଏକ୍ସ ହ୍ୟାଣ୍ଡେଲରେ ଏକ ଫଟୋ ସେୟାର କରିଥିଲା। ଏଥିରେ ଗୌହାଟୀର ଏସିଏ ଷ୍ଟାଡିୟମରେ ଆୟୋଜିତ ଚୟନ କମିଟି ବୈଠକରେ ଲକ୍ଷ୍ମଣଙ୍କୁ ଦେଖିବାକୁ ମିଳିଥିଲା। ଏହି ମିଟିଂରେ ସାଇକିଆଙ୍କ ବ୍ୟତୀତ ଚୟନ କମିଟିର ସଦସ୍ୟ ପ୍ରଜ୍ଞାନ ଓଝା,ଶିବସୁନ୍ଦର ଦାସ,ଅଜୟ ରାତ୍ରା ଓ ଆରପି ସିଂ ସାମିଲ୍ ଥିଲେ । ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍ ଏବଂ ଇଣ୍ଡିଆ-ଏ ଟିମର ରେଡ୍ ବଲ୍ ପାଇଁ ଏହି ବୈଠକ ବସିଥିଲା। ଲକ୍ଷ୍ମଣ ମଙ୍ଗଳବାର ଅନୁଷ୍ଠିତ ମିଟିଂରେ ଏଥିପାଇଁ ଉପସ୍ଥିତ ଥିଲେ ଯେ ଟିମ୍ ଚୟନ ସମୟରେ ଚୟନକର୍ତ୍ତା ଓ ସିଓଇ ମଧ୍ୟରେ କୌଣସି ପ୍ରକାରର ଭ୍ରାନ୍ତ ଧାରଣା ନ ରହୁ। ଲକ୍ଷ୍ମଣ ବିସିସିଆଇ ସିଓଇର ହେଡ୍ ଏବଂ ସେ ଏବେଠୁ ସିନିୟର ପୁରୁଷ ଟିମ୍ ଚୟନ ସମୟରେ ଉପସ୍ଥିତ ରହିବେ। କାରଣ କେଉଁ ଖେଳାଳି ଆହତ ଅଛନ୍ତି, କେଉଁ ଖେଳାଳି ରିହାବ ଦେଇ ଗତି କରୁଛନ୍ତି, କେଉଁ ଖେଳାଳି କେତେ ଫିଟ୍ ଅଛନ୍ତି, ଏସବୁର ରିପୋର୍ଟ ସିଇଓ ହେଡ୍ ଭାବେ ଲକ୍ଷ୍ମଣଙ୍କ ପାଖରେ ରହିଛି। ତେଣୁ ସେ ଖେଳାଳି ଚୟନ ସମୟରେ ମିଟିଂରେ ରହିଲେ, ସଠିକ୍ ଏବଂ ସନ୍ତୁଳିତ ଦଳ ଚୟନ ହୋଇ ପାରିବ। ଉଲ୍ଲେଖନୀୟ ବିସିସିଆଇ ଏହି ନିଷ୍ପତ୍ତି ଏଥିପାଇଁ ନେଇଛି ଯେ କାରଣ ନିକଟ ଅତୀତରେ ଅନେକ ସିରିଜରେ ଦଳ ଚୟନ ସମୟରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଦଳରେ ଖେଳାଳିଙ୍କ ଚୟନ ହୋଇଥିବ ହେଲେ ଉକ୍ତ ଖେଳାଳି ସଂପୂର୍ଣ୍ଣ ଫିଟ୍ ହୋଇ ନ ଥିବେ। ପୁଣି ପରବର୍ତ୍ତୀ ସମୟରେ ଉକ୍ତ ଖେଳାଳିଙ୍କ ସ୍ଥାନରେ ନୂଆ ଖେଳାଳି ଚୟନ କରିବାକୁ ପଡିଛି। ଟିମ୍ ଚୟନକୁ ନେଇ ବିସିସିଆଇ ଏବଂ ଚୟନକର୍ତ୍ତାଙ୍କ କାର୍ଯ୍ୟଶୈଳୀ ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ଫଳରେ ଏମିତି ସ୍ଥିତି ଏଡାଇବା ପାଇଁ ଏବେ ଲକ୍ଷ୍ମଣ ଚୟନ କମିଟି ବୈଠକରେ ଉପସ୍ଥିତ ରହିବେ ।



# ଏସୀୟ ପାରା କ୍ରୀଡ଼ା ଚୟନରେ ପାତରଅନ୍ତର ଅଭିଯୋଗ

**ବିକ୍ଷୋଭ କରିବେ ବାଦ୍ ପଡ଼ିଥିବା ପାରା-ସାଇକ୍ଲିଷ୍ଟ**

**ନୂଆଦିଲ୍ଲୀ:** ଆଗାମୀ ଏସୀୟ ପାରା କ୍ରୀଡ଼ା ପାଇଁ ଜାତୀୟ ସଂଘ ସୁପାରିସ କରିଥିବା ୭ ଜଣ ପାରା-ସାଇକ୍ଲିଷ୍ଟଙ୍କ ମଧ୍ୟରୁ କେବଳ ଜଣଙ୍କୁ କ୍ରୀଡ଼ା ମନ୍ତ୍ରଣାଳୟ ଅନୁମୋଦନ କରିଥିବାରୁ ତାହାକୁ ନେଇ ଅସନ୍ତୋଷ ଦେଖାଦେଇଛି । ବାଦ୍ ପଡ଼ିଥିବା ସାଇକ୍ଲିଷ୍ଟମାନେ ଚୟନରେ ପାତରଅନ୍ତର ହୋଇଥିବା ଅଭିଯୋଗ କରିବା ସହ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ମୁଖ୍ୟାଳୟରେ ବିକ୍ଷୋଭ କରିବାକୁ ଯୋଜନା କରିଛନ୍ତି ।

ତେବେ ସାଇ ପକ୍ଷରୁ କୁହାଯାଇଛି ଯେ ଚୟନରେ କୌଣସି ପାତରଅନ୍ତର କରାଯାଇନି। ପ୍ରଦର୍ଶନ ଆଧାରରେ ଚୟନ ହୋଇଛି । ଚଳିତ ମାସ ୧୮ରୁ ଆଇଚି-ନାଗୋୟାରେ ହେବାକୁଥିବା ଏସୀୟ ପାରା କ୍ରୀଡ଼ା ଲାଗି ମନ୍ତ୍ରାଳୟ କେବଳ ପାରାଲିମ୍ପିଆନ୍ ଅର୍ଶଦ ଶେଖ୍‌ଙ୍କୁ ଅନୁମୋଦନ ଦେଇଛି । ସଂଘ ଅର୍ଶଦଙ୍କ ସହ ପ୍ରଶାନ୍ତ ଅର୍କଲ, ପବନ କୁମାର କୋମୋଜି, ସମୀର, ବାସାନୀ ବାବୁଭାଇ, ଶାଶ୍ୱତି ବିନାୟକ ନାକାଡେ ଓ ଲିଶା ଦାସଙ୍କ ନାଁ ଚୟନ କରି ମନ୍ତ୍ରାଳୟକୁ ପଠାଇଥିଲା । ମନ୍ତ୍ରାଳୟ କେବଳ ଅର୍ଶଦ ନାଁକୁ ଛାଡି ଅନ୍ୟମାନଙ୍କୁ ବାଦ୍ ଦେଇଛି । ଏସୀୟ କ୍ରୀଡା ଲାଗି କ୍ରୀଡା ମନ୍ତ୍ରାଳୟ ଚୂଡାନ୍ତ ଦଳ ଘୋଷଣା କରିନି । ଏପର୍ଯ୍ୟନ୍ତ କେବଳ ୮ଟି ଖେଳ ଲାଗି ୧୨୮ ଜଣଙ୍କ ନାମକୁ ଅନୁମୋଦନ କରିଛି। ଏସୀୟ କ୍ରୀଡା ଇତିହାସରେ ପାରା-ସାଇକ୍ଲିଂରୁ ଭାରତକୁ କେବଳ ଗୋଟିଏ କାଂସ୍ୟ ମିଳିଛି ।

# ବିରାଟ କୋହଲିର ବଡ଼ ପ୍ରଶଂସକ ଥିଲେ ନାନା ପାଟେକର

**ମୁମ୍ବାଇ :** ବଲିଉଡ୍‌ର ଲୋକପ୍ରିୟ ଅଭିନେତା ନାନା ପାଟେକରଙ୍କ ୭୫ ବର୍ଷ ବୟସରେ ପରଲୋକ ଘଟିଛି । ତାଙ୍କ ପରଲୋକରେ କେବଳ ସିନେମା ଜଗତ ନୁହେଁ,କ୍ରୀନା ଜଗତରେ ମଧ ଶୋକର ଛାୟା ଖେଳିଯାଇଛି। କାରଣ,ନାନା କ୍ରୀଡ଼ା ବିଶେଷକରି କ୍ରିକେଟରୁ ଖୁବ ପସନ୍ଦ କରୁଥିଲେ । ଭାରତୀୟ କ୍ରିକେଟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କର ସେ ଜଣେ ବଡ଼ ପ୍ରଶଂସକ ଥିଲେ ।ଏକ ସାକ୍ଷାତକାରରେ ନାନା କହିଥିଲେ, ବିରାଟ କୋହଲି ଏପରି ଜଣେ ଖେଳାଳି, ଯାହାଙ୍କୁ ସେ ହୃଦୟରୁ ପସନ୍ଦ କରନ୍ତି । ବିରାଟ ଶୀଘ୍ର ଆଉଟ ହୋଇଗଲେ ତାଙ୍କୁ ବହୁତ ଖରାପ ଲାଗୁଥିଲା। ଏପରିକି ବିରାଟ ଶୀଘ୍ର ଆଉଟ ହୋଇଗଲା ପରେ ତାଙ୍କୁ ଖାଇବାକୁ ମଧ୍ୟ ଇଚ୍ଛା ହେଉ ନ ଥିଲା । ସେହି ସାକ୍ଷାତକାରରେ ନାନା ପାଟେକର ଫିଲ୍ମ ତିଆରି କରିବା ପ୍ରକ୍ରିୟାକୁ କ୍ରିକେଟ ମ୍ୟାଚ ସହ ତୁଳନା କରିଥିଲେ । ତାଙ୍କ କହିବା ଅନୁସାରେ, ଟେଷ୍ଟ କ୍ରିକେଟ ମ୍ୟାଚ ୫ ଦିନ ଧରି ଚାଲେ । କିନ୍ତୁ ଗୋଟିଏ ଫିଲ୍ମ ତିଆରି କରିବାର 'ମ୍ୟାଚ' ପ୍ରାୟ ଦେଢ଼ରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଚାଲିଥାଏ । କ୍ରିକେଟ ମ୍ୟାଚ୍‌ର ଫଳାଫଳ ଟିମ ଓ ଖେଳାଳିଙ୍କ ପ୍ରଦର୍ଶନ ଉପରେ ନିର୍ଭର କରେ । ହେଲେ ଫିଲ୍ମ ମେକିଂର ଫଳାଫଳ ଦର୍ଶକ ନିର୍ଦ୍ଧାରଣ କରନ୍ତି । ନାନା ପାଟେକର କେବଳ କ୍ରିକେଟ ପ୍ରତି ନିଜର ଭଲପାଇବା ପାଇଁ ନୁହେଁ, ତାଙ୍କ ନିଆରା ଅଭିନୟ ଶୈଳୀ ପାଇଁ ମଧ୍ୟ ସିନେପ୍ରେମୀଙ୍କ ମଧ୍ୟରେ ବେଶ ଲୋକପ୍ରିୟ । ତାଙ୍କର ଦମଦାର ଡାଏଲଗ ଡେଲିଭରି ଓ ଅଭିନୟର ନିଆରା ଶୈଳୀ ତାଙ୍କୁ ଅନ୍ୟ ଅଭିନେତାଙ୍କଠାରୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା ।



# ଜମୁଛି କ୍ୟାମ୍ପସ ; ବଢୁଛି ହିଂସା

**ଯାଜପୁର ୮ ।୧୦(ହୀ.ପ୍ର):** ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଆଚରଣ ବିଧି ଲାଗୁ ହୋଇଛି । ଶୁକ୍ରବାର ନାମାଙ୍କନ ଭରିବେ ପ୍ରାର୍ଥୀ । ଗୁରୁବାର ଓଡ଼ିଶା ବନ୍ଦ ସତ୍ତ୍ୱେ, ଫିକା ପଡ଼ିନି କଲେଜ କ୍ୟାମ୍ପସ୍ କ୍ୟାଂପେନ୍। ଯେହେତୁ ଶୁକ୍ରବାର ନାମାଙ୍କନ ଦାଖଲ, ତେଣୁ ପ୍ରଚାରକୁ ଜୋରଦାର କରିଛନ୍ତି ଆଶାୟୀ। ସେପଟେ ମହର୍ଷି କଲେଜରେ ଲାଗିଲା ପ୍ରଥମ ପୋଷ୍ଟର । ମହର୍ଷି କଲେଜ ଅଫ୍ ନାଚୁରାଲ ଲ କଲେଜ କ୍ୟାମ୍ପସରେ ଏବିଭିପି ପକ୍ଷରୁ ବିଶାଳ ପୋଷ୍ଟର ଲାଗିସାରିଛି । ରାଜ୍ୟରେ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରୁ ୧୩ରେ ଛାତ୍ର ସଂସଦ ନିର୍ବାଚନ କରାଯିବ । ତେବେ,ଗୋଟିଏପଟେ କ୍ୟାମ୍ପସ ଜମୁଥିବା ବେଳେ ଅନ୍ୟପଟେ ପ୍ରାକ-ନିର୍ବାଚନୀ ହିଂସା ମଧ୍ୟ ଆରମ୍ଭ ହୋଇଯାଇଛି । ବିଭିନ୍ନ ସ୍ଥାନରେ ଛାତ୍ର ଗୋଷ୍ଠୀ ସଂଘର୍ଷ, ପୋଷ୍ଟର ଚିରା, ବୋମା ମାଡ଼ ଭଳି ଖବର ସାମ୍ନାକୁ ଆସିଛି ।ଯାଜପୁର ଜିଲ୍ଲା ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ପ୍ରାକ୍ ନିର୍ବାଚନୀ ହିଂସା ଘଟିଛି। ଏକାଧିକ ସ୍ଥାନରେ ବୋମା ମାଡ଼ ହୋଇଥିବା ସୂଚନା ରହିଛି । ପ୍ରିନ୍ସିପାଲଙ୍କ ବାସଭବନ ଆଗରେ ଏବଂ ବଏଜ ହଷ୍ଟେଲରେ ପୃଥକ ପୃଥକ ଦୁଇଟି ସ୍ଥାନରେ ବୋମା ମାଡ଼ କରାଯାଇଛି । କଲେଜ ଗେଷ୍ଟହାଉସ ଓ ପ୍ରିନ୍ସିପାଲ ରେସିଡେନ୍ସ ଫାଟକ ଆଗରୁ ଗୋଟିଏ ଅଫୁଟା ବୋମା ମଧ୍ୟ ଜବତ ହୋଇଛି । ଗୁରୁବାର ଭୋରରୁ ଘଟିଛି ଏହି ବୋମା ମାଡ଼ ଘଟଣା । ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି । ପୋଲିସପହଞ୍ଚି ବିଭିନ୍ନ ଦିଗରୁ ଘଟଣାର ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ଭ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଟିମ୍ ପହଞ୍ଚିବା ପରେ ତଦନ୍ତ କରିବ । ଏ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯାଜପୁର ରୋଡ୍ ଆଦର୍ଶ ଥାନାରେ ଏକ ଲିଖିତ ଏତଲା ଦିଆଯାଇଛି । ତଦନ୍ତ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସେହିପରି, କଳାହାଣ୍ଡିରେ କଲେଜ ନିର୍ବାଚନ ନ ହେଉଣୁ ଉତ୍ତେଜନା ଦେଖାଦେଇଛି। ପୋଷ୍ଟର ଚିରାକୁ ନେଇ ଜାତୀୟ ରାଜପଥରେ ଏବିଭିପିର ବିକ୍ଷୋଭ ହୋଇଛି । ଭବାନୀପାଟଣା କଲେଜ ଛକ ନିକଟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ବ୍ୟାନର-ପୋଷ୍ଟର ଚିରାଯିବାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି । ଅଭିଯୋଗ ଅନୁଯାୟୀ, ଚିରାଯାଇଥିବା ବ୍ୟାନରରେ କୌଣସି ପ୍ରାର୍ଥୀଙ୍କ ଫଟୋ ନଥିଲା ; କେବଳ ସ୍ୱାମୀ ବିବେକାନନ୍ଦ, ମା' ସରସ୍ୱତୀଙ୍କ ଫଟୋ ସହ "ଏବିଭିପିରେ ଯୋଗଦିଅନ୍ତୁ" ବୋଲି ଲେଖାଯାଇଥିଲା । ତେବେ ଉଦ୍ଦେଶ୍ୟମୂଳକ ଭାବେ ୭ ନମ୍ବର ୱାର୍ଡର ବିଜେଡି କାଉନସିଲର ଶିବା ସାହୁଙ୍କ ଇଙ୍ଗିତରେ ପୌରପାଳିକାର କିଛି କର୍ମଚାରୀ ଏହାକୁ ଚିରି ଦେଇଥିବା ଏବିଭିପି ଛାତ୍ରଛାତ୍ରୀ ଅଭିଯୋଗ ଆଣିଛନ୍ତି । ଏହି ଘଟଣାର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଏହାର ପ୍ରତିବାଦରେ ଏବିଭିପିର ଶତାଧିକ ଛାତ୍ରଛାତ୍ରୀ ଜାତୀୟ ରାଜପଥ-୨୬ ଅବରୋଧ କରି ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।

# ଯନ୍ତରମନ୍ତରରେ ଆନ୍ଦୋଳନ ମାମଲା ଶୁଣାଣି ଆଜି

**ନୂଆଦିଲ୍ଲୀ:** ଯନ୍ତରମନ୍ତରଠାରେ ଆନ୍ଦୋଳନ ପାଇଁ ଭାରତୀୟ ଯୁବ କଂଗ୍ରେସ ଦ୍ୱାରା ଆଗତ ଆବେଦନର ଶୁଣାଣି ଆସନ୍ତାକାଲି ଦିଲ୍ଲୀ ହାଇକୋର୍ଟରେ ହେବ । କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ନୀତିନ ୱାସୁଦେବ ସାମ୍ବ୍ରେ ଓ ବିଚାରପତି ସଞ୍ଜୟ ଶର୍ମାଙ୍କ ଖଣ୍ଡପୀଠ ସମ୍ମୁଖରେ ଆବେଦନକୁ ଜରୁରୀ ତାଲିକାଭୁକ୍ତ କରିବା ପାଇଁ ଉଲ୍ଲେଖ କରାଯାଇଥିଲା । କୋର୍ଟ କହିଛନ୍ତି ଯେ, ମାମଲାଟି ଶୁକ୍ରବାର ତାଲିକାଭୁକ୍ତ ହେବ । ଏହା ଆହୁରି ମଧ କହିଛି ଯେ, ଯଦି ଆବେଦନ ତାଲିକାଭୁକ୍ତ ନହୁଏ, ତେବେ ଆବେଦନକାରୀ ଏହାକୁ ଜରୁରୀ ଶୁଣାଣି ପାଇଁ ପୁଣି ଥରେ ଉଲ୍ଲେଖ କରିପାରିବେ। ସିଇସିଙ୍କ ବିରୋଧରେ ପ୍ରସ୍ତାବିତ ପ୍ରତିବାଦ ପାଇଁ ଦିଲ୍ଲୀ ପୁଲିସଠାରୁ ମଗା ଯାଇଥିବା ଅନୁମତି ପ୍ରତ୍ୟାଖ୍ୟାନ କରାଯିବା ଆଦେଶକୁ ଯୁବ କଂଗ୍ରେସ ଚ୍ୟାଲେଞ୍ଜ କରିଛି । କୋର୍ଟ କହିଛନ୍ତି ଯେ, ମାମଲାଟି ଶୁକ୍ରବାର ତାଲିକାଭୁକ୍ତ ହେବ। ଏହା ଆହୁରି ମଧ କହିଛି ଯେ, ଯଦି ଆବେଦନ ତାଲିକାଭୁକ୍ତ ନହୁଏ, ତେବେ ଆବେଦନକାରୀ ଏହାକୁ ଜରୁରୀ ଶୁଣାଣି ପାଇଁ ପୁଣି ଥରେ ଉଲ୍ଲେଖ କରିପାରିବେ। ସିଇସିଙ୍କ ବିରୋଧରେ ପ୍ରସ୍ତାବିତ ପ୍ରତିବାଦ ପାଇଁ ଦିଲ୍ଲୀ ପୁଲିସଠାରୁ ମଗା ଯାଇଥିବା ଅନୁମତି ପ୍ରତ୍ୟାଖ୍ୟାନ କରାଯିବା ଆଦେଶକୁ ଯୁବ କଂଗ୍ରେସ ଚ୍ୟାଲେଞ୍ଜ କରିଛି।

# କିଟ୍ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ପ୍ରୟାସ: ପବ୍ଲିକ ସର୍ଭିସ୍ ଆଶାୟୀଙ୍କୁ କୋଚିଂ ସୁବିଧା

**ଭୁବନେଶ୍ୱର, ୮। ୧୦(ହୀ.ପ୍ର):** ପବ୍ଲିକ ସର୍ଭିସ ପରୀକ୍ଷା ପାଇଁ ଇଚ୍ଛୁକ ଥିବା କିଟ୍ କିସ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ମାର୍ଗଦର୍ଶନ ଓ ମେଣ୍ଟରିଂ ପ୍ରଦାନ ଲକ୍ଷ୍ୟରେ କିଟ୍ ଆଇଏଏସ୍ ଏକାଡେମୀ (କିଆସା) ଶୁଭାରମ୍ଭ ହୋଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହାର ଉଦଘାଟନ କରିଥିଲେ। ସୂଚନାଯୋଗ୍ୟ, କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କ ବୈଷୟିକ ଶିକ୍ଷା ସହ ପବ୍ଲିକ ସର୍ଭିସ ପରୀକ୍ଷା ପାଇଁ ଇଚ୍ଛୁକ ପିଲାଙ୍କୁ ହାତ ପାଆନ୍ତାରେ ବିନାଦେୟରେ କୋଚିଂ ଯୋଗାଇ ଦେବା ନିମନ୍ତେ ଶ୍ରୀ ସାମନ୍ତ ଦୀର୍ଘ ଦିନ ଧରି ପ୍ରୟାସ କରି ଆସୁଥିଲେ ।କିଆସାକୁ ଉଦଘାଟନ କରି ଶ୍ରୀ ସାମନ୍ତ କହିଲେ, ପବ୍ଲିକ ସର୍ଭିସ୍ ପରୀକ୍ଷା ପ୍ରସ୍ତୁତି ପାଇଁ ପ୍ରାର୍ଥୀମାନଙ୍କୁ ଉତ୍ତମ ମାର୍ଗଦର୍ଶନ ଓ ପ୍ରସ୍ତୁତି ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ଏହି ଏକାଡେମୀ ପ୍ରତିଷ୍ଠା କରାଯାଇଛି। କିଟ୍ ଓ କିସ୍ ପରିବାରର ପବ୍ଲିକ ସର୍ଭିସ୍‌ରେ ଯୋଗଦେବାକୁ ଆଗ୍ରହୀ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ, ପ୍ରଶିକ୍ଷଣ ଓ ମେଣ୍ଟରିଂ ପାଇଁ କିଆସା ଏକ ସ୍ୱତନ୍ତ୍ର ପରିବେଶ ସୃଷ୍ଟି କରିବ। ଗୁଣାତ୍ମକ ମାର୍ଗଦର୍ଶନ ପାଇଁ ଛାତ୍ରଛାତ୍ରୀମାନେ ପାରଂପରିକ ଭାବେ ଓଡ଼ିଶା ବାହାରକୁ ଯାଇ ସିଭିଲ୍ ସର୍ଭିସ୍ ପ୍ରସ୍ତୁତି ନେଉଥିଲେ। କିଆସା ଶୁଭାରମ୍ଭ ହେବା ଫଳରେ ଏବେ ସେମାନେ ଘର ନିକଟରେ ଏଭଳି ସୁବିଧା ପାଇପାରିବେ ବୋଲି ଶ୍ରୀ ସାମନ୍ତ କହିଥିଲେ। ଏହି କାର୍ଯ୍ୟକ୍ରମରେ ସିଆଇଏସ୍ଏଫ୍ ଆଇଜି ଶିବ କୁମାର ମୋହାଙ୍କା ଯୋଗଦେଇ ଏହି ପଦକ୍ଷେପକୁ ଏକ ଉଲ୍ଲେଖନୀୟ ପ୍ରୟାସ ବୋଲି ବର୍ଣ୍ଣନା କରିଥିଲେ। ସେ କହିଲେ, ସାଧାରଣତଃ ବିଶ୍ୱବିଦ୍ୟାଳୟଗୁଡ଼ିକ ଦକ୍ଷତାର ପ୍ରମାଣପତ୍ର ପ୍ରଦାନ କରିଥାନ୍ତି। ମାତ୍ର କିଆସା ଭଳି ପଦକ୍ଷେପ ପାରଂପରିକ ଶିକ୍ଷାର ସୀମା ଅତିକ୍ରମ କରି ଯୁବପିଢ଼ିଙ୍କୁ ଦେଶସେବା ପାଇଁ ପ୍ରସ୍ତୁତ କରିବ। କିଟ ସ୍କୁଲ ଅଫ ପବ୍ଲିକ ପଲିସି (କେଏସ୍‌ପିପି)ର ନିର୍ଦ୍ଦେଶକ ତଥା କିଆସା ବିଭାଗୀୟ ମୁଖ୍ୟ ବିମ୍ବାଧର ପ୍ରଧାନ କହିଲେ, ଏହି ଏକାଡେମୀ ଅଞ୍ଚଳରେ ପବ୍ଲିକ ସର୍ଭିସ୍ ପରୀକ୍ଷା ପ୍ରସ୍ତୁତି ପାଇଁ ଏକ ପ୍ରତିଷ୍ଠାନଭିତ୍ତିକ ମଞ୍ଚ ସୃଷ୍ଟି କରିବାର ସ୍ୱପ୍ନକୁ ସାକାର କରିଛି । ଦୂରଦୃଷ୍ଟିସଂପନ୍ନ ନେତୃତ୍ୱ ଓ ମାନବିକତା ମାଧ୍ୟମରେ ସମାଜର ବଞ୍ଚିତ ବର୍ଗଙ୍କୁ ସଶକ୍ତ କରିବା ପାଇଁ କିଟ୍ ନିରନ୍ତର ଭାବେ ଏକ ସୁଦୃଢ଼ ପରିବେଶ ସୃଷ୍ଟି କରିଆସିଛି ବୋଲି ସେ କହିଥିଲେ ।ଟିଆଇସିଏସ୍ ଏଡୁୱାର୍ଲ୍ଡ ଏଲ୍ଏଲ୍‌ପିର ନିର୍ଦ୍ଦେଶକ ଚନ୍ଦ୍ରଶେଖର ଯାଦବ ମଧ୍ୟ ଏହି ଅବସରରେ ଉଦ୍‌ବୋଧନ ଦେଇଥିଲେ । ଏହି ପଦକ୍ଷେପର ଅଂଶ ଭାବେ କିଟ୍ ଟିଆଇସିଏସ୍ ଏଡୁୱାର୍ଲ୍ଡ ଏଲ୍ଏଲ୍‌ପି ସହ ଭାଗୀଦାରି କରିଛି। ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଦେବାଶିଷ ବନ୍ଦ୍ୟୋପାଧ୍ୟାୟ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ମଧ୍ୟ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ।





## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ସଂ. 21-SBP-TRD-OT-2026-27, ତା.01.10.2026ରିଖ

**କାର୍ଯ୍ୟର ନାମ :** "ସମ୍ବଲପୁର ମଣ୍ଡଳ ଅଧିନସ୍ଥ ଟିଟିଲାଗଡ଼-ଥେରୁବାଲି ସେକ୍ସନରେ କେସିଙ୍ଗା-ଟିଟିଲାଗଡ଼ ଷ୍ଟେସନ ମଧ୍ୟରେ କେସିଙ୍ଗା ନିକଟରେ NH 201 (ଚେନେଜ୍ 176 କି.ମି.) ଉପରେ ରେଳବାଇ କି.ମି. 215/5-7 ଠାରେ ଥିବା ଲେଭେଲ କ୍ରସିଙ୍ଗ ସଂ. RV-172 ପରିବର୍ତ୍ତେ ରେଳବାଇ କି.ମି. 214.954 ଠାରେ ରୋଡ୍ ଓଭର ବ୍ରିଜ୍‌ର ନିର୍ମାଣ ନିମନ୍ତେ ଉପଯୋଗୀ ସେବାଗୁଡ଼ିକର ସ୍ଥାନାନ୍ତରଣ" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ ।

**ଆନୁମାନିକ ମୂଲ୍ୟ :** ₹ 41,55,269.33, **EMD :** ₹ 83,100/-, ଶେଷ ହେବା ଅବଧି : 08 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.10.2026ରିଖ 1530 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି । ଟେଣ୍ଡରଦାତା ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-484/R/26-27


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିରବିଗଲେ...

'ସୁବେଦାର'ରେ ବିଶେଷ ଭୂମିକାରେ ଅଭିନୟ କରିଥିଲେ। ନାନା ପାଟେକରଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ସିନେପ୍ରେମୀଙ୍କ ଯାଏଁ ସମସ୍ତେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରିଛନ୍ତି। ସେ ଲେଖିଛନ୍ତି ଯେ, ନାନା ପାଟେକରଙ୍କ ଗଭୀରତା, ବ୍ୟକ୍ତିତ୍ୱ ଏବଂ ସ୍ୱତନ୍ତ୍ର ଉପସ୍ଥିତି ଖୁବ୍ କମ୍ ଅଭିନେତାଙ୍କ ପାଖରେ ଥିଲା । ସେ ପ୍ରତ୍ୟେକ ଭୂମିକାରେ ଉଲ୍ଲେଖନୀୟ ବିବିଧତା ଏବଂ ସୃଜନଶୀଳତା ପ୍ରଦର୍ଶନ କରିଥିଲେ। ଆଗାମୀ ପିଢ଼ି ପର୍ଯ୍ୟନ୍ତ ମନେ ରହିଲା ଭଳି ଚରିତ୍ରଗୁଡ଼ିକୁ ପରିବେଷଣ କରିଥିଲେ । ସେ ତାଙ୍କର ସ୍ପଷ୍ଟ ବିଚାରଧାରା ପାଇଁ ମଧ୍ୟ ପରିଚିତ ଥିଲେ। ହିନ୍ଦୀ ଓ ମରାଠି ସିନେମାରେ ତାଙ୍କର ମହତ୍ୱପୂର୍ଣ୍ଣ ଯୋଗଦାନ ଥିଲା । ଭଗବାନ ତାଙ୍କ ପରିବାର, ବନ୍ଧୁ ପରିଜନ ଏବଂ ଅଗଣିତ ପ୍ରଶଂସକଙ୍କୁ ଧୈର୍ଯ୍ୟ ଦିଅନ୍ତୁ । ଦିବଙ୍ଗତ ଆତ୍ମାଙ୍କୁ ଶାନ୍ତି ମିଳୁ । ସେହିପରି ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ, ନାନା ପାଟେକରଙ୍କ ଦେହାନ୍ତ କଳା ଜଗତ ପାଇଁ ଅପୂରଣୀୟ କ୍ଷତି । ପାଞ୍ଚ ଦଶନ୍ଧି ଧରି ନାନା ପାଟେକର ତାଙ୍କର ଅଭିନୟ ଏବଂ ସଂଳାପ ମାଧ୍ୟମରେ ଦର୍ଶକଙ୍କ ଉପରେ ଗଭୀର ଛାପ ଛାଡିଥିଲେ । ଗମ୍ଭୀର ସାମାଜିକ ପ୍ରସଙ୍ଗ ହେଉ କି ହାସ୍ୟ ବ୍ୟଙ୍ଗ, ସେ ପ୍ରତ୍ୟେକ ଚରିତ୍ରକୁ ଜୀବନ୍ତ କରିଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଶୋକ ବ୍ୟକ୍ତ କରିଛନ୍ତି । ଭାରତୀୟ ସିନେ ଜଗତ ପାଇଁ ଏହା ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା,କେଭି ସିଂ ଦେଓ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ବ୍ୟକ୍ତ କରିଛନ୍ତି ।

### ମାତୃ ମୃତ୍ୟୁହାର....

ବିଭାଗକୁ ଦୃଢ଼ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବିଶେଷକରି ପ୍ରସୂତି ଏବଂ ନବଜାତ ଶିଶୁମାନଙ୍କୁ ଗ୍ରାମାଞ୍ଚଳ ତଥା ଦୂରଦୂରାନ୍ତ ଅଞ୍ଚଳରେ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇବା, ସ୍ୱାସ୍ଥ୍ୟକର୍ମୀମାନଙ୍କ ଦାୟିତ୍ୱବୋଧ ବୃଦ୍ଧି କରିବା ଏବଂ ମେଡିକାଲ ଗୁଡ଼ିକରେ ଜରୁରୀକାଳୀନ ସେବାକୁ ଅଧିକ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଶିଶୁମାନଙ୍କ ମଧ୍ୟରେ ଦେଖାଯାଉଥିବା ପୁଷ୍ଟିହୀନତା ଯୋଗୁ ବୟସ ଅନୁପାତରେ କମ୍ ଉଚ୍ଚତା ଓ ଦୁର୍ବଳ ପରି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି । ଏହିସବୁ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିବା ପାଇଁ 'ସୁପୋଷିତ ଓଡ଼ିଶା ଅଭିଯାନକୁ ଅଧିକ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

### ରାଜ୍ୟରେ...

କାର୍ଯ୍ୟାଳୟ ସାମାନ୍ୟ ପ୍ରଭାବିତ ହୋଇଥିଲା । ପେଟ୍ରୋଲ ପମ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ମଧ୍ୟ ପ୍ରଭାବ ପଡ଼ିଛି । ତେବେ ବନ୍ଦ ପାଳନରୁ ଜରୁରୀକାଳୀନ ସେବାକୁ ବାଦ ଦିଆଯାଇଛି । ହସ୍ପିଟାଲ, ଆମ୍ବୁଲାନ୍ସ, ଦମକଳ ସେବା, ମେଡିସିନ୍ ଦୋକାନ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଓ ଜରୁରୀ ସେବା ଜାରି ରହିଥିଲା । ବନ୍ଦ ସମୟରେ ରାସ୍ତାରେ ଶାନ୍ତିପୂର୍ଣ୍ଣ ପିକେଟିଂ, ଧାରଣା ଓ ପ୍ରତିବାଦ କାର୍ଯ୍ୟକ୍ରମ କରାଯାଇଥିଲା । ବିଭିନ୍ନ ସ୍ଥାନରେ ସାଧାରଣ ଲୋକଙ୍କ ସହିତ ନମ୍ର,ଭଦ୍ର ଓ ବ୍ୟବହାର,ଜରୁରୀ ଆବଶ୍ୟକତାରେ ଯାଉଥିବା ଲୋକଙ୍କୁ ସହଯୋଗ ଆଦି ଦେଖିବାକୁ ମିଳିଥିଲା ।

# ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସମ୍ବଲପୁର-ଜରପଡ଼ା ସେକ୍ସନ ନିରୀକ୍ଷଣ

**ସମ୍ବଲପୁର, (ହୀ.ପ୍ର):** ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର, ଶ୍ରୀ ସୁବାଷ ଚନ୍ଦ୍ର ଚୌଧରୀ, ୦୭.୧୦.୨୦୨୬ ତାରିଖରେ ସମ୍ବଲପୁର-ଜରପଡ଼ା ସେକ୍ସନ ନିରୀକ୍ଷଣ କରିଥିଲେ ।ନିରୀକ୍ଷଣ ସମୟରେ, ମଣ୍ଡଳ ରେଳ ପ୍ରବନ୍ଧକ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଚାଲୁଥିବା ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ସେ ଯାତ୍ରୀ ସୁବିଧାର ସ୍ଥିତି ମୂଲ୍ୟାଙ୍କନ କଲେ ଏବଂ ଷ୍ଟେସନରେ ସ୍ଥାୟୀ ସମ୍ପତ୍ତି, କାର୍ଯ୍ୟକ୍ଷମ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ସୁବିଧା ଯାଞ୍ଚ କରିଥିଲେ। ଶ୍ରୀ ଚୌଧରୀ ରେଳ କର୍ମଚାରୀଙ୍କ ସହିତ ମଧ୍ୟ ଆଲୋଚନା କଲେ ଏବଂ ସେମାନଙ୍କର କାର୍ଯ୍ୟ ପରିସ୍ଥିତି ସମୀକ୍ଷା କରିଥିଲେ। ସେ କର୍ମଚାରୀମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବା ସମୟରେ ଦକ୍ଷତା, ସୁରକ୍ଷା, ଶୃଙ୍ଖଳା ଏବଂ ଯାତ୍ରୀ ସେବାର ଉଚ୍ଚ ମାନ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ମଣ୍ଡଳ ରେଳ ପ୍ରବନ୍ଧକ ସମସ୍ତ ଚାଲୁଥିବା ବିକାଶମୂଳକ ଏବଂ ଭିତ୍ତିଭୂମି କାର୍ଯ୍ୟଗୁଡ଼ିକୁ ସମୟସୀମାରେ ସମାପ୍ତ କରିବା ସହିତ ଗୁଣବତ୍ତା ଏବଂ ସୁରକ୍ଷା ମାନଦଣ୍ଡର ପାଳନ ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସୁରକ୍ଷିତ, ନିର୍ଭରଯୋଗ୍ୟ ତଥା ଯାତ୍ରୀ-ଅନୁକୂଳ ରେଳ ସେବା ଯୋଗାଇବା ଦିଗରେ ସମ୍ବଲପୁର ମଣ୍ଡଳର ପ୍ରତିବଦ୍ଧତାକୁ ଦୋହରାଇଥିଲେ।






Owned, Edited, Printed and Published by Jugal Kishor Samal and Printed at- OMM PRINTERS, Plot No-6709, Near Radhakrushna Temple, Mancheswar Industrial Estate, Bhubaneswar, Khordha, Odisha- 751010. and Published at –Sambalpur, Hiranchal, Plot No-802, At-Sakhipada, Sambalpur, Odisha -768001

Editor- Jugal Kishor Samal
ସମ୍ପାଦକ: ଯୁଗଳ କିଶୋର ସାମଲ

## ମୁଖୀବିଦାଇ ଯୁବକଙ୍କୁ ସଲ୍ୟୁଟ୍
# ପାହାଡ଼ କାଟି ନିଜ ଶ୍ରମରେ ତିଆରି କଲେ ଭଲିବଲ୍ ପଡ଼ିଆ

**କୋରାପୁଟ(ହୀ.ପ୍ର):** ଖେଳପ୍ରତି ଆଗ୍ରହ ଅଛି, ହେଲେ ଗ୍ରାମରେ ନାହିଁ ଖେଳପଡ଼ିଆ। ସରକାରୀ ସହାୟତାକୁ ଅପେକ୍ଷା ନକରି ନିଜ ଶ୍ରମ ଓ ଅର୍ଥରେ ପାହାଡ଼ କାଟି ଭଲିବଲ୍ ପଡ଼ିଆ ନିର୍ମାଣ କରି ଉଦାହରଣ ସୃଷ୍ଟି କରିଛନ୍ତି ରାଜପୁତ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମୁଖୀବିଦାଇ ଗ୍ରାମର ଯୁବକମାନେ। ପ୍ରାୟ ୧୦ ଦିନ ଧରି ଯୁବକମାନେ ଶ୍ରମଦାନ କରି ପାହାଡ଼ କାଟି ଜମିକୁ ସମତଳ କରିବା ସହ ନିଜ ଖର୍ଚ୍ଚରେ ଭଲିବଲ୍ ପଡ଼ିଆ ତିଆରି କରିଛନ୍ତି। ଶିବ ପାଙ୍ଗୀ, ବନ୍ଧୁ ମୁଣ୍ଡଗଡ଼ିଆ, ନିରଞ୍ଜନ ମାଝୀ, ଅନିଲ ହନ୍ତାଳ, ହରେଶ ବାରିକ, ସୁନୀଲ କୁଲଦୀପ, କିଶୋର କୁଲଦୀପ, ବାବୁଲା ଖେମୁଣ୍ଡୁ, ପିଣ୍ଟୁ ଭାଲୁ, କୁଷ ଖେଣ୍ଡୁ ଓ ଅନନ୍ତ ପାଟୁଙ୍କ ସମେତ ଗ୍ରାମର ଯୁବକମାନଙ୍କ ମିଳିତ ପ୍ରୟାସରେ ଏହି କାର୍ଯ୍ୟ ସଫଳ ହୋଇଛି। ଡମ୍ବ, ପରଜା ଓ ରାଣା ସାହିର ଯୁବକମାନଙ୍କ ମଧ୍ୟରେ ଥିବା ଭାଇଚାରା ମଧ୍ୟ ଏହି ଉଦ୍ୟମକୁ ସଫଳ କରିଛି। ଯୁବକ ତିଆରି କଲେ ପଡ଼ିଆ, ଏବେ ପ୍ରଶାସନର ପାଳି ଯେଉଁ ଖେଳ ପଡ଼ିଆ ପାଇଁ ଗ୍ରାମବାସୀ ସରକାରୀ ସହାୟତା ଆଶା କରୁଥିଲେ, ସେଠାରେ ଯୁବକମାନେ ନିଜ ଉଦ୍ୟମରେ ପାହାଡ଼ କାଟି ପଡ଼ିଆ ନିର୍ମାଣ କରିଛନ୍ତି। ଏବେ ଏହି ପଡ଼ିଆକୁ ସ୍ଥାୟୀ ଓ ଉପଯୋଗୀ ଖେଳ ଭିତ୍ତିଭୂମିରେ ପରିଣତ କରିବା ଦାୟିତ୍ୱ ପ୍ରଶାସନର। ଗ୍ରାମରେ ଏକ ସ୍ଥାୟୀ ବହୁମୁଖୀ ଖେଳ ପଡ଼ିଆ, ଆଲୋକ ବ୍ୟବସ୍ଥା ଓ ଆବଶ୍ୟକ ଖେଳ ସାମଗ୍ରୀ ଯୋଗାଇ ଦିଆଗଲେ ଯୁବକମାନେ ନିୟମିତ ଅଭ୍ୟାସ କରିବା ସହ ପ୍ରତିଭା ବିକାଶର ସୁଯୋଗ ପାଇପାରିବେ। ତେଣୁ ନିଜ ଶ୍ରମରେ ପଡ଼ିଆ ଗଢ଼ିଥିବା ଏହି ଯୁବକମାନଙ୍କ ପାଇଁ ପ୍ରଶାସନ ଏବେ କ'ଣ ପଦକ୍ଷେପ ନେବ? ଏହା ଏବେ ଗ୍ରାମବାସୀଙ୍କ ପ୍ରଶ୍ନ। ସମାଜସେବୀ ଆଶିଷ ଭାଲୁ ଯୁବକମାନଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ଗ୍ରାମରେ ସ୍ଥାୟୀ ବହୁମୁଖୀ ଖେଳ ପଡ଼ିଆ ନିର୍ମାଣ ଓ ଯୁବକମାନଙ୍କୁ ଖେଳ ସାମଗ୍ରୀ ଓ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇବା ପାଇଁ ପ୍ରଶାସନ ନିକଟରେ ଦାବି ରଖିବେ ବୋଲି କହିଛନ୍ତି। ମୁଖୀବିଦାଇର ଯୁବକମାନେ ନିଜ ଶ୍ରମରେ ଯେଉଁ ପଡ଼ିଆର ଭିତ୍ତି ଗଢ଼ିଛନ୍ତି, ତାହାକୁ ସ୍ଥାୟୀ ରୂପ ଦେଇ ଯୁବ ପ୍ରତିଭାକୁ ଆଗକୁ ନେବାରେ ପ୍ରଶାସନ କେବେ ଆଗେଇ ଆସୁଛି, ଏବେ ତାହା ଉପରେ ନଜର।



# ଭଙ୍ଗା ଆଜବେଷ୍ଟ କୋଠାରେ ଝୁଲୁଛି ନିରୀକ୍ଷକ କାର୍ଯ୍ୟାଳୟର ଭାଗ୍ୟ

**ମୁନିଗୁଡା(ହୀ.ପ୍ର):** ଯେଉଁ ବିଭାଗ ସାରା ରାଜ୍ୟରେ ଲୋକଙ୍କୁ ଘର ତିଆରି ପାଇଁ ଜାଗା ଚିହ୍ନଟ କରି ଅନୁମତି ଦେଉଛି, ଆଜି ସେହି ବିଭାଗ ନିଜେ ଅସହାୟ। ନିଜ ପାଇଁ ଗୋଟିଏ ପକ୍କା କୋଠାଟିଏ ଗଢି ପାରୁନି। ଏ ଦୃଶ୍ୟ ହେଉଛି ରାୟଗଡା ଜିଲ୍ଲା ମୁନିଗୁଡା ତହସିଲ ଅନ୍ତର୍ଗତ ଅମ୍ବାଦଳା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର। ସହର ମଝିରେ, ରାଜରାସ୍ତା କଡରେ ଥିବା ଏହି କାର୍ଯ୍ୟାଳୟଟି ଦୀର୍ଘ ବର୍ଷ ହେଲା ଏକ ପୁରାତନ ଆଜବେଷ୍ଟ କୋଠାରେ ଚାଲିଛି। ଆଜବେଷ୍ଟ ସବୁ ଭାଙ୍ଗି ଯାଇଛି, ଛାତରୁ ବର୍ଷା ପାଣି ଝରୁଛି। ତେଣୁ ବାଧ୍ୟ ହୋଇ କିଛି ଅଂଶକୁ ଜରିପାଳ ଘୋଡାଇ କାମ ଚଳାଯାଉଛି। ଦୂରରୁ ଦେଖିଲେ ଲାଗୁଛି ଚଳତି କେ ନାମ ଗାଡି। ଜୀବନକୁ ନେଇ କାମ ଏହି ବିପଦପୂର୍ଣ୍ଣ କୋଠାରେ ବସି କାମ କରିବା ମୃତ୍ୟୁକୁ ଡାକିବା ସହ ସମାନ। ଯେ କୌଣସି ମୁହୂର୍ତ୍ତରେ ଛାତ ଭୁଷୁଡି ପଡିବାର ଭୟ ରହିଛି। ରାଜସ୍ୱ ନିରୀକ୍ଷକ ନିଜେ କହିଛନ୍ତି, କାର୍ଯ୍ୟାଳୟରେ ବସି କାର୍ଯ୍ୟ କରିବା ଅପେକ୍ଷା ବାହାରେ ପଡିଆରେ କାର୍ଯ୍ୟ କରିବା ଅଧିକ ନିରାପଦ ମଣୁଛି। ସବୁଠୁ ଦୁଃଖର କଥା, ଏହି କାର୍ଯ୍ୟାଳୟ ସହିତ ନିରୀକ୍ଷକଙ୍କ ବାସଗୃହ ମଧ୍ୟ ମିଶି ରହିଛି। ଅର୍ଥାତ୍ ଦିନରେ କାର୍ଯ୍ୟାଳୟ, ରାତିରେ ସେହି ବିପଦପୂର୍ଣ୍ଣ କୋଠାରେ ବାସ। ଭୟରେ ନିରୀକ୍ଷକ ରାତିରେ ଅନ୍ୟତ୍ର ରହୁଛନ୍ତି। ଏ ସମ୍ପର୍କରେ ମୁନିଗୁଡା ତହସିଲଦାର ଏମ୍. ଅନୁରାଧାଙ୍କୁ ପଚାରିବାରୁ ଅମ୍ବାଦଳା ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ଓ ବାସସ୍ଥଳି ପାଇଁ ଆକଳନ ଦିଆ ସରିଛି ଶୀଘ୍ର କୋଠା କାର୍ଯ୍ୟ ଆରମ୍ଭ ହେବ ବୋଲି ଉତ୍ତର ରଖିଛନ୍ତି।



## ପାରଳାଖେମୁଣ୍ଡି ବଡ ରାଧାକାନ୍ତ ମଠରେ ସପ୍ତାହବ୍ୟାପୀ ଭାଗବତ ପାରାୟଣ ଉଦଯାପିତ

**ପାରଳାଖେମୁଣ୍ଡି(ହୀ.ପ୍ର):** ସ୍ଥାନୀୟ ବଡ ରାଧାକାନ୍ତ ମଠରେ ସପ୍ତାହବ୍ୟାପୀ ଭାଗବତ ପାରାୟଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ଗତ ଅକ୍ଟୋବର ୧ ରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପାରାୟଣ କାର୍ଯ୍ୟକ୍ରମ ପ୍ରତ୍ୟେକ ଦିନ ପୂର୍ବାହ୍ନ ୯ଟାଠାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲୁଥିଲା। ଏଥିରେ ବାଗ୍ମୀ ପ୍ରବଚକ ବଲାଂଗିରର ଇପ୍ସିତ ମିଶ୍ରଙ୍କୁ ବାଦ୍ୟଯନ୍ତ୍ରରେ ସୁବନ୍ତ କୁମାର ସାହୁ ଏବଂ ହାରମୋନିୟମରେ ହାଣ୍ଡିବନ୍ଧୁ ମାନିୟର ଏହି ପାରାୟଣରେ ସହଯୋଗ କରିଥିଲେ। ଏହି ପ୍ରସିଦ୍ଧ ପୁରାଣରେ ଲିଖିତ ଭକ୍ତି, ଜ୍ଞାନ ଓ କର୍ମର ସାରଣୀକୁ ଗୀତ ମାଧ୍ୟମରେ ଉପସ୍ଥାପନା କରି ତାର ଭାବାର୍ଥକୁ ସରଳ ଭାବେ ବୁଝାଇଥିଲେ। ସମାଜର ମୁଖ୍ୟସ୍ରୋତରେ ନିଜର ଭକ୍ତି ଓ ବଳିଷ୍ଠ କର୍ମ ଓ ସେବା ଦ୍ୱାରା ମନୁଷ୍ୟ ପ୍ରଶଂସିତ ହୋଇଥାଏ। ତାହାହିଁ ସେହି ମନୁଷ୍ୟକୁ ଦେବତ୍ୱ ସ୍ୱୀକୃତି ଦେଇଥାଏ। ପର ଆପଣାର ସଦିଚ୍ଛା ଏକ ନିର୍ମଳ ମସ୍ତିଷ୍କରେ ପ୍ରକଟ ହୋଇ ସ୍ୱଚ୍ଛତାର ଭାବବିନିମୟ ପରିପ୍ରକାଶ କରିଥାଏ। ମନକୁ ସର୍ବଦା ସନ୍ତୁଳିତ ଓ ସଂଯମତା ରଖିବା ଶକ୍ତି ତାକୁ ଶ୍ରେଷ୍ଠତ୍ୱ ପରିଚୟ ଦେଇଥାଏ। ଗୀତର ଭାବାର୍ଥ ଭକ୍ତମାନଙ୍କୁ ଆଧ୍ୟାତ୍ମିକ ଧ୍ୱନିରେ ବାନ୍ଧିରଖିଥିଲା। ଏହି ଦୀର୍ଘ ୭ ଦିନବ୍ୟାପୀ କାର୍ଯ୍ୟକ୍ରମରେ ସମସ୍ତ ଭାଗବତ ପ୍ରେମୀ ଉପସ୍ଥିତ ରହି ଶାନ୍ତ ଓ କମନୀୟ ବାତାବରଣ ଭିତରେ ନିଜକୁ ଉନ୍ମୁକ୍ତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହନ୍ତ ରାମାନନ୍ଦ ରାମାନନ୍ଦଦାସ ମହାରାଜ, ଶ୍ରୀକୃଷ୍ଣ ଗୋପାଳ ଦାସ ଗୋସ୍ୱାମୀ ମହାରାଜ ଏବଂ ବିଭିନ୍ନ ମଠର ମହନ୍ତ ମାନେ ଉପସ୍ଥିତ ଥିଲେ। ଏହାକୁ ବାବା ପ୍ରାଣ ଗୌରାଙ୍ଗ ଦାସ ପରିଚାଳନା କରିଥିଲେ। ସର୍ବୋପରି ନିର୍ମଳ କୁମାର ପାଢୀ, ଗୋପାଳକୃଷ୍ଣ ପଟ୍ଟନାୟକ, ରବି ପାଣିଗ୍ରାହୀ, ଦୂର୍ଗାମାଧବ ପାଣିଗ୍ରାହୀ ଏବଂ ଅନ୍ୟାନ୍ୟ ଭକ୍ତବୃନ୍ଦ ସହଯୋଗ କରିଥିଲେ।

# ନାବାଳିକାଙ୍କୁ ବିବାହ ଓ ଯୌନ ନିର୍ଯାତନା ଅଭିଯୋଗରେ ଯୁବକ ଗିରଫ

**ଟାଙ୍ଗୀ(ହୀ.ପ୍ର):** ନାବାଳିକାଙ୍କୁ ବିବାହ, ଯୌନ ନିର୍ଯାତନା ଓ ନିର୍ଯାତନା ଅଭିଯୋଗରେ ଟାଙ୍ଗୀ ଥାନା ପୁଲିସ ଜାଜପୁର ଜିଲ୍ଲା ବଡ଼ଚଣା ଥାନା ଅନ୍ତର୍ଗତ ଧନମଣ୍ଡଳ ଗ୍ରାମର ଜ୍ୟୋତି ପ୍ରକାଶ ନାୟକ (୨୯)ଙ୍କୁ ଗିରଫ କରିଛି। ଏନେଇ ଟାଙ୍ଗୀ ଥାନାରେ କେସ୍ ନମ୍ବର ୫୪୬/୨୦୨୬ ରୁଜୁ ହୋଇଛି।



ପୁଲିସ ସୂଚନା ଅନୁଯାୟୀ, ଅକ୍ଟୋବର ୭ ତାରିଖରେ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ବିଏନ୍ଏସ୍‌ର ବିଭିନ୍ନ ଧାରା, ପୋକ୍ସୋ ଆଇନ ଓ ବାଲ୍ୟବିବାହ ନିଷେଧ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଅନୁଯାୟୀ, ୨୦୨୩ ମସିହା ମେ' ମାସରେ ଅଭିଯୁକ୍ତଙ୍କ ସହ ପୀଡ଼ିତାଙ୍କ ବିବାହ ହୋଇଥିଲା। ବିବାହ ପରେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ନିଶା ଔଷଧ ଦେଇ ଜୋରଜବରଦସ୍ତ ଯୌନ ସମ୍ପର୍କ ସ୍ଥାପନ କରାଯାଇଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ଶ୍ୱଶୁର ଘର ଲୋକଙ୍କ ବିରୋଧରେ ମଧ୍ୟ ନିର୍ଯାତନା ଓ ଧମକ ଦେବାର ଅଭିଯୋଗ ରହିଛି। ତଦନ୍ତ ସମୟରେ ପୁଲିସ ପୀଡ଼ିତାଙ୍କ ଜନ୍ମ ପ୍ରମାଣପତ୍ର ଜବତ କରି ଯାଞ୍ଚ କରିଥିଲା। ପ୍ରମାଣପତ୍ରରେ ତାଙ୍କ ଜନ୍ମତାରିଖ ୨୪ ଜୁନ୍ ୨୦୦୭ ଦର୍ଶାଯାଇଛି। ଦସ୍ତାବିଜ ଯାଞ୍ଚରୁ ବିବାହ ସମୟରେ ପୀଡ଼ିତା ନାବାଳିକା ଥିବା ଜଣାପଡ଼ିଥିବା ପୁଲିସ କହିଛି। ପୁଲିସ ପୀଡ଼ିତା ଓ ସାକ୍ଷୀମାନଙ୍କ ବୟାନ ରେକର୍ଡ କରିବା ସହ ତାଙ୍କର ଅଡିଓ-ଭିଡିଓ ବୟାନ ମଧ୍ୟ ରେକର୍ଡ କରିଛି। ଏହାସହ ପୀଡ଼ିତାଙ୍କୁ ଚିକିତ୍ସା ପରୀକ୍ଷା ପାଇଁ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଥିଲା।

ତଦନ୍ତରେ ମିଳିଥିବା ଦସ୍ତାବିଜ, ବୟାନ ଓ ମେଡିକାଲ ରିପୋର୍ଟ ଆଧାରରେ ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ପ୍ରମାଣ ମିଳିବା ପରେ ଅକ୍ଟୋବର ୮ ତାରିଖରେ ପୁଲିସ ତାଙ୍କୁ ଗିରଫ କରିଛି। ପରେ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# କନ୍ଧମାଳ ବ୍ଲକରେ କୃଷି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ମନମୁଣ୍ଡା,(ହୀ.ପ୍ର):** କନ୍ଧମାଳ ବ୍ଲକ କୃଷି କାର୍ଯ୍ୟାଳୟରେ ଦ୍ୱିତୀୟ ଜିଲ୍ଲା ସ୍ତରୀୟ କୃଷକ ଉତ୍ପାଦକ ସଂଗଠନର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ତପନ କୁମାର ଦାସ ମୁଖ୍ୟ ଅତିଥି, ବିଷୟ ବସ୍ତୁ ବିଶେଷଜ୍ଞ ମୟୁରୀ ସିଂ ସର୍ଦ୍ଦାର, କନ୍ଧମାଳ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ବିମଳ କୁମାର ଚୌଧୁରୀ, ସହକାରୀ କୃଷି ଅଧିକାରୀ ସୁଶ୍ରୀ ଚାନ୍ଦିନୀ ପ୍ରଧାନ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ତ୍ରିଲୋଚନ ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟତଃ କୃଷକ ଉତ୍ପାଦକ ସଂଗଠନର ସଦସ୍ୟମାନଙ୍କର ଦାୟିତ୍ୱ, ବିଭିନ୍ନ ସରକାରୀ ଯୋଜନା ଏବଂ ସେଗୁଡ଼ିକୁ କିପରି ସୁରୁଖୁରୁରେ ହାସଲ କରାଯାଇପାରିବ ସେନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। କୃଷି, ଉଦ୍ୟାନ କୃଷି ଏବଂ ପ୍ରାଣୀ ସମ୍ପଦ ବିଭାଗର ବିଭିନ୍ନ ସବସିଡ୍ ତଥା ଲୋକକଲ୍ୟାଣକାରୀ ଯୋଜନା ଗୁଡ଼ିକ ବିଷୟରେ ଅତିଥିମାନେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳରେ କୃଷକ ଉତ୍ପାଦକ ସଂଗଠନର ସଦସ୍ୟ ଏବଂ ନିର୍ଦ୍ଦେଶକମାନେ କିପରି ସମୂହ ଚାଷ, ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ଏବଂ ବଜାର ସଂଯୋଗୀକରଣରେ ସକ୍ରିୟ ଭୂମିକା ଗ୍ରହଣ କରିବେ, ସେଥିପାଇଁ ପରାମର୍ଶ ଦିଆଯାଇଥିଲା। କୃଷକ ଉତ୍ପାଦକ ସଂଗଠନ ମାଧ୍ୟମରେ କୃଷକମାନେ କିପରି ସରକାରୀ ଯୋଜନାଗୁଡ଼ିକର ସର୍ବାଧିକ ଲାଭ ଉଠାଇ ପାରିବେ ଏବଂ ଆର୍ଥିକ ଭାବରେ ସ୍ୱାବଲମ୍ବୀ ହୋଇପାରିବେ, ସେହି ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୱାସିଡିଏ ପ୍ରୋଗ୍ରାମ ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ଖଟୁଆ ମଞ୍ଚ ପରିଚାଳନା କରିଥିଲେ। କର୍ମଚାରୀ ଅଜିତ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ମାତୃଶକ୍ତି ମହିଳା କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍, କନ୍ଧମାଳର ନିର୍ଦ୍ଦେଶିକା, ଦୁହିଆ ମଣିହାରା, ଆକାଉଣ୍ଟାଣ୍ଟ ତୋଫାନ ମେହେର, ବଣାଣୀ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ର ସି.ଇ.ଓ. ସନ୍ତୋଷ ମହାକୁଡ଼ ଏବଂ ଅଂଶୀଦାରମାନେ ଉପସ୍ଥିତଥିଲେ।



## କୁଚିଣ୍ଡା ସହରରେ ୬ ଟିକିଆ ହାତୀ ପଲ

କୁଚିଣ୍ଡା,୮/୧୦(ହୀ.ପ୍ର): ଆଜି ସକାଳ ସମୟରେ କୁସୁମି ପଟୁ ନୂଆ ବସଷ୍ଟାଣ୍ଡ ପେଟ୍ରୋଲ ପମ୍ପ ରାସ୍ତା ପାରି ହୋଇ କୁଚିଣ୍ଡା କଲେଜ ପଡ଼ିଆ କାଜୁ ବଗିଚା ଏଲ୍ ଆଇସି ଅଫିସ୍ ପଛପଟେ ପଶି ଆସିଛନ୍ତି ୬ ଟିକିଆ ହାତିପଲ। କୁଚିଣ୍ଡା ବନାଞ୍ଚଳ ଅଧିକାରୀଣି ଲେଖା ରାଣୀ ମହାନନ୍ଦଙ୍କ ନେତୃତ୍ୱରେ ବାମରା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ପଚାଶ ଜଣିଆ ଟିମ୍ ଆସି ହାତୀ ମାନଙ୍କୁ ସୁରକ୍ଷାର ସହିତ ଜଙ୍ଗଲ ଅଭିମୁଖେ ଘଉଡ଼ାଇବା ରେ ଚେଷ୍ଟା ଜାରି ରଖିଥିଲେ। ପ୍ରାୟ ଅପରାହ୍ନ ୩ଟା ସମୟରେ ହାତୀ ମାନେ ଏଲ୍ ଆଇସି ଛକରେ ବାହାରି ଚାଷଜମି ମଧ୍ୟରେ ଯାଇ କୁଚିଣ୍ଡା ଭେଡେନ ନଦୀ ପୋଲ ନିକଟରେ ରାସ୍ତା ପାରି ହୋଇ, ଯେଉଁ ଦିଗରୁ ଆସିଥିଲେ ସେ ଦିଗକୁ ପୁଣି ଫେରିଯାଇଥିଲେ। ଏନେଇ କୁଚିଣ୍ଡା ସହର ବାସୀଙ୍କୁ ଭୟଭୀତ ନହୋଇ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ନକରିବା ପାଇଁ ବିଭାଗ ପକ୍ଷରୁ ଅନୁରୋଧ କରିଛନ୍ତି।



# ନାବାଳିକାଙ୍କୁ ନେଇ ଫେରାର ଅଭିଯୋଗ, ଯୁବକ ଗିରଫ

**ଜଗତପୁର(ହୀ.ପ୍ର):** ନାବାଳିକା ଯୁବତୀଙ୍କୁ ପ୍ରଲୋଭନ ଦେଖାଇ ନେଇଯିବା ଏବଂ ବିବାହ ପାଇଁ ଚାପ ପକାଇବା ଅଭିଯୋଗରେ ଜଗତପୁର ଥାନା ପୁଲିସ ପଶ୍ଚିମବଙ୍ଗ କୁଚବିହାର ଜିଲ୍ଲା ସିତାଇ ଥାନା ଅନ୍ତର୍ଗତ ଛାଟ ବାରୋମାସିଆ, ସିଲଦୁଆର ଅଞ୍ଚଳର ଲାମାନ ମିଆଁ (୨୧)ଙ୍କୁ ଗିରଫ କରିଛି। ତାଙ୍କ ବିରୋଧରେ ପୂର୍ବରୁ ଜଗତପୁର ଥାନା କେସ୍ ନମ୍ବର ୬୧୨, ତାରିଖ ୧୧.୦୯.୨୦୨୬ରେ ବିଏନ୍ଏସ୍ ଧାରା ୧୩୭(୨)ରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ସମୟରେ ଏଥିରେ ବିଏନ୍ଏସ୍ ଧାରା ୮୭ ମଧ୍ୟ ଯୋଡ଼ାଯାଇଛି।

ପୁଲିସ ସୂଚନା ଅନୁଯାୟୀ, ଚମ୍ପାଟି ଗ୍ରାମର ସୌମ୍ୟ ରଞ୍ଜନ ଓଝା (୧୯) ଗତ ୧୧ ତାରିଖ ରାତିରେ ଜଗତପୁର ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ୧୭ ବର୍ଷୀୟା ଭଉଣୀ ସେପ୍ଟେମ୍ବର ୧ ତାରିଖ ସକାଳ ପ୍ରାୟ ୧୦ଟାରେ ବାହୁଗ୍ରାମ କଲେଜ ଯିବାକୁ ଘରୁ ବାହାରିଥିଲେ। ହେଲେ ସେ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇନଥିଲେ। ନାବାଳିକା ନିଜ ସହ ଏକ ମୋବାଇଲ ଫୋନ ନେଇଯାଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଥିଲା।



ଘଟଣାର ତଦନ୍ତ ସମୟରେ ନାବାଳିକା ଲାମାନ ମିଆଁଙ୍କ ସହ ବେଙ୍ଗାଲୁରୁ ଯାଇଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ପରେ ଗତ ୬ ତାରିଖରେ ପୁଲିସ ବେଙ୍ଗାଲୁରୁରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ତେବେ ସେଠାରୁ ଅଭିଯୁକ୍ତ ଖସିଯାଇଥିଲା।

ତଦନ୍ତରୁ ଜଣାପଡ଼ିଛି ଯେ, ନାବାଳିକାଙ୍କ ସହ ଅଭିଯୁକ୍ତଙ୍କ ସୋସିଆଲ ମିଡିଆ ମାଧ୍ୟମରେ ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ପରିବାର ଲୋକେ ଏହି ସମ୍ପର୍କ ବିଷୟରେ ଜାଣିବା ପରେ ନାବାଳିକାଙ୍କୁ ଅଭିଯୁକ୍ତଙ୍କ ସହ ସମ୍ପର୍କ ନରଖିବାକୁ ଚେତାବନୀ ଦେଇଥିଲେ। ଏହାପରେ ସେ ଅଭିଯୁକ୍ତଙ୍କ ସହ ଘରୁ ଚାଲିଯାଇଥିଲେ।

ଉଭୟ ଟ୍ରେନ୍ ଯୋଗେ ବେଙ୍ଗାଲୁରୁ ଯାଇ ସେଠାରେ ଏକ ଭଡ଼ା ଘରେ ରହୁଥିଲେ। ସେଠାରେ ଅଭିଯୁକ୍ତ ନାବାଳିକାଙ୍କୁ ବିବାହ କରିବା ପାଇଁ ଚାପ ପକାଉଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

ନାବାଳିକାଙ୍କ ବୟସ ପ୍ରମାଣ ପାଇଁ ପୁଲିସ ତାଙ୍କ ଦଶମ ଶ୍ରେଣୀ ପ୍ରମାଣପତ୍ର ଜବତ କରିଛି। ପ୍ରମାଣପତ୍ର ଅନୁଯାୟୀ, ଘଟଣା ସମୟରେ ନାବାଳିକାଙ୍କ ବୟସ ୧୭ ବର୍ଷ ୬ ମାସ ଥିଲା। ତାଙ୍କ ବୟାନ ବିଏନ୍ଏସ୍ଏସ୍ ଧାରା ୧୮୦ ଓ ୧୮୩ ଅନୁଯାୟୀ ରେକର୍ଡ କରାଯାଇଛି।

ଅନ୍ୟପକ୍ଷରେ, ପୁଲିସକୁ ମିଳିଥିବା ସୂଚନା ଆଧାରରେ ଗତ ୭ ତାରିଖ ସନ୍ଧ୍ୟାରେ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରୁ ଲାମାନ ମିଆଁଙ୍କୁ ଗିରଫ କରାଯାଇଥିଲା। ପଚରାଉଚରା ପରେ ତାଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇ ଅଦାଲତରେ ହାଜର କରାଯାଇଛି। ଅଭିଯୁକ୍ତଙ୍କୁ ୧୪ ଦିନିଆ ରିମାଣ୍ଡରେ ପଠାଇବାକୁ ପୁଲିସ ପକ୍ଷରୁ ଅଦାଲତରେ ଆବେଦନ କରାଯାଇଛି।

## କୁଚିଣ୍ଡାରେ ଓଡ଼ିଶା ବନ୍ଦର ପ୍ରଭାବ

**କୁଚିଣ୍ଡା,୮/୧୦(ହୀ.ପ୍ର):** ଇଣ୍ଡିଆ ବ୍ଲକର ଡାକରା ରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ରେ ଦେଖିବାକୁ ମିଳିଛି ଓଡ଼ିଶା ବନ୍ଦର ପ୍ରଭାବ। ଚାରି ଦଫା ଦାବିନେଇ ଆଜି କୁଚିଣ୍ଡା କଂଗ୍ରେସ ପକ୍ଷରୁ ବାଇପାସ ରାସ୍ତା ରେ ବନ୍ଦ କରିବା ସହ ମୁଖ୍ୟ ରାସ୍ତା କୁ ଅବୋରଧ କରିଛନ୍ତି। କେବଳ ଜରୁରୀ କାଳିନ ପରିସ୍ଥିତି କୁ ଛାଡିଦେଲେ, ବାକି ସମସ୍ତ ଦୋକାନ ବଜାର ବସ୍ ଚଳାଚଳ, କେତେକ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ୍ ମଧ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଛି। ଏମ୍ଏମ୍‌ଡିଆର୍ ଆଇନ ରଦ୍ଦ କରିବା, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା, ଜ୍ଞାନେଶ କୁମାରଙ୍କ ଇସ୍ତଫା, ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ପ୍ରମୁଖ ଦାବି ଗୁଡ଼ିକୁ ନେଇ ଏହି ବନ୍ଦ୍ ପାଳନ କରାଯାଉଥିବା କହିଛନ୍ତି। ଏହି ଅବସରରେ କୁଚିଣ୍ଡା ବିଧାୟକ ପ୍ରାର୍ଥୀ କେଦାର ନାଥ ବରିହା, ଜିଲ୍ଲା ଉପସଭାପତି ସଞ୍ଜୟ ମହିନନ୍ଦ, ପିସିସି ସଦସ୍ୟ ସଞ୍ଜିବ ଶର୍ମା, ଯୁବ ସଭାପତି ଆଶିଷ ସିଂ, ସାଧାରଣ ସମ୍ପାଦକ ମହମ୍ମଦ ସଫିକ, ସଂପାଦକ ଜିତେନ୍ଦ୍ର ସାହୁ, କଂଗ୍ରେସ କର୍ମୀ ପିତାମ୍ବର ମାଝୀ ପ୍ରମୁଖ ବରିଷ୍ଠ କଂଗ୍ରେସ କର୍ମୀ ମାନଙ୍କ ସହିତ ଅଞ୍ଚଳର ଜନସାଧାରଣ ସାମିଲ ହୋଇଥିଲେ।

# ଗଣିଆରେ ବନ୍ଦ ସଫଳ

**ଗଣିଆ ୮/୧୦(ହୀ.ପ୍ର):** ଇଣ୍ଡିମେଣ୍ଟ ଡାକରାରେ ଭାରତ ବନ୍ଦ ପାଳନ ହୋଇଥିବା ବେଳେ ଗଣିଆରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଦୋକାନ ବଜାର ବନ୍ଦ ଥିବା ବେଳେ ବ୍ଲକ, କଲେଜ, ବ୍ୟାଙ୍କ ଆଦି ବନ୍ଦ କରାଯାଇଥିଲା। ଗଣିଆ ବ୍ଲକ କଂଗ୍ରେସ ସଭାପତି ହଲିମ୍ ଖାଁଙ୍କ ନେତୃତ୍ୱରେ ଜିଲ୍ଲା ଉପସଭାପତି ସୁକାନ୍ତ କୁମାର ଶତପଥୀ, ଓବିସି ସେଲର ପୂର୍ବତନ ସଭାପତି ନାରାୟଣ ସାହୁ, ବରିଷ୍ଠ ନେତା ପ୍ରଦୀପ୍ତ କୁମାର ମହାପାତ୍ର, ତ୍ରିନାଥ ବେହେରା, ସୁନିଲ ପରିଡା, କୈଳାସ ମହାପାତ୍ର, ଟିକିନି ମହାପାତ୍ର, ଝୁନା ନାୟକ, ବନିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସ କର୍ମୀ ମାନେ ଏକତ୍ରିତ ହୋଇ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଅଫିସ, କଲେଜ, ବ୍ୟାଙ୍କ ଆଦିରେ ପହଞ୍ଚି ସେମାନଙ୍କୁ ବନ୍ଦ କରିବାକୁ ନିବେଦନ କରିଥିଲେ। ଗଣିଆ ବଜାରରେ ଆୟୋଜିତ ପଥପ୍ରାନ୍ତ ସଭାରେ ସରକାରଙ୍କ ଉପରେ ବର୍ଷିଥିଲେ ବରିଷ୍ଠ କଂଗ୍ରେସ ନେତା। ନିର୍ବାଚନ କମିଶନରଙ୍କୁ ଢାଲ କରି ନୀରିହ ଜନସାଧାରଣଙ୍କ ଭୋଟ ଦେବା ଅଧିକାର କ୍ଷୁର୍ଣ୍ଣ କରିଥିବାରୁ ତୁରନ୍ତ ନିର୍ବାଚନ କମିଶନରଙ୍କୁ ନିଲମ୍ବନ କରାଯାଉ ବୋଲି ସେମାନେ ଦାବି କରିଥିଲେ। ଗଣିଆ ବଜାରରେ ନାରାବାଜି କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ, ଏସଆଇ ଶ୍ୟାମସୁନ୍ଦର ପ୍ରଧାନ ପ୍ରମୁଖ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।



# ଜାୱା ୟେଜ୍‌ଦି ପକ୍ଷରୁ ସହଜ କ୍ରୟ ସୁବିଧା




ଭୁବନେଶ୍ୱର: ଜାୱା ୟେଜ୍‌ଦି ମୋଟରସାଇକେଲ୍ସ ଉତ୍ସବ ଋତୁକୁ ଦୃଷ୍ଟିରେ ରଖି 'ଜାୱା ଅଲ୍ ଷ୍ଟାର୍ସ' ଶୃଙ୍ଖଳାକୁ ଆମାଜନ.ଇନ ଏବଂ ଫ୍ଲିପକାର୍ଟ ମାଧ୍ୟମରେ ଉପଲବ୍ଧ କରାଇଛି। ଏହି ଶୃଙ୍ଖଳାରେ ୪୨ ଏଫ୍‌ଜେ, ୪୨ ବର୍ବ ଏବଂ ୪୨ ଓଜି ରହିଛି। 'ଚରିତ୍ର, ଆଚରଣ ଓ ସାହସ'ର ଭାବନାକୁ ନେଇ ନିର୍ମିତ ଏହି ମୋଟରସାଇକେଲ୍‌ଗୁଡ଼ିକ ନିଜସ୍ୱ ନକ୍ସା, ଶୈଳୀ ଓ ଚାଳନା କ୍ଷମତା ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ପଦକ୍ଷେପ ଦ୍ୱାରା ଗ୍ରାହକମାନେ ଘରେ ବସି ନିଜ ପସନ୍ଦର ମୋଟରସାଇକେଲ୍ ବାଛି କିଣିବାର ସୁବିଧା ପାଇପାରିବେ। କ୍ଲାସିକ୍ ଲେଜେଣ୍ଡସ୍‌ର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, "ଜାୱା ସର୍ବଦା ନିଜ ପରିଚୟ ଓ ପସନ୍ଦ ପ୍ରତି ସ୍ପଷ୍ଟ ଥିବା ଚାଳକମାନଙ୍କୁ ଆକର୍ଷିତ କରିଆସିଛି। 'ଜାୱା ଅଲ୍ ଷ୍ଟାର୍ସ' ଏହି ମନୋଭାବର ପ୍ରତିଫଳନ। ତିନୋଟି ମୋଟରସାଇକେଲ୍ ନିଜ ନିଜ ଢଙ୍ଗରେ ଚରିତ୍ର, ଆଚରଣ ଓ ସାହସକୁ ପ୍ରକାଶ କରୁଛି। ଉତ୍ସବ ଋତୁରେ ଏହି ଶୃଙ୍ଖଳାକୁ ନେଇ ଚାଳକମାନଙ୍କ ଆଗ୍ରହ ବଢ଼ିଛି। ଅନ୍‌ଲାଇନ୍‌ରେ ଏହାକୁ ଉପଲବ୍ଧ କରାଇବା ଦ୍ୱାରା ଗ୍ରାହକଙ୍କ ପାଇଁ କିଣିବା ପ୍ରକ୍ରିୟା ଆହୁରି ସହଜ ହୋଇଛି।" ଜାୱା ୟେଜ୍‌ଦିର ୪୫୦ରୁ ଅଧିକ ବିକ୍ରୟ କେନ୍ଦ୍ର ସହିତ ଏହି ସୁବିଧା ଗ୍ରାହକଙ୍କୁ ଅଧିକ ବିକଳ୍ପ ଦେଉଛି। ଅନ୍‌ଲାଇନ୍‌ରେ ମୋଟରସାଇକେଲ୍ ବାଛି ପ୍ରାରମ୍ଭିକ ମୂଲ୍ୟ ପୈଠ କରିବା ପରେ ନିକଟସ୍ଥ ଅଧିକୃତ ବିକ୍ରୟ କେନ୍ଦ୍ର ଅବଶିଷ୍ଟ ଟଙ୍କା ପୈଠ, କାଗଜପତ୍ର, ପଞ୍ଜୀକରଣ ଓ ବୀମା ପ୍ରକ୍ରିୟାରେ ସହାୟତା କରିବ।

# ଟ୍ରୁକଲର ସ୍କାମ ଚେକରର ଶୁଭାରମ୍ଭ

ଭୁବନେଶ୍ୱର: ଟ୍ରୁକଲର ପକ୍ଷରୁ ଆଜି ୱେବ୍ ଏବଂ ଆପ୍‌ରେ ଟ୍ରୁକଲ ସ୍କାମ୍ ଚେକରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଏକ ନୂତନ ଗନ୍ତବ୍ୟସ୍ଥଳ ଯାହା ଲୋକଙ୍କୁ ସେମାନେ କୌଣସି ଠକେଇର ସମ୍ମୁଖୀନ ହେଉଛନ୍ତି କି ନାହିଁ ଶୀଘ୍ର ମୂଲ୍ୟାଙ୍କନ କରିବାରେ ସାହାଯ୍ୟ କରିବ ଏବଂ ଯାହାଫଳରେ ସେମାନେ ନୂଆ ଠକେଇ ଧାରା ସମ୍ପର୍କରେ ଅବଗତ ରହିବେ। ଏହାର ଉଦ୍ଦେଶ୍ୟ ହେଉଛି କଲ ଚିହ୍ନଟ ଏବଂ ସ୍ପାମ୍ ବ୍ଲକିଙ୍ଗ କରିବା ବ୍ୟତୀତ ଟ୍ରୁକଲରର ସ୍କାମ୍ ସୁରକ୍ଷାକୁ ବିସ୍ତାର କରିବା। ଏହି ସମାଧାନ ଏକାଧିକ ସ୍କାମ୍-ଚିହ୍ନଟ କ୍ଷମତାକୁ ଏକ ଅଭିଜ୍ଞତାରେ ଏକତ୍ରିତ କରିଥାଏ, ଯାହା ବ୍ୟବହାରକାରୀଙ୍କୁ ସନ୍ଦେହଜନକ ୱେବ୍ ଲିଙ୍କ୍ ଯାଂଚ କରିବା, ଫୋନ୍ ନମ୍ବର ଖୋଜିବା, ପ୍ରାସଙ୍ଗିକ ସ୍କାମ୍ ରିପୋର୍ଟ ଅନୁସନ୍ଧାନ କରିବା ଏବଂ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ସମ୍ଭାବ୍ୟ ଠକେଇ ପ୍ରୟାସକୁ ଭଲ ଭାବରେ ବୁଝିବାକୁ ଅନୁମତି ଦେଇଥାଏ। ଟ୍ରୁକଲର ସ୍କାମ୍ ଚେର୍କ ସହିତ, ଲୋକମାନେ ସନ୍ଦେହଜନକ ଲିଙ୍କ୍‌ର ଯାଂଚ କରିପାରିବେ, ଏକ ଫୋନ ନମ୍ବର ଲକ୍ କରିପାରିବେ, ସ୍କାମଫ୍ଲଗ୍ଗ ରିପୋର୍ଟ, ସର୍ଚ୍ଚ କରିପାରିବେ, ନିଜ ଶବ୍ଦରେ ଏକ ଚିନ୍ତା ଉଲ୍ଲେଖ କରିପାରିବେ।

ମିଳିତ ଭାବେ ଏହି ଫିଚରଗୁଡିକ ଏକ ସନ୍ଦେହଜନକ ବାର୍ତାରେ ଥିବା ୩ଟି ଜିନିଷକୁ କଭର କରିଥାଏ ତାହା ହେଉଛି ଏକ ନମ୍ବର, ଏକ ଲିଙ୍କ୍ ଏବଂ ଏକ କାହାଣୀ। ଜଣେ ବ୍ୟକ୍ତି କିଛି ସେକେଣ୍ଡ ମଧ୍ୟରେ ସମାନ ସ୍ଥାନରେ ତିନୋଟିକୁ ଯାଂଚ କରିପାରିବେ। କମ୍ପାନୀ ନିକଟ ଭବିଷ୍ୟତରେ ସ୍କାମ୍ ପଦ୍ଧତିର ବ୍ୟାପକ କଭରେଜ୍, ଅଧିକ ବିଶ୍ଳେଷଣ ପାଇଁ ସ୍କ୍ରିନସଟ୍ ଅପଲୋଡ୍, ବ୍ୟବହାରକାରୀ ପ୍ରମାଣୀକରଣ ଏବଂ ଅତିରିକ୍ତ କ୍ଷମତା ସହିତ ଟ୍ରୁକଲର ସ୍କାମ୍ ଚେର୍କକୁ ବିସ୍ତାର କରିବାକୁ ମଧ୍ୟ ଯୋଜନା ରଖିଛି। ଏସମ୍ପର୍କରେ ଟ୍ରୁକଲର୍ର ସିଇଓ ରିସିତ ଝୁନଝୁନୱାଲା କହିଛନ୍ତି, "ଲୋକମାନେ ପ୍ରାୟତଃ କିଛି ଭୁଲ ଅଛି ବୋଲି ଅନୁଭବ କରିଥାନ୍ତି, କିନ୍ତୁ ପ୍ରତିକ୍ରିୟା ଦେବା ପୂର୍ବରୁ ସେମାନଙ୍କୁ ଯାଂଚ କରିବାର ଏକ ଶୀଘ୍ର ଉପାୟ ଆବଶ୍ୟକ ରହିଛି। ସ୍କାମ୍ ଚେର୍କ ଆମର ଚିହ୍ନଟ କ୍ଷମତା ଏବଂ ଆମର ଲୋକମନେ କ'ଣ ରିପୋର୍ଟ କରିଛନ୍ତି ତାହାକୁ ଏକାଠି କରିଥାଏ ଯାହାଫଳରେ ଲୋକମାନେ ଗୋଟିଏ ସ୍ଥାନରେ ଏକ ସନ୍ଦେହଜନକ ଲିଙ୍କ୍, ନମ୍ବର କିମ୍ବା କାହାଣୀ ତଦନ୍ତର କରିପାରିବେ।"

# ଦଶହରା ମଣ୍ଡପ ସୁରକ୍ଷା ପାଇଁ ଟିପିସିଓଡିଏଲ୍‌ର ମାର୍ଗଦର୍ଶିକା ଜାରି

**ଭୁବନେଶ୍ୱର:** ପାର୍ବଣ ସମୟରେ ନିରାପଦ ତଥା ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବା ପାଇଁ ପୂଜା କମିଟି, ଦୋକାନୀ, ବ୍ୟବସାୟୀ ଏବଂ ନାଗରିକମାନଙ୍କୁ ବିଦ୍ୟୁତ୍ ସୁରକ୍ଷା ନିୟମ ପାଳନ କରିବା ସହ ଦଶହରା ସମୟରେ ଅସ୍ଥାୟୀ ବୈଧ ବିଦ୍ୟୁତ୍ ସଂଯୋଗ ନେବାକୁ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ନିବେଦନ କରାଯାଇଛି।

ସମଗ୍ର କେନ୍ଦ୍ର ଓଡ଼ିଶାରେ ପୂଜା ମଣ୍ଡପ, ଅସ୍ଥାୟୀ ଦୋକାନ ଏବଂ ଆଲୋକସଜ୍ଜା ହେବାକୁ ଥିବାରୁ, କମ୍ପାନୀର ସେକ୍ସନ, ସବ୍-ଡିଭିଜନ କିମ୍ବା ଡିଭିଜନ କାର୍ଯ୍ୟାଳୟରୁ ଅସ୍ଥାୟୀ ସଂଯୋଗ ନେବାକୁ ଟିପିସିଓଡିଏଲ୍ ଆୟୋଜକମାନଙ୍କୁ ପରାମର୍ଶ ଦେଇଛି। ଏହାସହ ବେଆଇନ ହୁକିଂ ଏବଂ ଅଣଅଧିକୃତ ସଂଯୋଗ ବିରୁଦ୍ଧରେ ସତର୍କ କରାଇ ଦିଆଯାଇଛି, ଯାହା ବିଦ୍ୟୁତ୍ ଆଘାତ, ସର୍ଟ ସର୍କିଟ୍, ଅଗ୍ନିକାଣ୍ଡ, ଟ୍ରାନ୍ସଫର୍ମର ଓଭରଲୋଡିଂ ଏବଂ ବିଦ୍ୟୁତ୍ ବିଭ୍ରାଟ ଭଳି ବିପଦ ସୃଷ୍ଟି କରିପାରେ।

ବିଦ୍ୟୁତ୍ ଆଘାତରୁ ସୁରକ୍ଷା ପାଇଁ ପଞ୍ଜୀକୃତ ଇଲେକ୍ଟ୍ରିସିଆନ ନିୟୋଜିତ କରିବା, ସଠିକ୍ ୱାୟାରିଂ, ଉପଯୁକ୍ତ ଆର୍ଥିଂ ଏବଂ ୩୦ ଏମ୍ଏ ଆରସିସିବି ସ୍ଥାପନ ନିଶ୍ଚିତ କରିବାକୁ ପୂଜା କମିଟିଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଆୟୋଜକମାନଙ୍କୁ ଏଲ୍‌ଇଡି ଲାଇଟ୍ ବ୍ୟବହାର କରିବା, ଇଲେକ୍ଟ୍ରିକାଲ ସର୍କିଟ୍ ଏବଂ ସକେଟ୍‌ରେ ଅତ୍ୟଧିକ ଭାର (ଓଭରଲୋଡିଂ) ନ ଦେବା, ମାନକ ଗୁଣବତ୍ତା ବିଶିଷ୍ଟ ବୈଦ୍ୟୁତିକ ଉପକରଣ ବ୍ୟବହାର କରିବା ଏବଂ ମଣ୍ଡପରେ ଅଗ୍ନିଶମ ଯନ୍ତ୍ର (ଫାୟାର ଏକ୍ସଟିଙ୍ଗୁଇସର) ମହଜୁଦ ରଖିବାକୁ ମଧ୍ୟ କୁହାଯାଇଛି। ସୁରକ୍ଷା ପରାମର୍ଶରେ, ସାଜସଜ୍ଜା, ବ୍ୟାନର ଏବଂ ପତାକାଗୁଡ଼ିକୁ ଓଭରହେଡ୍ ପାୱାର ଲାଇନ୍ ଏବଂ ବୈଦ୍ୟୁତିକ ଭିତ୍ତିଭୂମିଠାରୁ ଦୂରରେ ରଖିବା, ବିଦ୍ୟୁତ୍ ଭିତ୍ତିଭୂମି ନିକଟରେ ପତାକା ଧରିବା ପାଇଁ ଧାତବ ରଡ୍ ବ୍ୟବହାର ନକରିବା, ଶୋଭାଯାତ୍ରା ଏବଂ ଭସାଣୀ ସମୟରେ ଖୁଣ୍ଟ, ଟ୍ରାନ୍ସଫର୍ମର ଏବଂ ଓଭରହେଡ୍ ଲାଇନ୍‌ଠାରୁ ନିରାପଦ ଦୂରତା ବଜାୟ ରଖିବା, ଟ୍ରାନ୍ସଫର୍ମର, ସବ୍-ଷ୍ଟେସନ କିମ୍ବା ଅନ୍ୟାନ୍ୟ ବୈଦ୍ୟୁତିକ ସଂସ୍ଥାପନ ନିକଟରେ ବାଣ ନଫୁଟାଇବା। ଖରାପ କିମ୍ବା ଖୋଲା ଥିବା ତାରଗୁଡ଼ିକୁ ତୁରନ୍ତ ବଦଳାଇବା, ପାର୍ବଣ ସମୟରେ ମଣ୍ଡପରେ ଥିବା ବିଦ୍ୟୁତ୍ ସଂଯୋଗଗୁଡ଼ିକୁ ନିୟମିତ ଯାଞ୍ଚ କରାଯିବା ଆଦି ରହିଛି।

ବିଦ୍ୟୁତ୍ ଯୋଗାଣ ସମ୍ବନ୍ଧୀୟ ସମସ୍ୟା ଏବଂ ଜରୁରୀକାଳୀନ ପରିସ୍ଥିତିରେ ଗ୍ରାହକମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଟିପିସିଓଡିଏଲ୍‌ର ୨୪ଘଣ୍ଟିଆ ଗ୍ରାହକ ସେବା କେନ୍ଦ୍ର ୧୯୧୨ / ୧୮୦୦ ୨୦୨୭ ରେ ଉପଲବ୍ଧ ରହିବ।

ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଗଜାନନ ଏସ୍. କାଲେ କହିଛନ୍ତି,, ସମଗ୍ର ଦଶହରା ଉତ୍ସବରେ ନିରାପଦ ଏବଂ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବା ପାଇଁ ଆମେ ପ୍ରତିବଦ୍ଧ। ଆମେ ପୂଜା କମିଟି, ଦୋକାନୀ ଏବଂ ନାଗରିକମାନଙ୍କୁ ବୈଧ ବିଦ୍ୟୁତ୍ ସଂଯୋଗ ନେବାକୁ ଏବଂ ବିଦ୍ୟୁତ୍ ସୁରକ୍ଷା ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଅନୁରୋଧ କରୁଛୁ। ସାମାନ୍ୟ ସତର୍କତା ଏବଂ ସାମୂହିକ ଦାୟିତ୍ୱବୋଧ ଦୁର୍ଘଟଣାକୁ ରୋକିବାରେ ଏବଂ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ ତଥା ଆନନ୍ଦଦାୟକ ଉତ୍ସବ ନିଶ୍ଚିତ କରିବାରେ ବହୁତ ସହାୟକ ହୋଇପାରିବ।